ପ୍ରାଚୀ ଗ୍ରନ୍ଥମାଳା ଏକବିଂଶ

ନଳଚରିତ

ମଧୁସୂଦନ

Digitized by srujanika@gmail.com

Prescribed by the Utkal University for the Matriculation Classes.

ନଳ ଚରିତ

ମଧୁସୂଦନ ଦାସ

ମୂଲ୍ୟ ଛଅ ଅଣା ମାତ୍ର
ଅତିରିକ୍ତ ଛଅ ପଇସା

Digitized by srujanika@gmail.com

୧୯୪୭ ମସିହା
ଅଷ୍ଟମ ମୁଦ୍ରଣ—୩୦୦୦

ଟୀକା ଓ ମୁଖବନ୍ଧ ସହ
ପ୍ରାଚୀ ସମିତି ପକ୍ଷରୁ

ଷ୍ଟୁଡେଣ୍ଟସ୍ ଷ୍ଟୋର
ଦ୍ୱାରା ପ୍ରକାଶିତ

ସର୍ବସ୍ୱତ୍ୱ ସଂରକ୍ଷିତ

Digitized by srujanika@gmail.com

ମୁଖବନ୍ଧ

ଅନେକ ମନେ କରୁଥାଆନ୍ତି ଯେ, ଏହି ବିଂଶ ଶତାବ୍ଦୀର ଆନ୍ତର୍ଜାତିକ ସମ୍ପର୍କ ଆମ୍ଭମାନଙ୍କର ଜାତୀୟ ସାହିତ୍ୟର ଅଗ୍ରଗତିକୁ ବହୁତୋମୁଖୀ କରିପାରିଛି । ତାହାର ଫଳରେ ନାନା ଶ୍ରେଣୀର ଓ ନାନା ରୁଚିର ଅନୁକୂଳ ସାହିତ୍ୟ ଗଠିତ ହେଉଅଛି । କୌଣସେ କୌଣସି ପ୍ରାଦେଶିକ ସାହିତ୍ୟ ପକ୍ଷରେ ଏ ଯୁକ୍ତି ଖଟିପାରେ, କିନ୍ତୁ ଓଡ଼ିଆ ସାହିତ୍ୟ ପକ୍ଷରେ ଏହା ପ୍ରଯୁଜ୍ୟ ନୁହେଁ । ପ୍ରାଚୀନ କାଳରେ ଓଡ଼ିଶାର କବିସମ୍ପ୍ରଦାୟ ସକଳ ଶ୍ରେଣୀର ସାହିତ୍ୟ ସୃଷ୍ଟି କରି ଯାଇଅଛନ୍ତି । ଶିଶୁ ମନର ଉପଯୋଗୀ ସରଳ ତରଳ ଶିଶୁ-ସାହିତ୍ୟ, ଯୁବକ ପ୍ରାଣର ଉଲ୍ଲାସପ୍ରଦ ଲଳିତ ମଧୁର କାବ୍ୟ ଏବଂ ବିଷୟ-ବିରାଗୀ ତଥା ଶ୍ରେୟଃକାମୀ ବୃଦ୍ଧ ଜୀବନର ପ୍ରଶମାନୁକୂଳ ଆଧ୍ୟାତ୍ମିକ ଗ୍ରନ୍ଥ ଆଦି ସକଳ ପ୍ରକାର ସାହିତ୍ୟବିଭବ ଉତ୍କଳବାଣୀଙ୍କ ମନ୍ଦିରରେ ପୁଞ୍ଜୀଭୂତ । ଆମ୍ଭମାନଙ୍କର ବର୍ତ୍ତମାନ ଆଲୋଚ୍ୟ କବି ମଧୁସୂଦନଙ୍କ ପ୍ରଣୀତ 'ନଳଚରିତ' କାବ୍ୟଟି ଶିଶୁମନର ସରଳଧାରଣାକୁ ଉଦ୍‌ବୋଧିତ କରିବା ଉଦ୍ଦେଶ୍ୟରେ ଗଢ଼ା ଏବଂ ଅର୍ଦ୍ଧଶିକ୍ଷିତ ଜନସାଧାରଣଙ୍କର ରୁଚିକୁ ପରିମାର୍ଜିତ କରି କ୍ରମେ ଉନ୍ନତ ଧରଣର ସାହିତ୍ୟ ବା କଳାକୌଶଳ ପ୍ରତି ଆକୃଷ୍ଟ କରିବାପାଇଁ ଉନ୍ମୁଖ । ବର୍ତ୍ତମାନ ଯୁଗ ପରି ପ୍ରାଚୀନ ଯୁଗରେ ଗଦ୍ୟ ଲେଖାର ବହୁଳ ପ୍ରଚଳନ ଦେଶରେ ନ ଥିବାରୁ କବି ମଧୁସୂଦନ ଜନସାଧାରଣଙ୍କ ସରଳ ମାନସିକତା ପ୍ରତି ଲକ୍ଷ୍ୟ ରଖି ଏ କାବ୍ୟଟି ପଦ୍ୟରେ ଲେଖି ଅଛନ୍ତି । ତେଣୁ କାବ୍ୟକଳାର ଉନ୍ନତ

Digitized by srujanika@gmail.com

ଘଗକାଷ୍ଠା ବା କବିକଳ୍ପନାର ସମନ୍ଵିତା ଚଳଚରିତ୍ରରେ ଲକ୍ଷିତ ହୁଏ ନାହିଁ ।

ମହାଭାରତର ବନପର୍ବ ଅନ୍ତର୍ଗତ ନଳ-ଦମୟନ୍ତୀ ଉପାଖ୍ୟାନ ଯେପରି ଚିତ୍ତାକର୍ଷକ ସେହିପରି ମଧ୍ୟ ଶିକ୍ଷାପ୍ରଦ । ପ୍ରାଚୀନ ଯୁଗରେ ଏକାଧିକ କବି ସେହି ଉପାଖ୍ୟାନର ଅବଲମ୍ବନରେ ଗ୍ରନ୍ଥମାନ ରଚନା କରିଥିବାର ଦେଖାଯାଏ । ଶୂଦ୍ରମୁନି ସାରଳା ଦାସଙ୍କ ପ୍ରଣୀତ ଓଡ଼ିଆ 'ମହାଭାରତ'ରେ ସେ ବର୍ଣ୍ଣନାର ଉଲ୍ଲେଖ ଦେଖାଯାଏ; କିନ୍ତୁ ସେଥିରେ ସ୍ଥାନେ ସ୍ଥାନେ ମୂଳ ମହାଭାରତ ତୁଳନାରେ ଘଟନା ପରମ୍ପରାର ସାମାନ୍ୟ ଇତର ବିଶେଷ ହୋଇଥିବାର ପରିଚୟ ମିଳେ । ତା ଛଡ଼ା ଶିଶୁ ଈଶ୍ବର ଦାସ ନାମକ ଅନ୍ୟ ଏକ ଉତ୍କଳୀୟ କବି ଏହି କଥାଭାଗର ଅବଲମ୍ବନରେ 'ନଳରାମଚରିତ' ନାମକ ଅନ୍ୟ ଏକ ଗ୍ରନ୍ଥ ଲେଖିଥିବାର ଜଣାଯାଇଅଛି । ଅସ୍ମମାନଙ୍କର କବି ମଧୁସୂଦନ ଭଞ୍ଜଙ୍କ 'ନଳ-ଚରିତ'ରେ ମୂଳ ମହାଭାରତର ଉପାଖ୍ୟାନ ଅଂଶକୁ ମୂର୍ତ୍ତିଭାବରେ ଗ୍ରହଣ କରି ନ ଥିଲେହେଁ ଶୂଦ୍ରମୁନିଙ୍କ ପରି ନାନା ଅବାନ୍ତର କାଳ୍ପନିକ ବର୍ଣ୍ଣନାକୁ ଅବଶ୍ୟ କାବ୍ୟ ମଧ୍ୟରେ ସ୍ଥାନ ଦେଇ ନାହାନ୍ତି । ସେ ସାରଳା ମହାଭାରତ ପାଠ କରିଥିବେ; କିନ୍ତୁ ମୂଳ ମହାଭାରତ ନିଜେ ପାଠ କରି ନାହାନ୍ତି ବୋଲି ଅନୁମିତ ହୁଏ । ଏପରି ହେଲେ ସୁଦ୍ଧା ପୁରାଣକାରମାନଙ୍କ ମୁଖରୁ ତାହାର ବ୍ୟାଖ୍ୟା ଶୁଣିବାର ସୁଯୋଗ ନିଶ୍ଚୟ ତାଙ୍କ ଭାଗ୍ୟରେ ଘଟିଥିବ । ତେଣୁ 'ନଳ-ଚରିତ'ର କଥାବସ୍ତୁରେ ମୂଳ ମହାଭାରତଠାରୁ ପାର୍ଥକ୍ୟ ଲକ୍ଷିତ ହେବାର କିଛି ବିଚିତ୍ରତା ନାହିଁ । ପୁରାଣମାନଙ୍କରେ ଯେପରି ଶ୍ରୋତା ଓ ବକ୍ତାର ଅବତାରଣା କରାଯାଇ ବର୍ଣ୍ଣନୀୟ ବିଷୟଟିର

Digitized by srujanika@gmail.com

ସୂତପାତ କରାଯାଏ, ଏ ସ୍ଥଳରେ ଠିକ୍ ତାହାହିଁ ହୋଇଅଛି । ସୀତା ହରଣରେ ଅଧୀର ହୋଇ ରାମ ଯେତେବେଳେ ବିଷାଦ-ମଳିନ ମୁଖରେ ବସି ନାନା କଳ୍ପନା ଜଳ୍ପନାରେ ବ୍ୟସ୍ତ, ଯେତେବେଳେ ମହର୍ଷି ମାର୍କଣ୍ଡେୟ ସେଠାରେ ଉପସ୍ଥିତ ହୋଇଅଛନ୍ତି ଏବଂ ରାମଙ୍କର ଦୁଃଖ ଦୁର୍ଦ୍ଦଶାରେ ସମବ୍ୟଥା ଅନୁଭବ କରି ଆଶ୍ୱାସନା ପ୍ରଦାନରେ ତାଙ୍କ ହୃଦୟ ଭାରକୁ ଲଘୁ କରିବାପାଇଁ ତାଙ୍କ ଅପେକ୍ଷା ଅଧିକତର ଦୁଃଖୀ ନଳରାଜାଙ୍କ ଚରିତ ଶୁଣାଇ ଅଛନ୍ତି । ଏଥିରେ ରାମ ଶ୍ରୋତା ଓ ମାର୍କଣ୍ଡେୟ ମୁନି ବକ୍ତା । ମୂଳ ମହାଭାରତ ଅନୁସାରେ ମହର୍ଷି ବୃହଦଶ୍ୱ ବକ୍ତା ଓ ଧର୍ମାତ୍ମା ଯୁଧିଷ୍ଠିର ଶ୍ରୋତା; କିନ୍ତୁ ସାରଳା ମହାଭାରତରେ ବ୍ୟାସଦେବ ବକ୍ତା ଓ ଯୁଧିଷ୍ଠିର ଶ୍ରୋତା ।

ପ୍ରଥମ ଛାନ୍ଦ—ମୂଳ ମହାଭାରତରେ ପ୍ରଥମ ଛାନ୍ଦ ବର୍ଣ୍ଣିତ କଥା ଟିକିଏ ଭିତରି ବିଶେଷ ଭାବରେ ଅଛି । ସେଥିରୁ ଜଣାଯାଏ ଯେ, ଅଶ୍ୱବିଦ୍ୟାରେ ନଳଙ୍କର ଭଲ ଜ୍ଞାନ ଥିଲା ଏବଂ ପଶା ଖେଳିବାକୁ ସେ ଭାରି ଭଲ ପାଉଥିଲେ । ଦମୟନ୍ତୀଙ୍କ ପ୍ରସଙ୍ଗରେ ଲେଖାଅଛି ଯେ, ସେ ଆଗରୁ ନଳଙ୍କର ରୂପଗୁଣର ପ୍ରଶଂସା ଲୋକମୁଖରୁ ଶୁଣି ତାଙ୍କ ପ୍ରତି ଆକୃଷ୍ଟ ହୋଇଥିଲେ । ନଳଙ୍କ ପ୍ରାଣରେ ଯେତେବେଳେ ଦମୟନ୍ତୀଙ୍କ ସହ ମିଳିତ ହେବାର ବାସନା ପ୍ରବଳ ଭାବରେ ବଢ଼ି ଉଠିଲା, ସେତେବେଳେ ସେ ଅନ୍ତଃପୁର ନିକଟରେ ଥିବା କାନନରେ ନିର୍ଜନବାସ କଲେ । ଥରେ ଦଳେ ସୁବର୍ଣ୍ଣପକ୍ଷଭୂଷିତ ହଂସ ସେଠାରେ ବିଚରଣ କରୁଥିବାର ଦେଖି ସେ ସେମାନଙ୍କ ମଧ୍ୟରୁ ଗୋଟିଏ ହଂସକୁ ଧରିଲେ । ହଂସଟି ପ୍ରାଣଭୟରେ ବହୁତ ଅନୁନୟ ବିନୟ

Digitized by srujanika@gmail.com

କରି କହିଲା, "ମୋତେ ମାରନ୍ତୁ ନାହିଁ, ମୁଁ ଆପଣଙ୍କର ଅଶେଷ ଉପକାର କରିବି"—ଇତ୍ୟାଦି ଇତ୍ୟାଦି । ସ୍ୱୟମ୍ବର ପ୍ରସଙ୍ଗରୁ ମିଳେ ଯେ, ମହର୍ଷି ନାରଦଙ୍କଠାରୁ ଇନ୍ଦ୍ରାଦି ଦିଗପାଳଗଣ ଦମୟନ୍ତୀଙ୍କ ବିବାହ ସମ୍ବାଦ ଶୁଣି ବିଦର୍ଭ ଦେଶକୁ ଯାଇଥିଲେ ଏବଂ ପଥରେ ନଳଙ୍କୁ ଦେଖି ଦୂତରୂପେ ମଧ୍ୟ ପଠାଇଲେ । ଦମୟନ୍ତୀଙ୍କ ବରମାଲ୍ୟ ପ୍ରଦାନ ସମ୍ପର୍କରେ ଲେଖାଅଛି ଯେ, ଯେତେବେଳେ ନଳଙ୍କ ଗଳାରେ ବରଣମାଳା ଅର୍ପିତ ହେଲା, ସେତେବେଳେ ସଭାସ୍ଥିତ ସକଳ ରାଜା ତାଙ୍କର ପ୍ରଶଂସା କରିଥିଲେ । ପରେ ପତିପତ୍ନୀ ଉଭୟେ ଇନ୍ଦ୍ରାଦି ଦିଗପାଳମାନଙ୍କୁ ଦର୍ଶନ କରି ମନେ ମନେ ସେମାନଙ୍କର ଶରଣାପନ୍ନ ହେବାରୁ ସେମାନେ ପ୍ରୀତ ହୋଇ ଆଠଗୋଟି ବର ପ୍ରଦାନ କରିଥିଲେ ।

ଶୂଦ୍ରମୁନି ସାରଳାଦାସଙ୍କ ମହାଭାରତ ଅନୁସାରେ କୁଞ୍ଜିକୁସ ନବାଖଣ୍ଡରେ ଥିବା ନିଷଧ ଦେଶର ରାଜାଙ୍କ ନାମ ନିଷଧ ଏବଂ ରାଣୀଙ୍କ ନାମ ଋତୁମତୀ । ନଳକୁମର ଏହି ନିଷଧଙ୍କର ପୁତ୍ର । ସ୍ୱର୍ଣ୍ଣହଂସ ପ୍ରସଙ୍ଗରେ ଲେଖାଅଛି ଯେ, ସେ ଯେତେବେଳେ ନଳଙ୍କର ପ୍ରିୟକାର୍ଯ୍ୟ କରିବାକୁ ପ୍ରତିଜ୍ଞା କଲା, ସେ ସେତେବେଳେ ତାହାକୁ ଅନେକ ବସ୍ତ୍ରଭୂଷଣରେ ଭୂଷିତ କରି ବିଦର୍ଭ ଦେଶକୁ ପଠାଇଥିଲେ । ହଂସଟି ଦମୟନ୍ତୀଙ୍କୁ ନଳଙ୍କ ରୂପଗୁଣର ପ୍ରଶଂସା ଶୁଣାଇବା ସଙ୍ଗେ ସଙ୍ଗେ ତାଙ୍କର ଗୋଟିଏ ଚିତ୍ରପଟ ମଧ୍ୟ ଦେଖାଇଥିଲା—ଇତ୍ୟାଦି ଇତ୍ୟାଦି । ଏହାଛଡ଼ା ଅନ୍ୟାନ୍ୟ ବର୍ଣ୍ଣନାମାନ ନଳଚରିତ ଓ ମୂଳ ମହାଭାରତର ଅନୁରୂପ; କିନ୍ତୁ ମୂଳ ମହାଭାରତର ଦିଗପାଳମାନଙ୍କର ବରଦାନ ପ୍ରସଙ୍ଗ ଏଥିରେ ଆଦୌ ସ୍ଥାନ ପାଇ ନାହିଁ ।

Digitized by srujanika@gmail.com

ଦ୍ୱିତୀୟ ସ୍କନ୍ଦ—ମୂଳ ମହାଭାରତରୁ ମିଳେ ଯେ, କଳି ଓ ଦ୍ୱାପର ନଳ ରାଜାଙ୍କର କୌଣସି ଛିଦ୍ର ନ ପାଇ ବାରବର୍ଷ ପର୍ଯ୍ୟନ୍ତ ଅପେକ୍ଷା କରି ରହିଥିଲେ । ବାରବର୍ଷ ପରେ ଥରେ ସେ ପ୍ରସ୍ରାବ କରି ଶୁଚ ନ ହୋଇ ସନ୍ଧ୍ୟା କଲେ । ଏହି ଅନ୍ୟାୟ ଦେଖି କଳି ତାଙ୍କ ଦେହରେ ପ୍ରବେଶ କଲା ଏବଂ ଅନ୍ୟ ଏକ ରୂପ ଧରି ତାଙ୍କ ଭାଇ ପୁଷ୍କରକୁ ତାଙ୍କ ସଙ୍ଗେ ପଶା ଖେଳିବାକୁ ପ୍ରବର୍ତ୍ତାଇଲା । ତହୁଁ ପୁଷ୍କର ତାଙ୍କୁ ପଶା ଖେଳିବାକୁ ଡାକିଲା । ଏହି ସମୟରେ କଳି ଗୋଟିଏ ବୃଷରୂପ ଧରି ସେଠାରେ ବୁଲୁଥାଏ । ସେହି ବୃଷକୁ ପଣ ରଖି ଖେଳିବାକୁ ପୁଷ୍କର ପ୍ରସ୍ତାବ କଲା । ନଳ ଆଉ ସହି ନ ପାରି ତାହା ସଙ୍ଗେ ପଶା ଖେଳି କ୍ରମେ କ୍ରମେ ସବୁ ହାରିଲେ । ରାଜାଙ୍କ ମତଗତି ବଦଳାଇ ଭଲ ବାଟକୁ ଆଣିବାପାଇଁ ଦମୟନ୍ତୀ ଅନେକ ଚେଷ୍ଟା କଲେ; କିନ୍ତୁ କାହିଁରେ କିଛି ଫଳ ହେଲା ନାହିଁ । ତହୁଁ ସେ ପୁଅଝିଅ ଦୁହିଁଙ୍କୁ ରଥରେ ବସାଇ ସାରଥି ବାର୍ଷ୍ଣେୟ ସଙ୍ଗରେ ନିଜର ବାପଘରକୁ ପଠାଇଦେଲେ । ସାରଥି ସେମାନଙ୍କୁ ବାପଘରେ ଛାଡ଼ି-ଦେଇ ଭୀମରାଜଙ୍କୁ ସବୁ କଥା ଜଣାଇଲା ଏବଂ ଶେଷରେ ଅଯୋଧ୍ୟାର ଋତୁପର୍ଣ୍ଣ ରାଜାଙ୍କ ପାଖକୁ ଯାଇ ତାଙ୍କର ସାରଥି ହୋଇ ରହିଲା ।

ସାରଳା ମହାଭାରତରୁ ଜଣାଯାଏ ଯେ କଳି ପୀଡ଼ାରେ ନଳ ବୁଦ୍ଧି ହରାଇ ସବୁବେଳେ ନିଜର ସ୍ତ୍ରୀ ସଙ୍ଗରେ ପଶା ଖେଳିବାକୁ ଲାଗିଲେ । ଏ ଖେଳରେ ଦ୍ୱାପର ସାରି ଏବଂ କଳି କାଠି ହୋଇଥାଏ । ପଶା ଖେଳରେ ରାଜାଙ୍କର ପ୍ରତିପତ୍ତି ଓ ପ୍ରଶଂସା ଶୁଣି ପୁଷ୍କର ତାଙ୍କର ପ୍ରତିଦ୍ୱନ୍ଦୀ ହୋଇ ଖେଳିଲା । ବାଜି ରଖି ଖେଳୁ ଖେଳୁ ନଳ ଶେଷରେ ରାଜ୍ୟ ଧନସମ୍ପଦ ସବୁ

Digitized by srujanika@gmail.com

ହାରିଲେ । ଏହା ଦେଖି ଦମୟନ୍ତୀ ଇନ୍ଦ୍ର, ମର୍ଦ୍ଦନ ଓ ବ୍ରହ୍ମ ନାମରେ ତିନି ପୁଅଙ୍କୁ ଓ ଜେମା ନାମରେ ଗୋଟିଏ ଝିଅକୁ ମାମୁ ଘରକୁ ପଠାଇଦେଲେ ।

ତୃତୀୟ ଖଣ୍ଡ—ମୂଳ ମହାଭାରତର ବର୍ଣ୍ଣନା ଅବିକଳ ଏହାର ଅନୁରୂପ । ନଳଙ୍କୁ ସାହାଯ୍ୟ ସହାନୁଭୂତି ନ ଦେଖାଇବା ପାଇଁ ପୁଷ୍କରଙ୍କର ଯେଉଁ ଘୋଷଣା ପ୍ରସ୍ତର ନଳଚରିତରୁ ମିଳେ, ସାରଳା ମହାଭାରତରେ ତାହାର ଉଲ୍ଲେଖ ଦେଖାଯାଏ ନାହିଁ ।

ଚତୁର୍ଥ ଖଣ୍ଡ—ମୂଳ ମହାଭାରତକାର ନଳ-ଉପାଖ୍ୟାନର ଏହି ଅଂଶଟି ଯେପରି ଭାବରେ ରଚିତ କରିଅଛନ୍ତି, ତହିଁରେ ଅନେକ ଐତିହାସିକ ଓ ଭୌଗୋଳିକ ବିବରଣ ସ୍ଥାନ ପାଇ-ଅଛି । ତେବେ ଏ ସ୍ଥଳରେ ଜନସାଧାରଣଙ୍କ ସରଳ ମନର ଉପଯୋଗୀ କରି କବି ମଧୁସୂଦନ ନଳଚରିତର ମହତ୍ତ୍ୱ ଫୁଟାଇବାକୁ ଚେଷ୍ଟା କରିଥିବାରୁ ସେ ସମସ୍ତ ପରିହାର କରିବା ତାଙ୍କ ପକ୍ଷରେ ବୁଦ୍ଧିମାନର କାର୍ଯ୍ୟ ହୋଇଅଛି ବୋଲି ଆମ୍ଭ-ମାନଙ୍କର ଧାରଣା । ଏତଦ୍‌ବ୍ୟତୀତ ଅଧ୍ୟାୟ ବର୍ଣ୍ଣନାମାନ ନଳଚରିତର ଅନୁରୂପ ବୋଲି କୁହାଯାଇପାରେ । ତେବେ ପାର୍ଥକ୍ୟ ଭିତରେ ଏତିକି ଯେ, ସୁବାହୁ-କଟକରେ ଦ୍ୱାରୀ-ମାନେ ଦମୟନ୍ତୀଙ୍କୁ ମାଡ଼ିଦେବା କଥା ଯାହା କବି ବର୍ଣ୍ଣନା କରିଅଛନ୍ତି, ତାହା ମୂଳ ମହାଭାରତରେ ନାହିଁ । ତାହା ଛଡ଼ା ସୁବାହୁଙ୍କ ଭଗିନୀ ମୂଳ ମହାଭାରତର ସୁପ୍ରତିଷ୍ଠା ନାମରେ ନାମିତ ନ ହୋଇ ସୁନନ୍ଦା ନାମରେ ଅଭିହିତ ହୋଇଅଛନ୍ତି ।

ସାରଳା ମହାଭାରତର ବର୍ଣ୍ଣନା ଅନୁସାରେ ଦମୟନ୍ତୀ ପ୍ରଥମେ ଅଜଗର ମୁହଁରୁ ଓ ପରେ ଶବରର ହାତରୁ ଆତ୍ମରକ୍ଷା

Digitized by srujanika@gmail.com

କର ଶେଷରେ କାବେରୀ ନଦୀ କୂଳରେ ଦଳେ ବଣିକଙ୍କୁ ନଳଙ୍କ ସମ୍ବାଦ ପଚାରିଥିଲେ । ବଣିକ ଦଳର ନେତା ତାଙ୍କ ରୂପର ମୋହରେ ମୁଗ୍ଧ ହୋଇ ବିବାହ କରିବାକୁ ଇଚ୍ଛାପ୍ରକାଶ କରିବାରୁ ସେ ତାଙ୍କୁ ଅଭିଶାପ ଦେଇ ସେଠାରୁ ବୈଶ୍ୟ ନାମକ ଏକ ଦେଶକୁ ଚାଲିଗଲେ । ଏଣେ ରାତିରେ ଦଳେ ମତୁଆଲା ହାତୀ କାବେରୀ କୂଳର ସେହି ବଣିକ ମଣ୍ଡଳରେ ପଶି ସେମାନଙ୍କୁ ଛିନ୍ନଭିନ୍ନ କରିଦେଲେ । ତା ପରେ ଦମୟନ୍ତୀ କ୍ରମେ ବସୁ ନାମକ ଦେଶରେ ପହଞ୍ଚିଲେ । ସେଠାରେ ବନ୍ଧୁଲ ନାମକ ନାଗମାତା ତାହାଙ୍କୁ ଦେଖି ଆଶ୍ରୟ ଦେଲେ । ଏଣେ ଦମୟନ୍ତୀଙ୍କ ପିତା ଭୀମରାଜା କନ୍ୟାର ସନ୍ଧାନପାଇଁ ଚାରିଆଡ଼େ ଯେଉଁ ଚରମାନଙ୍କୁ ପଠାଇଥିଲେ ସେମାନଙ୍କ ମଧ୍ୟରୁ ସୁଦେବ ନାମରେ ଗୋଟିଏ ଚର ବଜସ୍ଥା ନଗରରେ ପହଞ୍ଚି ସେଠାରେ ପାଞ୍ଚଦିନ ରହିଲା ପରେ ଦିନେ ଦମୟନ୍ତୀ ଗଙ୍ଗାକୁ ଗାଧୋଇ-ବାକୁ ଯାଉଥିବାର ଦେଖିଲା । ଉଭୟେ ପରସ୍ପରକୁ ଚିହ୍ନି ପାରିଲେ । କ୍ରମେ ଏ ସମ୍ବାଦ ବନ୍ଧୁଲଙ୍କ କାନରେ ବାଜିଲା । ସେ ସୁଦେବଙ୍କୁ ଡକାଇ ସବୁକଥା ପଚାରି ବୁଝିଲେ ଏବଂ ପରେ ନିଜେ ଦମୟନ୍ତୀଙ୍କୁ ନେଇ ବିଦର୍ଭ ଦେଶରେ ଛାଡ଼ି ଆସିଲେ ।

ପଞ୍ଚମ ସ୍ଥାନ—ମୂଳ ମହାଭାରତରୁ ଜଣାଯାଏ ଯେ, କର୍କୋଟକ ନାଗ ନାରଦଙ୍କ ଅଭିଶାପରେ ଅଚଳ ହୋଇ ବଣରେ ପଡ଼ିଥିଲା । ନଳ ତାହାକୁ ହାତରେ ଧରି ଦଶପାହଣ୍ଡ ଦୂରକୁ ନିଅନ୍ତେ ସେ ତାହାଙ୍କୁ ଦଂଶନ କଲା ଏବଂ ନିଜ ରୂପ ଧରି କହିଲା—"କେହି କାଳେ ଆପଣଙ୍କୁ ନଳ ବୋଲି ଚିହ୍ନି ପାରିବେ, ସେହି ଆଶଙ୍କାରେ ମୁଁ ଦଂଶନ କରି ଆପଣଙ୍କୁ ବିରୂପ କଲି । ଆପଣ ମୋ ବିଷଜ୍ୱାଳାରେ କିଛି କଷ୍ଟ ପାଇବେ

Digitized by srujanika@gmail.com

ନାହିଁ; କିନ୍ତୁ ଯେ ଆପଣଙ୍କୁ ଏତେ ଉପଦ୍ରବ ଦେଉଛି, ସେ ଆପଣଙ୍କ ଦେହରେ ଥିବା ପର୍ଯ୍ୟନ୍ତ କଷ୍ଟ ପାଉଥିବ । ମୋ ଅନୁଗ୍ରହରୁ ଆଉ ଏଣିକି କେହି ଆପଣଙ୍କର କିଛି ଅନିଷ୍ଟ କରି ପାରିବେ ନାହିଁ । ଆଉ ବିଳମ୍ବ ନ କରି ଆପଣ ଅଯୋଧ୍ୟାର ରାଜା ଋତୁପର୍ଣ୍ଣଙ୍କ ପାଖକୁ ଯାଆନ୍ତୁ ଏବଂ ବାହୁକ ସାରଥି ବୋଲି ଆପଣାର ପରିଚୟ ଦିଅନ୍ତୁ । ପଶାଖେଳରେ ସେ ରାଜାଙ୍କର ଖୁବ୍ ଦକ୍ଷତା ଅଛି । ସେ ଆପଣଙ୍କ ଠାରୁ ଅଶ୍ୱବିଦ୍ୟା ଶିଖି ପଶାଖେଳର କୌଶଳ କହିଦେବେ ଏବଂ ତାହାରି ବଳରେ ପୁନର୍ବାର ଆପଣଙ୍କ ଭାଗ୍ୟ ଫେରି ଆସିବ ଓ ରାଜ୍ୟ, ସ୍ତ୍ରୀ, ସନ୍ତାନ ପ୍ରଭୃତିଙ୍କ ସଙ୍ଗେ ମିଳନ ଘଟିବ ।” ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ବର୍ଣ୍ଣନାମାନ ନଳଚରିତର ଅନୁରୂପ ।

ସାରଳା ମହାଭାରତରୁ ଜଣାଯାଏ ଯେ, ଦମୟନ୍ତୀ ବାପଘରେ ପାଞ୍ଚବର୍ଷ ରହିଲା ପରେ ନଳଙ୍କୁ ନ ପାଇ ଚିତାରେ ପଶି ପ୍ରାଣ ହରାଇବା ଠିକ୍ କଲେ । ତହିଁ ତାଙ୍କର ମା ଏ କଥା ଶୁଣି ନଳଙ୍କୁ ଖୋଜିବା ପାଇଁ ଚାରିଆଡ଼କୁ ଚାର ପଠାଇଲେ । ଏପରି ସମୟରେ କଳିକାଳ କପଟରେ ଗୋଟିଏ ଶବର ବେଶ ଧରି ବିଦର୍ଭ ଦେଶବାଟେ ଯାଉଥିଲା । ଦମୟନ୍ତୀ ତାକୁ ନଳଙ୍କ ସନ୍ଦେଶ ପଚାରିଲାକ୍ଷଣି ସେ କାନ୍ଦି କାନ୍ଦି କହିଲା—“କର୍କୋଟକ ନାଗ ତାଙ୍କୁ ଗିଳି ଦେଉଥିବା ବେଳେ ମୁଁ ସେଠାରେ ପହଞ୍ଚି-ଗଲି । ମୋତେ ଦେଖି ସେ ହାତରୁ ମୋହ-ବଦମାଳି ଫିଟାଇ ତୁମକୁ ଦେବାପାଇଁ ମୋତେ ଦେଲେ । ଆଜକୁ ପ୍ରାୟ ନଅ ମାସ ହେଲା ମୁଁ ତୁମକୁ ଖୋଜି ଖୋଜି ବୁଲୁଛି ।” ଏହା କହି ସେ ମୋହ-ବଦମାଳିକି ତାଙ୍କ ଆଗକୁ ଫିଙ୍ଗି ଦେଲା । ତାହାକୁ ଦେଖି ଦମୟନ୍ତୀ ଅତି ଉତ୍କଳରେ ନଳଙ୍କୁ ଝୁରି ଝୁରିକା

Digitized by srujanika@gmail.com

କେତେକ ସମୟ ପରେ ମରିଗଲେ । ତାଙ୍କର ପୁଅଝିଅ ଛଟୋଟି ମାଆଙ୍କୁ ହରାଇ ଅତି କାତରରେ ଅନାଥଙ୍କ ପରି ବୋବାଳି ଛାଡୁଥାଆନ୍ତି ଏବଂ ବିଦର୍ଭ ନଗରର ସମସ୍ତେ ମଧ୍ୟ ଏ ଘଟଣାରେ ଆଖିରେ ଲୁହ ରଖି ପାରୁ ନ ଥାନ୍ତି । ନାଗମାତା ବିହୁଳା ଏ ଖବର ପାଇ ରାଗରେ ଗରଗର ହେଲା ଏବଂ ନିଜର ବାପ କମଳା ମହାନାଗ ଆଗରେ ଏ କଥା ଜଣାଇଲା । ସେ ସାଙ୍ଗେ ସାଙ୍ଗେ କର୍କୋଟକକୁ ସୁମରଣା କରି ସବୁ ବିଷୟ ପଚ୍ଚାରି ବୁଝିଲା ବେଳକୁ କଥାଟା ଏକଦମ ମିଛ ବୋଲି ଜଣା ପଡ଼ିଲା । କଳିକାଳ କପଟରେ ଏ କାଣ୍ଡ ଘଟିଛି ବୋଲି ଜାଣିବାକୁ ଆଉ କାହାର ବାକି ନ ଥିଲା । ତହୁଁ କମଳା ମହାନାଗ ମୃତ୍ୟୁ ସଞ୍ଜୀବନୀ ମନ୍ତ୍ର ପଢ଼ି ଦମୟନ୍ତୀଙ୍କୁ ଜିଆଇ ଦେଲେ । ବିହୁଳା ତାର ପ୍ରିୟସଖୀଙ୍କ ଫେରି ପାଇ ଭାରି ଖୁସି ହେଲା । ନଳଙ୍କୁ କିପରି ଫେରି ପାଇବେ—ଏଥିପାଇଁ ସଖି ଦୁହିଙ୍କ ଭିତରେ ଭାଳେଣି ପଡ଼ିଲା । ଶେଷରେ ବିହୁଳା ଦମୟନ୍ତୀଙ୍କୁ କହିଲା, "ବାପାଙ୍କୁ କହି ଆଉ ଥରେ ତୁମର ସ୍ୱୟମ୍ବର ହେଉଅଛି ବୋଲି ଚାରିଆଡ଼କୁ ଚାର ପଠାଅ । ନଳ ଏ ଖବର ପାଇଲେ ଯେଉଁଠାରେ ଥାଆନ୍ତୁ ପଛକେ ନିଶ୍ଚୟ ଆସିବେ ।" କ୍ରମେ ଏ ବିଚାର ରାଜାଙ୍କ କାନରେ ଯେମିତ ବାଜିଲା, ସେମିତି ସେ ଆଉ ଥରେ ଝିଅର ସ୍ୱୟମ୍ବର କରିବାକୁ ଯୋଗାଡ଼ କଲେ ଏବଂ ଚାରିଆଡ଼କୁ ଚାର ବରଗିଲେ । ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ବର୍ଣ୍ଣନାମାନ ନଳ-ଚରିତର ଅନୁରୂପ ।

ଷଷ୍ଠ ଛାନ୍ଦ—ସାରଥି (ନଳ) ଓ ଋତୁପର୍ଣ୍ଣ ରଥରେ ଯାଉଁ ଯାଉଁ ବାଟରେ ଯେଉଁ ଉକ୍ତି ଖସି ପଡ଼ିଥିଲା, ତାହା କିଏ ହେଲା କ ନାହିଁ—ମୂଳ ମହାଭାରତ ସେ ବିଷୟରେ ନୀରବ ।

Digitized by srujanika@gmail.com

ରାଜାଙ୍କୁ ଅଶ୍ୱବିଦ୍ୟା ଦେଇ ତାଙ୍କଠାରୁ ଅକ୍ଷବିଦ୍ୟା ଓ ଗଣିତବିଦ୍ୟା ଗ୍ରହଣ କରିବାକୁ ନଳ ମନ ବଳାଇଥିବାର ପରିଚୟ ମାନ ମହାଭାରତରେ ସ୍ପଷ୍ଟ ଦେଖାଯାଏ । ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ବର୍ଣ୍ଣନାମାନ ନଳଚରିତର ଅନୁରୂପ । ସାରଳା ମହାଭାରତରେ ମଧ୍ୟ ସେପରି କୌଣସି ପାର୍ଥକ୍ୟ ଦେଖାଯାଏ ନାହିଁ ।

ସପ୍ତମ ସ୍କନ୍ଦ—ମୂଳ ମହାଭାରତର ବର୍ଣ୍ଣନା ଏହାର ଅନୁରୂପ ବୋଲି କହିଲେ ଚଳେ । ତେବେ ପାର୍ଥକ୍ୟ ଭିତରେ ଏତିକି ଯେ, ଚରିତ୍ର ବୈଦେହୀର ପରିବର୍ତ୍ତିରେ କେଶିନୀ ନାମକ ଏକ ଦାସୀର ନାମ ତହିଁରେ ଦେଖାଯାଏ । ତା ଛଡ଼ା ପିତା-ମାତାଙ୍କ ଅନୁମତି ନେଇ ଦମୟନ୍ତୀ ନଳଙ୍କ ସଙ୍ଗେ କଥାବାର୍ତ୍ତା କରିଥିଲେ ଏବଂ ସେତେବେଳେ କୌଣସି ବୈରବାଡ଼ ଆବଶ୍ୟକ ହୋଇ ନ ଥିଲା । ଏକମାସ ପରେ ନଳ ନିଷଧ ଦେଶକୁ ଫେରି ଯେତେବେଳେ ପୁଷ୍କର ସହିତ ପୁଣି ପଶା ଖେଳି ରାଜ୍ୟ ଜିଣିବାକୁ ମନ ବଳାଇଲେ, ସେତେବେଳେ ଖେଳରେ ଜୟଲାଭ କରିବା ନିଶ୍ଚିତ ମନେ କରି ପୁଷ୍କର ଅନେକ ଅସଙ୍ଗତ କଥା କହିଥିଲା ସତ; କିନ୍ତୁ ଫଳରେ ଯେତେବେଳେ ସେ ହାରିଗଲା, ସେତେ-ବେଳେ ନଳ ତାହାର ଧୃଷ୍ଟତାପାଇଁ ତାକୁ କୌଣସି ପ୍ରକାର ଶାସ୍ତି ନ ଦେଇ କେବଳ ରାଜ୍ୟରୁ ତଡ଼ିଦେଲେ ଏବଂ ତାହାର ଭରଣ ପୋଷଣ ପାଇଁ ପୈତୃକ ସମ୍ପତ୍ତିର ଅଂଶ ତାକୁ ଦେଲେ । ଏହିପରି ଭାବରେ ନଳ ରାଜା ସିଂହାସନାରୂଢ଼ ଫେରି ପାଇଲା ପରେ ଭୀମରାଜା ଖୁବ୍ ଆଡ଼ମ୍ବରରେ ଦମୟନ୍ତୀକୁ ନିଷେଧ ଦେଶକୁ ପଠାଇଥିଲେ ।

ସାରଳା ମହାଭାରତର ବର୍ଣ୍ଣନା ଏହାଠାରୁ ସମ୍ପୂର୍ଣ୍ଣ ଭିନ୍ନ । ତାହାର ଆଲୋଚନା କଲେ ଜଣାଯାଏ ଯେ, ଦ୍ୱିତୀୟବାର

Digitized by srujanika@gmail.com

ଦମୟନ୍ତୀଙ୍କର ସ୍ୱୟମ୍ବର ହେଲା । ଯଥାସମୟରେ ନିମନ୍ତ୍ରିତ ରାଜାମାନେ ଉପସ୍ଥିତ ହେଲେ । ଋତୁପର୍ଣ୍ଣ ରାଜାଙ୍କର ସାରଥି ହୋଇ ନଳ ମଧ୍ୟ ସେଠାକୁ ଆସିଥାନ୍ତି । ଇନ୍ଦ୍ରାଦି ଦିଗପାଳ-ମାନେ ଓ ଦ୍ୱାଦଶ ବିଶ୍ୱଦେବା ପ୍ରଭୃତି ମନରେ କୌତୁକ ପୋଷଣ କରି ଏ ରହସ୍ୟ ଦେଖିବାକୁ ମଧ୍ୟ ଆସିଥାନ୍ତି । ଇନ୍ଦ୍ର ନଳଙ୍କୁ ଗୋଟିଏ ବୁଢ଼ା ବେଶ କରିଦେଲେ—ତାଙ୍କର ମୁଣ୍ଡବାଳ ଝୁମ୍ପୁ ଝୁମ୍ପୁ ପାଚିଗଲା । ମଇଳା ଲୁଗା ଖଣ୍ଡେ ପିନ୍ଧି, ହାତରେ ବାଡ଼ି ଖଣ୍ଡିଏ ଧରି ସେ ସଭାରେ ବସିଥାନ୍ତି । ଇନ୍ଦ୍ର ମନେ କରିଥିଲେ ଯେ, ଦମୟନ୍ତୀ ଏ ବୁଢ଼ାକୁ ବରଣ ନ କରି ତାଙ୍କୁ ବରଣ କରିବେ । କିନ୍ତୁ ଫଳ ଠିକ୍ ତାର ବିପରୀତ ହେଲା । ପ୍ରଥମେ ସେ ନଳଙ୍କୁ ଦେଖିବାକୁ ନ ପାଇ ଦୁର୍ଗାଙ୍କୁ ସ୍ତୁତି କଲେ । ତା' ପରେ ସେ ବୁଢ଼ାଟି ପାଖରେ ପହଞ୍ଚି କହିଲେ, ତୁମେ ଯେବେ ପ୍ରକୃତରେ ବୁଢ଼ା, ତେବେ ଏହି ରୂପ ତୁମର ସବୁଦିନେ ରହୁ; ନୋହିଲେ ଯେବେ କପଟରେ ଏପରି ରୂପ ଧରିଥାଅ, ତେବେ ନିଜରୂପ ଧର । ଏହାପରେ ନଳ ନିଜରୂପ ପ୍ରକାଶ କଲେ । ତହୁଁ ଦମୟନ୍ତୀ ତାହାଙ୍କୁ ମାଳା ଦେଇ ବରଣ କଲେ । ଏହା ଦେଖି ଦେବତାମାନେ ତାଙ୍କୁ ବହୁତ ପ୍ରଶଂସା କଲେ । ବ୍ରହ୍ମା ସେ ସତୀପତ୍ନୀ ଦୁହିଙ୍କୁ ସ୍ୱର୍ଗରେ ବାସ କରିବାକୁ ବର ଦେଲେ । ପରେ ସେମାନେ ଆକାଶରେ ଦୁଇଟି ତାରା ହୋଇ ରହିଲେ । ଏହିଠାରେ ସାରଳା ଦାସଙ୍କ ନଳ ଉପାଖ୍ୟାନ ଶେଷ ହୋଇଅଛି । ନଳଙ୍କର ପୁନର୍ବାର ରାଜ୍ୟଲାଭ କଥା ସେଥିରେ ଆଦୌ ବର୍ଣ୍ଣିତ ହୋଇ ନାହିଁ ।

ନଳ-ଚରିତକାର କବି ମଧୁସୂଦନ କେଉଁ ସମୟର ଲୋକ, ତାହା ଠିକ୍ ଭାବରେ ନିର୍ଣ୍ଣୟ କରିବା ନିମିତ୍ତ କାବ୍ୟ

Digitized by srujanika@gmail.com

ମଧ୍ୟରୁ ସେପରି କୌଣସି ନିଦର୍ଶନ ମିଳେ ନାହିଁ । ଶବ୍ଦ ଓ ଅର୍ଥାଳଙ୍କାର ଗତ ବୈଚିତ୍ର୍ୟ ନଳ-ଚରିତରେ ଆଦୌ ନାହିଁ କହିଲେ ଚଳେ । ମଧ୍ୟଯୁଗର ଅପ୍ରାକୃତିକତା ଦୋଷରୁ କାବ୍ୟଟି ପୂର୍ଣ୍ଣଭାବରେ ମୁକ୍ତ । ସପ୍ତଦଶ ଶତାବ୍ଦୀର ଆରମ୍ଭରୁ ଆମ୍ଭେମାନେ ଉତ୍କଳ ସାହିତ୍ୟରେ ଉକ୍ତ ଶବ୍ଦ ଓ ଅର୍ଥାଲଙ୍କାର ବ୍ୟବହାର ବହୁଳତା ଅଳ୍ପାଧିକ ପରିମାଣରେ ଦେଖିବାକୁ ପାଉଁ । ଏହି ଆଡ଼ମ୍ବର ଓ ବୈଚିତ୍ର୍ୟପ୍ରିୟ ଯୁଗରେ ସରଳ ଶିଶୁ-ସାହିତ୍ୟ ଯେ ସମ୍ଭବପର ହୋଇ ନ ଥିବ; ତାହା ମଧ୍ୟ କୁହାଯାଇ ନ ପାରେ । ବିଭିନ୍ନ ପ୍ରକୃତିଗତ ମାନବର ଦୃଷ୍ଟି ଯେ ଏକଦିଗରେ ପ୍ରଧାବିତ ହେବ, ଏପରି କିଛି କଥା ନୁହେଁ । ତେଣୁ ନଳଚରିତର କବି ମଧୁସୂଦନ ଯେ ସପ୍ତଦଶ ଶତାବ୍ଦୀ ବା ତତ୍ପରବର୍ତ୍ତୀ କାଳର ଲୋକ ନ ଥିଲେ, ଏପରି କହିବାରେ କେବଳ ସାହାସହିଁ ଆମ୍ଭମାନଙ୍କର ଅବଲମ୍ବନ ମାତ୍ର । କେତେକ ସମାଲୋଚକ କେବଳ କାବ୍ୟର ଭାଷାଗତ ସରଳତା ଓ ଆଡ଼ମ୍ବର ଶୂନ୍ୟତା ପ୍ରତି ଲକ୍ଷ୍ୟ ରଖି କବିଙ୍କର ପ୍ରାଚୀନତା ପ୍ରମାଣ କରିଥାଆନ୍ତି । କିନ୍ତୁ ସବୁ ସମୟରେ ଏମାନଙ୍କର ଅବଧାରଣ ଅଭ୍ରାନ୍ତ ହୁଏ ନାହିଁ । ଏହି ଧରଣ ବିଚାର-ପଦ୍ଧତିର ଅନୁସରଣ କରି ବିଜୟ-ଚନ୍ଦ୍ର ମଜୁମଦାର ଅଷ୍ଟାଦଶ ଶତାବ୍ଦୀର କବି ଭକ୍ତଚରଣଙ୍କୁ ଷୋଡ଼ଶ ଶତାବ୍ଦୀର କବିରୂପେ ଗ୍ରହଣ କରିଅଛନ୍ତି । ଏ ସ୍ଥଳରେ ଯେ ଆମ୍ଭେମାନେ ମଧୁସୂଦନଙ୍କର ଠିକ୍ ସମୟ ନିରୂପଣ କରି ପାରୁଁ, ଏପରି ସାହାସ ଅବଶ୍ୟ ପୋଷଣ କରି ନାହୁଁ । ତେବେ ଭାଷାରେ ବୈଶିଷ୍ଟ୍ୟ ଦର୍ଶାଇ ଯେତେଦୂର ପାରୁ ଆମ୍ଭମାନଙ୍କ ବିଚାର ପଦ୍ଧତିର ଫଳାଫଳ ପାଠକମାନଙ୍କ ସମକ୍ଷରେ ଉପ-ସ୍ଥାପିତ କରିବୁ । ନଳ-ଚରିତରେ ବିଷ୍ଣୁ, କୃଷ୍ଣ ଓ ଜଗନ୍ନାଥଙ୍କ,

Digitized by srujanika@gmail.com

ବ୍ୟତୀତ ଅନ୍ୟ ଦେବଦେବୀଙ୍କର ନାମ ଗନ୍ଧ ନାହିଁ । ଏଥିରୁ ଜଣାଯାଏ ଯେ, କବି ଜଣେ ବିଷ୍ଣୁ-ଉପାସକ ଥିଲେ । ପ୍ରତ୍ୟେକ ଗ୍ରନ୍ଥର ଶେଷ ପଦମାନଙ୍କ ଉପରେ ଦୃଷ୍ଟି ଦେଲେ ପାଠକମାନେ ଆମ୍ଭମାନଙ୍କ ଏ ଉକ୍ତି ସହିତ ଏକମତ ହେବେ । ଷଷ୍ଠ ଗ୍ରନ୍ଥର ଉପସଂହାରରେ ଲିଖିତ ଅଛି—

"ବଇଷ୍ଣବ ଯେ ବୋଲନ୍ତି । ନାମ କୀର୍ତ୍ତନ କରନ୍ତି ।
ମଧୁସୂଦନ ତାଙ୍କର । ପାଦତଳର ଏ । ୧୦୧ ।"

କବି ଯେ ଜଣେ ପରମ ବୈଷ୍ଣବ ଥିଲେ, ଏହା ତାଙ୍କର ସ୍ପଷ୍ଟ ପରିଚାୟକ । କବି ମଧୁସୂଦନ ଉତ୍କଳର କେଉଁ ସ୍ଥାନ ଅଳଙ୍କୃତ କରିଥିଲେ, ତାହା ଜାଣିବାର କୌଣସି ଉପାୟ ନାହିଁ । ଭାଷାଗତ ବୈଶିଷ୍ଟ୍ୟତାରୁ ଦେଶ ବା ସ୍ଥାନବିଶେଷର ନାମ ନିରୂପଣ କରିବା କେବଳ ଧୃଷ୍ଟତା ମାତ୍ର । ଆମ୍ଭେମାନେ ନଳ ଚରିତରୁ ନିମ୍ନଲିଖିତ ଶବ୍ଦମାନଙ୍କର ବ୍ୟବହାର ଦେଖିବାକୁ ପାଉଁ । ଯଥା—ତିକ୍କୁ, ହାଦେ, ଗୁଣେଣ, ଅମନାତ୍ୟ, ପୀଢ଼, ଧଡ଼ପ, ବାଣିଜାର, ଅଡ଼ତ, କେହୁଣି, ଚଲାଣ, ତଡ଼ାଉ, ପହୁଞ୍ଚଲେ, ଅପହୁଡ଼ ଓ ଦଅଡ଼ ଇତ୍ୟାଦି । ପୁନଶ୍ଚ ନିମ୍ନଲିଖିତ ପଦବନ୍ଧମାନ ମଧ୍ୟ ଦେଖିବାକୁ ମିଳେ । ଯଥା—ଦେଖିଲି ନାହିଁ, କାହା ବେଳେ, ଜଳଗଜନ ତହୁଁ, ମୋହଗଲେ, ମୁହିଁ ଭୁତପଣେ, ଅସିଅଛୁ ତୋତେ, ଇତ୍ୟାଦି । ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ, କବି ମଧୁସୂଦନ, ଉପେନ୍ଦ୍ର ଓ ଦୀନକୃଷ୍ଣ ଯୁଗର ପୂର୍ବବର୍ତ୍ତୀ ବୋଲି ବିବେଚିତ ହେବା ଅଯୌକ୍ତିକ ନୁହେଁ । ଆମ୍ଭେମାନେ 'ଅସବାବ' ଏହି ଏକମାତ୍ର ଯାବନିକ ଶବ୍ଦର ପ୍ରୟୋଗ ଏହି ଗ୍ରନ୍ଥରେ ଦେଖିବାକୁ ପାଉଁ । ଦୀନକୃଷ୍ଣ ଅଳ୍ପ ପରିମାଣରେ ଏବଂ ଉପେନ୍ଦ୍ର ତହୁଁ ଅଧିକ ପରିମାଣରେ ଯାବନିକ ଶବ୍ଦର ପ୍ରୟୋଗ

Digitized by srujanika@gmail.com

କରିଅଛନ୍ତି । ଇତିହାସ ଉପରେ ଦୃଷ୍ଟି ଦେଲେ ଜଣାଯାଏ ଯେ, ୧୪ଶ ଶତାବ୍ଦୀଠାରୁ ୧୭ଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ଯବନ-ମାନଙ୍କ ସହିତ ଉତ୍କଳୀୟମାନଙ୍କର ସାମରିକ ସଂଘର୍ଷ ସଂଘଟିତ ହୋଇଥିଲା । ତାହାର ଫଳରେ ଯାବନିକ ଭାଷାର ପ୍ରଭାବ ଉତ୍କଳ ଭାଷା ଉପରେ ପତିତ ହୋଇଥିବା ସମ୍ଭବପର । ଭାଷାର ସଂସ୍ଥାନ ଓ ପ୍ରାଚୀନ ଶବ୍ଦର ପ୍ରୟୋଗ—ଯାହାକି ପରବର୍ତ୍ତୀ ଯୁଗର କବିତାରେ ପରିଲକ୍ଷିତ ହୁଏ ନାହିଁ—ତାହାର ବଳରେ ଆମ୍ଭେମାନେ ଅନୁମାନ କରୁ, ମଧୁସୂଦନ ନିଃସନ୍ଦେହ ଭାବରେ ୧୭ଶ ଶତାବ୍ଦୀର ପ୍ରଥମଭାଗର କବି ଥିଲେ । ୧୭ଶ ଶତାବ୍ଦୀ ବୋଲି କହିବାର ଅଭିପ୍ରାୟ ଏହି ଯେ, ସେତେବେଳେ ଯାବନିକ ଭାଷାର ପ୍ରଭାବ ଆମ୍ଭମାନଙ୍କର ଭାଷା ଉପରେ ଅତି ମାତ୍ରାରେ ପତିତ ହୋଇ ନ ଥିଲା । ତାହା ହୋଇଥିଲେ ଆମ୍ଭେମାନେ ଅବଶ୍ୟ ନଳ-ଚରିତରେ ଏକାଧିକ ଯାବନିକ ଶବ୍ଦର ପ୍ରୟୋଗ ଦେଖିବାକୁ ପାଇଥାନ୍ତୁ । ତେଣୁ ଏହା ନିଃସନ୍ଦେହ ଯେ, କବି ସପ୍ତଦଶ ଶତାବ୍ଦୀର ପ୍ରଥମଭାଗର ବ୍ୟକ୍ତି ଅଟନ୍ତି ।

କେହି କେହି ସମାଲୋଚକ ନଳ-ଚରିତର କବି ମଧୁସୂଦନଙ୍କୁ ରସକଲ୍ଲୋଳକାରଙ୍କ ପିତା ମଧୁସୂଦନ ବୋଲି ସନ୍ଦେହ କରି ତାଙ୍କୁ ୧୭ଶ ଶତାବ୍ଦୀର ମଧ୍ୟଯୁଗର ବ୍ୟକ୍ତି ବୋଲି ଅନୁମାନ କରିପାରନ୍ତି ଏବଂ ଆମ୍ଭମାନଙ୍କ ସମୟ ନିରୂପଣ ଉପରେ ସନ୍ଦିହାନ ହୋଇପାରନ୍ତି; କିନ୍ତୁ ସେମାନଙ୍କର ମନେ ରଖିବା ଉଚିତ ଯେ, ରସକଲ୍ଲୋଳର କବି ଦୀନକୃଷ୍ଣ ଆପଣାକୁ ମଧୁସୂଦନ ବେଟା ବୋଲି ପରିଚିତ କରାଇବା ସଙ୍ଗେ ଆହୁରି ମଧ୍ୟ ଲେଖିଅଛନ୍ତି—

Digitized by srujanika@gmail.com

"ନିତ୍ୟ ରହାସ ବେଶ ଗୋଷ୍ଠୀ । ଭଣିଲେ ମଧୁଦାସ ବୋଷ୍ଠୀ ।
× × × ×
ମଧୁସୂଦନ ଜ୍ୟେଷ୍ଠ ଶିଷ୍ୟ । ନାମ ମୋହର କୃଷ୍ଣଦାସ ।
ଯେତେକ ଛନ୍ଦ ଆମ୍ଭ ଜାତି । କେହି ତ ନ ରଖିଲେ ଖ୍ୟାତି ।
ଆପଣା ଜାତି ଗୋଷ୍ଠଗଣେ । କେହି ତ ହୋଇ ନାହିଁ ଜଣେ ।
ମୋତେ ସୁଦୟା କଲେ ହରି । ପଦ ଯୋଡ଼ିଲି ଚେଣୁକରି ।"

ରସବିନୋଦ—୭ମ ଅଧ୍ୟାୟ ।

ଉଲ୍ଲିଖିତ ଉଦ୍ଧୃତାଂଶରୁ ଜଣାଯାଏ ଯେ, ଦୀନକୃଷ୍ଣଙ୍କ ବଂଶରେ ତାଙ୍କ ଛଡ଼ା ଆଉ କେହି କବି ନ ଥିଲେ । ତାଙ୍କ ପିତା ମଧୁସୂଦନ ଓ ନଳଚରିତର କବି ମଧୁସୂଦନ ଯଦ୍ୟପି ଏକ ବ୍ୟକ୍ତି ହୋଇଥାନ୍ତେ, ତେବେ ସେ ନିଶ୍ଚୟ ତାହା ଗର୍ବର ସହିତ ଉଲ୍ଲେଖ କରିଥାଆନ୍ତେ କିମ୍ବା 'କେହି ତ ନ ରଖିଲେ ଖ୍ୟାତି' ବୋଲି ଲେଖିବାକୁ ଯାଇ ନ ଥାନ୍ତେ ।

କବି ମଧୁସୂଦନ ଜଣେ ପଣ୍ଡିତ ଥିବାର ଆଭାସ କାବ୍ୟ ମଧ୍ୟରୁ ମିଳେ । 'ଯେବେ ମୂର୍ଖ ହୁଅନ୍ତୁ ବୁଝାନ୍ତୁ ମୋତେ'— ଏହି ପଦ୍ୟାଂଶ ତାହାର ସ୍ପଷ୍ଟ ପରିଚାୟକ । ସେ ଜଣେ ନିଃସ୍ୱ ଗୃହୀ ବୈଷ୍ଣବ ଥିବାର ପରିଚୟ ତାଙ୍କ କାବ୍ୟରୁ ଅନୁମିତ ହୁଏ । ସେ ଦୁଃଖୀ ଥାଇ ଅନ୍ୟ ଦୁଃସ୍ଥ ଧାର୍ମିକର ମନରେ ଆଶ୍ୱାସ ପ୍ରଦାନ କରିବା ଅଭିପ୍ରାୟରେ ବୋଧହୁଏ ନଳ-ଚରିତ କାବ୍ୟଟି ଲେଖିଅଛନ୍ତି । ସେ ଇଚ୍ଛା କରିଥିଲେ, ବିଷ୍ଣୁଙ୍କର ମହିମା କୀର୍ତ୍ତନ କରି କିମ୍ବା ଅନ୍ୟ କୌଣସି ପୌରାଣିକ ସୁଖୀ ଦମ୍ପତିର ଚରିତକୁ ଅବଲମ୍ବନ କରି କାବ୍ୟ ଲେଖି ପାରିଥାନ୍ତେ । କିନ୍ତୁ ନିଜର ବ୍ୟକ୍ତିଗତ ଦରିଦ୍ରତା ହେତୁ ହେଉ ବା ଅନ୍ୟ ଦୁଃସ୍ଥମାନଙ୍କୁ

Digitized by srujanika@gmail.com

ଅସ୍ଥାପନା ଦେବାପାଇଁ ହେଉ, ସେ ସତେ ଯେପରୁ ଇଚ୍ଛା କରୁ ନଳ-ଚରିତ ଲେଖିଅଛନ୍ତି । ତେବେ ସେ ଯେ ଅନ୍ୟ କୌଣସି କାବ୍ୟ ଲେଖି ନ ଥିଲେ, ପ୍ରମାଣ ଅଭାବରେ ବର୍ତ୍ତମାନ କ୍ଷେତ୍ରରେ ତାହା ଆମ୍ଭେମାନେ ଦୃଢ଼ଭାବରେ କହିବାକୁ କୁଣ୍ଠିତ । ଯଦି ଭବିଷ୍ୟତରେ ତାଙ୍କର ଅନ୍ୟ କିଛି କାବ୍ୟର ସନ୍ଧାନ ମିଳେ, ତେବେ ଆମ୍ଭମାନଙ୍କର ଉପରୋକ୍ତ ବସ୍ତୁପରିସ୍ଥିତି ଭିନ୍ନ ଭାବରେ ପ୍ରଦର୍ଶିତ ହେବ । ଇତି ।

ଶ୍ରୀ ଅର୍ତ୍ତବଲ୍ଲଭ ମହାନ୍ତି ।

Digitized by srujanika@gmail.com

ନଳଚରିତ

ପ୍ରଥମ ଛାନ୍ଦ

ରାଗ ଭୂପାଳ

(ଦିଶ—ନଟ ନାସ୍ୟୁଣୀ ବାଣୀ)

ଶୁଣ ସୁଜନେ ଏକ ଅପୂର୍ବ ରସ ।
ଯାହା ଶୁଣନ୍ତେ ପାତକ ହୋଏ ଧ୍ୱଂସ ।
ରାମ ପିତା-ବଚନେ ଅରଣ୍ୟେ ଥିଲେ ।
ମାୟା-ମୃଗ ଦେଖି ମାରିବାରେ ଗଲେ ।
ତେଣେ ଜାନକୀ ରାବଣ ନେଲା ହରି ।
ରାମ ଲେଉଟିଲେ ମାୟା-ମୃଗ ମାରି ।
ଯାଇଁ ଦେଖିଲେ ସୀତାୟା ନାହିଁ ପୁରେ ।
ରାମ କାରୁଣ୍ୟେ ପଡ଼ିଲେ ଅବନୀରେ ।
ଦେଖି ଲକ୍ଷ୍ମଣ କୋଳ କରଣ ଧରି ।
ପ୍ରଭୁ ଶୋକଭରେ ବଡ଼ ଚିନ୍ତା କରି । ୧ ।
ଏହମତେ ଗଲା ତହିଁ କଛୁ ଦିନ ।
ପ୍ରଭୁ ଜାଣିଲେ ସୀତା ଶକୁଂନମାନ ।
ଦଶଗ୍ରୀବ ନେଲା ଜାନକୀକ ମୋର ।
ନଷ୍ଟେ ଛେଦିବଇ ଦଶ ଶିର ତାର ।

Digitized by srujanika@gmail.com

ଏହୁ ପ୍ରତିଜ୍ଞା କରିଣ ରଘୁରାଣ ।
ମାରିବଇଁ ନିଶ୍ଚୟେ ମୁଁ ଦଶାନନ ।
ଏହୁ ଆଜ୍ଞା ଦେଇଣ ଅରଣ୍ୟେ ଥିଲେ ।
ଲଙ୍କା ଶିଖରହତ ସେତୁ ବନ୍ଧିରଲେ ।
ଏବେ ଶୁଣିମା ନରେ ଅପୂର୍ବ ରସ ।
ଏକଦିନେ ରାମ ବସି ଅମରଷ ।
ଏହା ଜାଣିଲେକ ମାରକଣ୍ଡ ଋଷି ।
ପ୍ରଭୁ ଛାମୁରେ ହୋଇଲେ ବେଗେ ଆସି ।
ଶ୍ରୀରାମ ଦେଖିଣ ବଡ଼ ମାନ୍ୟ କଲେ ।
ଏତେ ତାପ କିମ୍ପା ବୋଲି ପଚାରିଲେ ।
ଅତି କ୍ରୋଧେ ରାମ ଋଷି-ପାଦେ ପଡ଼ି ।
ବନେ ଆଇଲି ମୁଁ ଅଭିଷେକ ଛାଡ଼ି ।
ବନେ ଶୁଣିଲି ପିତା ହୋଇଲେ ଭ୍ରଷ୍ଟ ।
ତହିଁ ଉପରେ ହୋଇଲା ପତ୍ନୀ କଷ୍ଟ ।
ସବୁ ବୁଝାଇ କହିଲେ ରଘୁମଣି ।
ଆଜ୍ଞା ଦେଲେ ଋଷିଙ୍କି ଶୁଣିମା ପୁଣି ।
ମୋହୋ ସମ ଦୁଃଖୀ ନାହିଁ ଅବନୀରେ ।
ପୂର୍ବେ କେହୁ ଅଛଇ ଜାଣ କି ତାରେ ।
ମାରକଣ୍ଡ ଆଜ୍ଞା ଦେଲେ ଶୁଣ ରାମ ।
ତୋତେ କହିବାକ ପୁଣ ତାର ନାମ ।
ସୂର୍ଯ୍ୟବଂଶେ ବୀରସେନ ରାଜା ଖ୍ୟାତ ।
ନଳ ନାମେଣ ତାହାର ଏକ ସୁତ ।
କାମଦେବଙ୍କୁ ରୂପେ ସମାନ ସେହୁ ।
ଶୂରବନ୍ତ-ପଣେ ସମ ନାହିଁ କେହୁ ।

Digitized by srujanika@gmail.com

ବଡ଼ ଧାର୍ମିକ ସତ୍ୟବାଦୀ ଅଟଇ ।
ତାର ଚରିତ ତୋତେ କହିବ ମୁହିଁ ।
ବୀରସେନ ରଜା ପୁତ୍ର ଦେଖିକରି ।
ଅତି ଆନନ୍ଦ ହୋଇ ମନେ ବିଚାରି ।
ରାଜ୍ୟେ ଅଭିଷେକ ପୁତ କରାଇବି ।
ଅରଣ୍ୟକୁ ମୁହିଁ ତପ କରି ଯିବି ।
ଏତେ ବିଚାରି ରଜା କହିଲା ବାଣୀ ।
ଆମ୍ଭେ ବିଭା କରିବା କୁମରମଣି ।
ବିଭା ପାରି ଅଭିଷେକ କରାଇବା ।
ବଇଦର୍ଭ ଦେଶରାଜ ସମର୍ପିବା ।
ମନ୍ତ୍ରୀକି ଡକାଇ ରଜା ଆଜ୍ଞା ଦେଲେ ।
କୁମାର ନିମନ୍ତେ କନ୍ୟା ଖୋଜାଇଲେ ।
ମନ୍ତ୍ରୀ ଆଜ୍ଞା ପାଇ ଦୂତଗଣ ଗଲେ ।
ଚଉଦିଗେ ଯେ ଯାହାର ସେ ଖୋଜିଲେ ।
କୁମାରକୁ କନ୍ୟା ଯେ ସମାନ ନାହିଁ ।
ରଜା ଆଗରେ ଆସି ଡଗରେ କହି ।
ବୀରସେନ ଦୂତଙ୍କ ବଚନ ଶୁଣି ।
ଅଭିଷେକ କଲେକ କୁମରମଣି ।
ରଜା କରି ଅରଣ୍ୟକୁ ସେହୁ ଗଲେ ।
ନଳରଜା ପଦେ ସର୍ବେ ସେବା କଲେ ।
କିଛୁ ଦିନ ଏହିମତେ ଗଲା ପୁଣ ।
ଚନ୍ଦ୍ର ଯେମନ୍ତେ ହୋଇଲା ତାହା ଶୁଣ ।
ଏକଦିନେ ନଳ ମୃଗୟାକୁ ଯାଇ ।
ପୁଷ୍କରିଣୀ ତଟରେ ପ୍ରବେଶ ହୋଇ ।

Digitized by srujanika@gmail.com

ତହିଁ ଦେଖିଲେ ହଂସେକ ଚରୁଥିଲୁ ।
ଅସ୍ତୁରତ୍ନେ ଜଡ଼ିତ ସୁବର୍ଣ୍ଣ-ପକ୍ଷୀ ।
ଏହୁ ଅସମ୍ଭବ କଥା ଦେଖିକରି ।
ମନେ ବିଚାରଇ ହଂସ ନେବି ଧରି ।
ତାର ପାଶକୁ ରାଜନ ଯତ୍ନେ ଗଲା ।
ହଂସ ଭୟ କରି ଚେଣୁ ପଳାଇଲା ।
ଯାଇଁ ପୁଷ୍କରଣୀ ଆର ତଟେ ହୋଇ
ରାଜା ଏମନ୍ତ ଦେଖିଣ ବିଚାରଇ । ୩୯ ।
ଏଡ଼େ ସୁନ୍ଦର ପକ୍ଷୀ ଦେଖିଲି ନାହିଁ ।
ଏହା ଧରିଣ ମୁହିଁ ନେମଇଁ କାହିଁ ।
ଏତେ ବୋଲିଣ ଧନୁଶରକୁ ଧରି ।
ଆଜ ହଂସକୁ ମୁହିଁ ନେମଇଁ ମାରି ।
ବେଗେ ଧନୁରେ ନାରାଜ ବସାଇଲା ।
ଭୟ କରିଣ ହଂସ ଶରଣ ଗଲା ।
ତୋର ଅପାର କର୍ମ ଜଗତେ ମୁହିଁ ।
ତୁମ୍ଭେ ନାରାଜ ବିନ୍ଧିଲେ ଜୀଇ ନାହିଁ ।
ଏହା ଶୁଣିଣ ନଳ ତରସ୍ତ ହୋଇ ।
ଧନୁଶର ହସ୍ତରୁ ପକାଇ ଦେଇ । ୪୦ ।
ତୁହା କି କର୍ମ କରିବୁ ଜୀବ ମୋର ।
ବେଗେ କଣ୍ଠଅ ଆସି ମୋର ଛାମୁର ।
ତାହା ନିକଟେ ହଂସ ହୋଇଲା ଆସି ।
ରାଜା ତାକୁ ଦେଖି ବଡ଼ ପ୍ରଶଂସି ।
ହଂସ ବିନୟେ ବୋଲଇ କହଇ ଶୁଣ ।
କୁଣ୍ଡି କଟକରେ ଶ୍ରୀମ ନୃପ ଜାଣ ।

Digitized by srujanika@gmail.com

ତାର ଦୁହିତାଏ ଅଛି ଅନୁପାମ ।
ଦମୟନ୍ତୀ ବୋଲି ତାହାଙ୍କର ନାମ ।
ରତି ସମାନ ସେହୁ ସୁନ୍ଦରପଣେ ।
ତୋତେ ବରେ ସେ ଅଟଇ ସର୍ବଗୁଣେ ।
ତାକୁ ସନ୍ଦେଶ କହିବ ମୁହିଁ ଯାଇ ।
ତୁମ୍ଭ ରୂପଗୁଣ ସର୍ବ କହିବଇଁ ।
ଯେଉଁ ପ୍ରକାରେ ତୋତେ ହୋଇବ ବଶ ।
ଯତ୍ନେ କହୁଅଛି ମୁଁ କରିବ ଯଶ ।
ନଳ ବୋଇଲେ ତୁମ୍ଭେ ସୁକୃତ କର ।
ଏହା କଲେ ବଶ ମୁଁ ହୋଇବ ତୋର ।
ହଂସ ବିସ୍ମୟ କରିଣ ଚଳିଗଲା ।
କୁଣ୍ଡୀ ନଗ୍ରରେ ଯାଇ ପ୍ରବେଶ ହେଲା ।
ଭୀମ ରାଜାର ବେଣ୍ଟପାଖରୁ ଯେହୁଁ ।
ଯାଇ ପ୍ରବେଶ ହୋଇଲା କହୁଁ କହୁଁ ।
ତହିଁ ନାନା କ୍ରୀଡ଼ା କରି ଚରୁଥିଲା ।
ଦମୟନ୍ତୀ ଏହି କାଳରେ ଅଇଲା ।
ସଙ୍ଗେ ତାହାର ସଖୀସମୂହ ଅଛୁ ।
ତାଙ୍କ ମନେ ଶଙ୍କା ଆଉ ନାହିଁ କିଛୁ ।
ଜଳ ଭିତରେ ପଶିଲେ ସର୍ବ ସଖୀ ।
ତହିଁ ମଧ୍ୟରେ ସର୍ବେ ହଂସକୁ ଦେଖି ।
ଅଷ୍ଟରତନେ ଜଡ଼ିତ ପକ୍ଷୀବର ।
ଏହା ଦେଖିଲେ ନାହିଁ ତ ଜଗତରୁ ।
ସର୍ବ ସଖୀ ହଂସକୁ ଧରିବା ପାଇଁ ।
ଚଉପାଖେ ହଂସକୁ ବେଢ଼ିଲେ ଯାଇ ।

Digitized by srujanika@gmail.com

ସେ ଯେ ବ୍ରହ୍ମଲୋକରୁ ଆସିଛନ୍ତି ହେଲେ ।
ତାଙ୍କୁ ଧର ପାରବ କେ କାହା ବଳେ ।
ତାର ଇଚ୍ଛାଏ ହଂସ ଅଇଲା ପୁଣି ।
ଦମୟନ୍ତୀ ହସ୍ତରେ ବସିଲା ଜାଣି ।
ଅତି ଶ୍ରଦ୍ଧା କଲେଣ ରାଜକୁମାରୀ ।
କାହୁଁ ଅଇଲୁ ବୋଲି ତାକୁ ପଚ୍ଛର ।
ଆନନ୍ଦ ହୋଇ କହଇ ହଂସପକ୍ଷୀ ।
ଶୁଣ ଅଇଲି ମୁଁ ଯହୁଁ ଚନ୍ଦ୍ରମୁଖୀ ।
ମୁହିଁ ଅଟଇ ନଳରାଜନ ଠହୁଁ ।
ତୋତେ ଉଥାପଣକୁ ସମାନ ସେହୁ ।
ଶୁଣି କୁମାରୀ ଚିତ୍ତେ ଆନନ୍ଦ ହୋଇ ।
ଏହିକ୍ଷଣି ବାରତା କୁ କହ ଯାଇଁ ।
ପିତା ସ୍ୱୟମ୍ବର ମୋର କରୁଅଛନ୍ତି ।
ବର ବରିବ ମୋର ମନକୁ ବାଞ୍ଛି ।
ନଳ ବେଗେଣ ସଜେ କରନ୍ତୁ ଆସି ।
ରାଜାସମୂହ ଭିତରେ ଥାନ୍ତୁ ବସି ।
ତାଙ୍କୁ ବରିବ ସୁକୃତ କଲି ମୁହିଁ ।
ଏତେ ବୋଲିଣ ହଂସକୁ ଛାଡ଼ିଦେଇ ।
ହଂସ ଉଡ଼ିକରି ବେଗେ ଚଳିଗଲା ।
ନଳରାଜା ସମ୍ମୁଖେ ପ୍ରବେଶ ହେଲା । ୨୫ ।
ସର୍ବ ସନ୍ଦେଶ ଶୁଭ ବାରତା କହୁ ।
ବ୍ରହ୍ମଲୋକକୁ ହଂସ ଚଳିଣ ଯାଇ ।
ଭୀମରାଜା ଦୁହିତାର ସ୍ୱୟମ୍ବର ।
ନଳ ସମ୍ମୁଖେ ଆସି କହିଲା ଖବର ।

Digitized by srujanika@gmail.com

ପ୍ରଭୁ ଦୂତରେ ତୁମ୍ଭେ ବିଜୟ କର ।
ସର୍ବ ରାଜା ସଙ୍ଗେ କୁଣ୍ଡୀ କଟକର ।
ତାର ସନ୍ଦେଶ ରାଜା ଯହୁଁ ପାଇଲେ ।
ରଥେ ଚଢ଼ିଣ ବେଗେଣ ଚଳିଗଲେ ।
ନଗ୍ର କିଛିଦୂରେ ରହୁଥନ୍ତି ପୁଣ ।
ପଥେ ସ୍ୱର୍ଗ ବିମାନ ଦେଖିଲେ ଜାଣ । ୨୦ ।
ଇନ୍ଦ୍ର ଅଗ୍ନି ବରୁଣ କୁବେର ସୁର ।
ତାଙ୍କୁ ଦେଖିଣ ସେହୁ ପ୍ରଣାମ କର ।
ସେହୁ ବୋଲନ୍ତି ନଳ ଆସ ହୋ ତୁହି ।
ଦୂତପଣେ ଦମୟନ୍ତୀକି କହ ଯାଇ ।
ତୁ ତ ଧାର୍ମିକ ବଡ଼ ଅଟୁ ରାଜନ ।
ଦୂତପଣକୁ ତୁହି ଯେ ବର୍ତ୍ତମାନ ।
ବୋଲେ ଇନ୍ଦ୍ର ଅଗ୍ନି ବରୁଣ କୁବେର ।
ସ୍ୱୟମ୍ବରକୁ ଆସିଥଛନ୍ତି ତୋର ।
ଆମ୍ଭ ଗୁଣ ଯାହା ସବୁ ଜଣାଇବୁ ।
ତାର ଆଗରେ ସର୍ବ ତୁ ବଖାଣିବୁ ।୨୫।
ଇଚ୍ଛା ହୋଇବ ଯାହାକୁ ତାକୁ ବରୁ ।
ତାର ନିମନ୍ତେ ଆସିଛୁ ସ୍ୱର୍ଗପୁରୁ ।
ଶୁଣି ନଳ ଯେ ବଡ଼ ବିଷାଦ ପାଇ ।
ସନ୍ଧି କଥା ଶୁଣି ପାଏ ପଡ଼ ଶୋଇ ।
ପ୍ରଭୁ ତୁମ୍ଭେ ଅନ୍ତର୍ଗତ କଥା ଜାଣ ।
ମୁହିଁ କିସ କଥା କହିବଇଁ ପୁଣ ।
ଆନ ଜଣେ ଦୂତପଣେ ବରଗିବ ।
ମୋହୋ ଗଲେ ସମସ୍ତ ବିଘ୍ନ ହୋଇବ ।

Digitized by srujanika@gmail.com

ଏହୁ ବଚନ ଶୁର ଦେବତା ଶୁଣି ।
ଧନ୍ୟ ଧନ୍ୟ କଲେ ତାଙ୍କୁ ପୁଣ ପୁଣି ।
ତୁମ୍ଭେ ଆମ୍ଭର ନାମ ଧରଣ କର ।
କିଛୁ ଚିନ୍ତା ନ କର ଚଳିଣ ଯାଅ ।
ତାର ଇଚ୍ଛା ହେଲେ ସେ ଆମ୍ଭଙ୍କୁ ବରୁ ।
ଆମ୍ଭେ ଜାଣୁ ତାହା ହଂସ ସଙ୍କେତରୁ ।
ନଳ ବୋଇଲେ ଶୁଣ ଦେବତାବର ।
ତୁମ୍ଭ ଆଜ୍ଞା ପ୍ରମାଣେ ହୋଇଲି ଶୁର ।
ମୁହିଁ କେମନ୍ତ ହୋଇ ତହୁଁକ ଯିବ ।
କନ୍ୟା ବୋଲି କାହାକୁ ସମ୍ଭାଷ ଦେବ ।
ତୁମ୍ଭେ ଅମ୍ଭର ଆଜ୍ଞା ଘେନିଣ ଯାଅ ।
ଦ୍ୱାରେ କେହୁ ନ ଦେଖୁ ଭିତରେ ହୁଅ ।
ତୋତେ ବ୍ରହ୍ମଣ ଉତ୍ତର ଦେବ ଯେହ୍ନ ।
ଦମୟନ୍ତୀକି କହିବୁ ଜାଣ ସେହ୍ନ ।
ଆଜ୍ଞା ପ୍ରମାଣେ ସେ ସେହିକ୍ଷଣି ଗଲେ ।
ଯାଇ ଦମୟନ୍ତୀ ସମ୍ମୁଖରେ ମିଳିଲେ ।
କନ୍ୟା ଦେଖିଲା ଅତି ଅପୂର୍ବ ରୂପ ।
ରାଜା ଅନ୍ତଃପୁରରେ ଏକ ପୁରୁଷ ।
ଏ ଯେ କେହୁ ଅଇଲ କାହିଁକି ଥାଏ ।
ହଂସ କହିଛି ନଳ ନ ପୁଣ ହୋଏ ।
ମନେ ସୁମରଣ ସେ ରାଜକୁମାରୀ ।
ଅତି ସଲଜ୍ଜେଣ ପୁଣ ସେ ଉତ୍ତର ।
ହଂସ ଯାହା ଯେ କହି ଯାଇଛି ମୋତେ ।
ସେହି ହୋଇବ ପରା ଯାଉଛି ପ୍ରତେ ।

Digitized by srujanika@gmail.com

ଏତେ ବୋଲି ଉଠିଣ ପ୍ରଲମ୍ବ କଲା ।
ସ୍ୱାମୀ ! କେଣେ ଅଇଲ ସେ ପକ୍ଷୀରଜା ।
ଯହୁଁ ଦମୟନ୍ତୀ କହିଲା ଉତ୍ତର ।
ନଳ ବୋଇଲେ ବାମା ମୋ ବୋଲ କର ।
ମୁହିଁ ଦୂତପଣେ ଆସିଅଛି ତୋତେ ।
ଏହୁ କଥାକୁ ଅବଧି ଯିବୁ ପ୍ରତେ ।
ସ୍ୱର୍ଗେ ଶୁଣିକଲି ତୋହର ସ୍ୱୟମ୍ବର ।
ତେଜି ଆସିଅଛନ୍ତି ଅମରପୁର । ୯୫ ।
ଦେବ, ଇନ୍ଦ୍ର, ଅଗ୍ନି, ବରୁଣ, କୁବେର ।
ରୂପ ଗୁଣ ସୁନ୍ଦର ଅଇଲେ ତୋର ।
ତୁ ତ ଧର୍ମଶାସ୍ତ୍ର ଶୁଣିଅଛୁ ସବ ।
ସେ ତ ସ୍ୱର୍ଗେ ଠାକୁର ଦେବାଧିଦେବ ।
ତାଙ୍କ ବଡ଼ପଣ ମୁଁ କହିବ କେତେ ।
ଯେବେ ମୂର୍ଖ ହୁଅଛୁ ବୁଝାନ୍ତି ତୋତେ ।
ଚାରି ଦେବଙ୍କ ମଧ୍ୟୁ ଜଣକୁ ବର ।
ତୁମ୍ଭେ ପ୍ରଭୁ ହୋଇବଟି ସ୍ୱର୍ଗପୁର ।
କ୍ଷିତି ଭିତରେ ଯଶ ଥିବଟି ମୋର ।
ଏହି କଥା ପାଳ ତୁ ଆନ ନ କର ।୧୦୦।
ଯହୁଁ ନଳ ଦେଲେ ଏହୁ ଆଜ୍ଞା ବାଣୀ ।
ଦମୟନ୍ତୀ ତରସ୍ତ ହୋଇଲେ ଶୁଣି ।
ଯାହା ଭଜିଲି ହେ ବୀରସେନ ସୁତ ।
ସେହି ମହାପ୍ରଭୁ ଯେ ଅନନ୍ତ ସତ ।
ହଂସ ଆଗରେ ତୋତେ ବରିଛି ମୁହିଁ ।
ଏବେ ସତ୍ୟଭଗ୍ନ କର୍ମା ହୋଇବଇଁ ।

Digitized by srujanika@gmail.com

ମନ ବଚନ କର୍ମ୍ମବା' ଏକା ମୋର ।
ତେବେ କାର୍ଯ୍ୟ ନାହିଁ ମୁଁ ଅଟଇ ତୋର ।
ବୃଦ୍ଧଦେବଙ୍କୁ ଏମନ୍ତ କହୁ ଯାଇଁ ।
ଭଜେ କରନ୍ତୁ ସେ ସ୍ୱୟମ୍ବର ଠାଇଁ । ୧୦୫ ।
ତାଙ୍କ ଛାମୁରେଣ ମୁଁ ବରଇ ତୋତେ ।
ତୋର ଛନ୍ଦ ସେ ଶୁଦ୍ଧ କରନ୍ତୁ ପ୍ରତେ ।
ଦେବତାଏ ଯେବେ ସତ କହୁଛନ୍ତି ।
ସେହୁ ଅଧମ କପାଇଁ ଚଳିରନ୍ତି ।
ଏହା ଶୁଣି ଲେଉଟିଲେ ନଳରାଏ ।
ଯାଇ ଦିଗପାଳଙ୍କ ସନ୍ନିଧେ ହୋଏ ।
ନଳ ଦମୟନ୍ତୀଙ୍କ ଯେତେ ଉତ୍ତର ।
ସର୍ବ ସତ୍ୟ କରି କହଇ ଛାମୁର ।
ପଛେ ବୋଇଲୁ ସତ କି ମିଛ ପୁଣ ।
ସର୍ବ ଅନ୍ତର୍ଗତ କଥା ତୁମେ ଜାଣ ।୧୧୦।
ଶୁଣି ପ୍ରସନ୍ନ ହୋଇଲେ ଦେବ ସ୍ୱର ।
ବର ଦେଲେ ନଳ ଯାହା ବାଞ୍ଛା କରି ।
ନଳ ସତ୍ୟ ତୋହୋରେ ଜାଣିଲୁ ଏବେ ।
କର୍ଣ୍ଣେ ଶୁଣିଣ ଥିଲୁ ଯାହା ପୁରୁବେ ।
ଏତେ ବୋଲି ଚଳିଗଲେ ପରଖର ।
ଯାଇ ପ୍ରବେଶ ସେ କୁଣ୍ଡୀ କଟକର ।
ତହିଁ ସ୍ୱୟମ୍ବର ସଭା ଅଛୁ ହୋଇ ।
ରାଜା ସମୂହରେ ସେ ବସିଲେ ଯାଇଁ ।
କହୁ ବେଳ ବସି ପୁଣି ଥିଲେ ତହିଁ ।
ସଭା ମଧ୍ୟରେ ଦମୟନ୍ତୀ ଆସି ହୋଇ । ୧୧୫ ।

Digitized by srujanika@gmail.com

କରେ ଅଷ୍ଟ ରତ୍ନରେ ଜଡ଼ିତ ମାଳା ।
ରାଜାମାନଙ୍କୁ ଠେକି ଚାହିଁଲା ବାଳା ।
ନଳ ରାଜାଙ୍କୁ ଅନାଇ ମନେ ମନ ।
ସେହିରୂପ ଦେଖିଲାକ ପାଞ୍ଚଜଣ ।
ମନେ ହେଜିଲା ଦେବତାଙ୍କର ମାୟା ।
ନଳ ସ୍ୱରୂପେ ହୋଇଲେ ପଞ୍ଚ କାୟା ।
ଯନ୍ତୁଁ ଏସନ କୂଟ ରାମା ଜାଣିଲା ।
ଦେବ ମାନବ ଛିଦ୍ର ସେ ବିଚାରିଲା ।
ଦେବତାଙ୍କ ଲକ୍ଷଣ ଅଛି ଏସନ ।
ସ୍ୱେଦ ନ ଥାଇ ନ ଶୁଖଇ ଚନ୍ଦନ । ୧୬୦ ।
ଧରଣୀରେ ପାଦ ନ ଲାଗଇ ପୁଣ ।
ଆଭରଣ ପୁଷ୍ପ ନ ହୋଇ ମଳିନ ।
ଚକ୍ଷୁ ତରଙ୍ଗ ଥାଇ ତାଙ୍କର ନାହିଁ ।
ଦେବ ମାନବ ଜାଣି ବଢ଼ିବ ମୁହିଁ ।
ଏହୁ ନିର୍ଣ୍ଣୟ କଥା ଜାଣିବା ପାଇଁ ।
ଚାହିଁ ଦେଖିଲା ଦେବ ଲକ୍ଷଣ ନାହିଁ ।
ଏହା ବିଚାରି ମନେ ଆଶ୍ଚର୍ଯ୍ୟ ପାଇ ।
ସଦ୍‌ଜ୍ଞାନ ଶବ୍ଦରେ ସେ ବିଚାରଇ ।
ତୁମ୍ଭେ ସତ୍ୟ ଧର୍ମ ଅଛ ଭିଆଇଣ ।
ମୋତେ କର୍ମାଇ ଦେଉଛ ନିଷ୍ଠୁରପଣ । ୧୬୫ ।
ତାର ଭଗତ ଘେନିଲେ ସୁରେଶ୍ୱର ।
ଧନ୍ୟ ସତ ! ତୁ ନଳକୁ ବେଗେ ବର ।
ଦେବତେଜ ପ୍ରକାଶିଲେ ଦେବ ଚାରି ।
ମାଳା ଦେଇ ଦମୟନ୍ତୀ ନଳକୁ ବରି ।

Digitized by srujanika@gmail.com

ରାଜାମାନେ ଯେ ଯାହା ରାଜ୍ୟକୁ ଗଲେ ।
ନଳ ଦମୟନ୍ତୀଙ୍କି ବିଭା କରାଇଲେ ।
ଭୀମରାଜା କନ୍ୟାକୁ ସମ୍ପଦ ଦେଲେ ।
ସର୍ବ ମଙ୍ଗଳ ଉତ୍ସବ କରାଇଲେ ।
ବିଧିମତ ସମସ୍ତ ଯୌତୁକ ଦେଇ ।
ନଳ ଦମନ୍ତୀକି ସେ ପଠାଇଲେଟି ଯାଇ । ୧୩୦ ।
ପଥୁଁ ପିତାମାତା ବାହୁଡ଼ିଲେ ପୁଣ ।
ନଳ କଟକେ ପ୍ରବେଶ ହୋଇଲେ ଜାଣ ।
ଅତି ହରଷ ସେ ନଗ୍ରପୁରଜନେ ।
ଚିନ୍ତା ନାହିଁ ତାଙ୍କର କାହାରି ମନେ ।
ନଳଚରିତ ଏହୁ ଅପୂର୍ବ ରସ ।
କର୍ଣ୍ଣେ ଶୁଣିଲେ ପାତକ ହୋଏ ନାଶ ।
ରାମ ନାମ ସୁମରଣା କର ମନେ ।
କୃଷ୍ଣକୀର୍ତ୍ତନ ଏକା ଶୁଣିବ କର୍ଣ୍ଣେ ।
ମାୟା ସଂସାର ଏ ମିଛ ଖେଳଘର ।
ନାରାୟଣ ନାମ ଧରି ହୋଅ ପାର ।
ସର୍ବମଙ୍ଗଳ ନାମ ପ୍ରଭୁ ତୁମ୍ଭର ।
ମଧୁସୂଦନକୁ ରଖ ଚକ୍ରଧର । ୧୩୬ ।

ଦ୍ୱିତୀୟ ଛାନ୍ଦ

ରାଗ—ଗୁଜ୍ଜରୀ

(ସୁବର୍ଣ୍ଣ କଲ୍ୟାଣୀ ବାଣୀରେ ଗାଇବ)

ଏସନକ କଥା ଶୁଣ ଅତି ସୁନ୍ଦର ।
ମାରକଣ୍ଡ ଋଷି କହେ ସମ ଛାମୁର । ୧ ।
ଇନ୍ଦ୍ର ବିଜେ କରି ସ୍ୱର୍ଗପୁରରୁ ଯାଇ ।
ଅଗ୍ରତେ ଆସିଣ କଲି ଦ୍ୱାପର ହୋଇ । ୨ ।
ଆଜ୍ଞା ଦେଲେ ମଘବା ହୋ କେଣିକି ଯାଅ ।
ସତ୍ୟ କରି କଥା ଆମ୍ଭ ଅଗ୍ରତେ କହ । ୩ ।
ଆମ୍ଭେ ଯାଉଅଛୁଁ ପ୍ରଭୁ କୁଣ୍ଡୀକଟକ ।
ଚହିଁ ବୁଣ୍ଡ ହୋଇଛନ୍ତି ଭୂସ୍ୱର୍ଗ ଲୋକ । ୪ ।
ସେ ନଗର ରାଜନ ଯେ ଅଟଇ ଭୀମ ।
କନ୍ୟା ଏକ ଅଛି ତାର ଅତି ଉତ୍ତମ । ୫ ।
ଦମୟନ୍ତୀ ନାମ ତାର ଶୁଣ ବଜ୍ରୋଜା ।
ସ୍ୱୟମ୍ବର ତାକୁ କରୁଅଛି ସେ ରାଜା । ୬ ।
ସେ ସଭାରେ ଗୋପ୍ୟରୂପେ ବସିଣ ଥିବୁଁ ।
କ୍ଷଣେ କ୍ଷଣେ ଆମ୍ଭେ ଆନ ମୂର୍ତ୍ତି ଧରିବୁଁ । ୭ ।
ତାର ଇଚ୍ଛା ହୋଇଲେ ବରିବ ଆମ୍ଭଙ୍କୁ ।
ନୋହିଲେ ଆସିବୁ ତେବେ ସ୍ୱର୍ଗପୁରକୁ । ୮ ।
ସେହା ଶୁଣି ଆଜ୍ଞା ଦେଲେ ପାକଶାସନ ।
ଆମ୍ଭେ ସେ ସଭାରେ ଥିଲୁ କହୁ ତା ଶୁଣ । ୯ ।

Digitized by srujanika@gmail.com

କନ୍ୟାର ଇଚ୍ଛାରେ ବର ବରିଲା ଯେବେ ।
ସର୍ବ ଲୋକେ ଯେ ଯାହାର ଅଇଲେ ତେବେ । ୧୦ ।
ଏ କଥା ଶୁଣିଣ କ୍ରୋଧେ କଳି ପଶ୍ଚର ।
କାହାକୁ ବରିଲା ସେହୁ ରାଜକୁମାରୀ । ୧୧ ।
ବୀରସେନ ସୁତ ସେହୁ ନଳକୁ ବରି ।
ତାହା ରୂପ ଗୁଣକୁ ସେ ଅଟଇ ସରି । ୧୨ ।
ରୋଷେ କଳି ବୋଲୁଅଛି ଏହୁ ବଚନ ।
ତୁମ୍ଭକୁ ନ ବରି କନ୍ୟା ବରିଲା ଆନ । ୧୩ ।
ଏଣୁ କରି ତାଙ୍କୁ ମୁହିଁ ଦଣ୍ଡ ବହିବି ।
ଦ୍ୱାପରକୁ ସଙ୍ଗେ ଘେନି ମଞ୍ଚକୁ ଯିବି । ୧୪ ।
ସୁନାସୀର ଆଜ୍ଞା ଦେଲେ ଶୁଣ ହୋ କଳି ।
ବଡ଼ ସେ ଧାର୍ମିକ ସତ୍ୟ ଅଛଇ ପାଳି । ୧୫ ।
ତାହାକୁ ତୁ ଦୁଃଖ ହାଦେ ଯେତେ କହିବୁ ।
ଧର୍ମର ପ୍ରମାଣେ ବଡ଼ ଦୁଃଖ ପାଇବୁ । ୧୬ ।
ଏତେ ବୋଲି ଚଳିଗଲେ ଅମରେଶ୍ୱର ।
ବସୁନ୍ଧରୀକୁ ଅଇଲେ କଳି ଦ୍ୱାପର । ୧୭ ।
ନଳପୁରେ ଆସି ସେହୁ ପ୍ରବେଶ ହୋଇ ।
ସଦାବ୍ରତ ଦେଖି ତାର ଜଟେଣ ଥାଇ । ୧୮ ।
ଏହିମତେ ଗଲା ଚହୁଁ ବହୁତ ଦିନ ।
ପୁତ୍ର ଦୁହିତା ହୋଇଲା ନଳ ରାଜନ । ୧୯ ।
ଏକ ପୁତ୍ର ବୋଲି ଇନ୍ଦ୍ରସେନ ତା ନାମ ।
ରୂପେଣ ଅଟଇ ସେହୁ ଦ୍ୱିତୀୟ କାମ । ୨୦ ।
ଦୁହିତା ହୋଇଲା ଇନ୍ଦ୍ରସେନୀ ତା ନାମ ।
ସମାନ ରତନ ସେହୁ ସର୍ବଗୁଣେଣ । ୨୧ ।

Digitized by srujanika@gmail.com

ଏକଦିନେ ନଳରାଜା ନିଦ୍ରା ଅଳସେ ।
ଅର୍ଦ୍ଧପାଦେ ପକ୍ଷାଳିଲେ ଶେଯେ ପ୍ରବେଶେ । ୨୨ ।
ଏତେ ଛିଦ୍ର ଅନାଗ୍ରହ ସନ୍ଧି ପାଇଲା ।
ରାଜନ ଅଙ୍ଗରେ ଯାଇ କଳି ପଶିଲା । ୨୩ ।
ଦ୍ୱାପରକୁ ବୋଇଲା ତୁ ସାହା ହୋଇବୁ ।
ମୁଁ ଯାହା ବାଞ୍ଛା କରିବି ସେଠାରେ ଥିବୁ ।
ଯେତେବେଳେ କଳି ଅଙ୍ଗେ ପ୍ରବେଶ ହୋଇ ।
ରାଜାର ମନ ଉଚ୍ଛନ୍ନ, ନ ରୁଚେ କେହି । ୨୫ ।
ଶର୍ବରୀ ଶେଷରେ ପ୍ରାତଃକାଳ ହୋଇଲା ।
ନିତ୍ୟକର୍ମ ଆଦି ରାଜେନ୍ଦ୍ର ସର୍ବ ସାରିଲା । ୨୬ ।
ବଡ଼ ଅବକାଶେ ସିଂହାସନେ ବସିଲେ ।
ପାତ୍ର ମନ୍ତ୍ରୀ ଅମାତ୍ୟେ ଦର୍ଶନ କଲେ । ୨୭ ।
ପୁଷ୍କର ବୋଲିଣ ବୀରସେନର ସୁତ ।
କ୍ଷତ୍ରିୟ କୁଳର ସେହୁ ଶୁଦ୍ର ସମ୍ଭୂତ । ୨୮ ।
ଆଜ୍ଞା ଦେଲା ରାଜେନ୍ଦ୍ର ହାଙ୍କି ତାହାକୁ ଆଣ ।
ଦୂତଗଣେ ଭେଟାଇଲେ ତାହାକୁ ପୁଣ । ୨୯ ।
ପୁଷ୍କର ତୁ ଆସ ଆମ୍ଭେ ପଶା ଖେଳିବା ।
ଯେତେ ଧନ ବୋଲିବୁ ତା ପିଢ଼ କରିବା । ୩୦ ।
ଏତେକ ବୋଲିଣ ସାରି ହକରାଇଲେ ।
ସିଂହାସନ ତଳେ ପଶା ସାରି ପାଡ଼ିଲେ । ୩୧ ।
କାଠି ହୋଇଣ ଯେ ପଡ଼ିଥିଲା ଦ୍ୱାପର ।
ଅଷ୍ଟରତ୍ନେ ଜଡ଼ିତ ସେ ଅତି ସୁନ୍ଦର । ୩୨ ।
ପଶାସାରି ଯେବେ ସେହୁ ପଶା ଖେଳିଲେ ।
ସେ ଦିନ ବହୁତ ଧନ ରାଜେନ୍ଦ୍ର ହାରିଲେ । ୩୩ ।

Digitized by srujanika@gmail.com

ଏହି ମତେ ଦୁଇ ସ୍ୱର ଦିବସ ଗଲା ।
ଭିତର ଭଣ୍ଡାର ଯନ୍ତ୍ରଁ ରାଜା ହାରିଲା । ୩୪ ।
ଏହି ଅଲକ୍ଷଣ କଥା ଦେଖି ଦମନ୍ତୀ ।
ଆପଣା ସ୍ୱାମୀକୁ ସେହୁ ପାଶ ଅଣାନ୍ତି । ୩୫ ।
ଆଜ୍ଞା ଦେଲେ ପାଶ ମୋର ବଚନ ଶୁଣ ।
ଜୂତରେ ଅଜ୍ଞାନ ରାଜା ହୋଇଲେ ଜାଣ । ୩୬ ।
ପୁତ୍ର ଦୁହିତାଙ୍କୁ ମୋ ବସାଇ ରଥରେ ।
ସ୍ମରଣ ଥାପ ତୁ ବେଗେ କୁଣ୍ଡୀ ନଗରେ । ୩୭ ।
ସ୍ନେହନ୍ତ ଆଜ୍ଞା ପାଇ ପାଶ ରଥ ଅଣାଇ ।
ଯାଇ ମହାଦେଈଙ୍କ ଶ୍ରୀମୁଖରେ ଜଣାଇ । ୩୮ ।
ପୁତ୍ର ଦୁହିତାଙ୍କୁ ସଙ୍ଗ କରି ଆଣିଲେ ।
ଆପଣା ଭଣ୍ଡାର ଯେତେ ସବୁ ତା ଦେଲେ । ୩୯ ।
ରଥବର ଚଢ଼ାଇଣ ବୋଇଲେ ଯାଅ ।
ପିତାଙ୍କ ଶ୍ରୀମୁଖରେ ଏହି ସନ୍ଦେଶ ଦିଅ । ୪୦ ।
କହିବ ନଳରାଜନ ହୋଇଲେ ବାଇ ।
ରାଜ୍ୟ ଦବା ବସି ଏକା ଜୂତ ଖେଳଇ । ୪୧ ।
ପୂର୍ବର ତପସ୍ୟା ଯେବେ ଥିବ ମୋହର ।
ଦର୍ଶନ କରିବି ଯାଇ ତାଙ୍କ ପୟର । ୪୨ ।
ସେ ପୁତ୍ର ଦୁହିତା ତାଙ୍କ ଧର୍ମରୁ ହୋଇ ।
ସେହାଙ୍କର ଭଲମନ୍ଦ ତାଙ୍କୁ ଲାଗଇ । ୪୩ ।
ସେତେ କହି ଶୋକଭରେ ଭୂତରେ ପଶି ।
ରଥେ ଖଟ ଉପରେ ସେ ପଡ୍ଡେ ଆସି ।
ଇନ୍ଦ୍ରସେନ ଇନ୍ଦ୍ରସେନା ରଥ ଆରୋହି ।
ପଥ ଅନୁସରି କୁଣ୍ଡୀନଗ୍ରରେ ହୋଇ । ୪୪ ।

Digitized by srujanika@gmail.com

ଭୀମରାଜାଙ୍କ ଚରଣ ଦର୍ଶନ କଲେ ।
ମାତାଙ୍କ ବଚନ ସେ ବୁଝାଇ କହିଲେ ।
ଶୁଣି ମହାରାୟେ ବଡ଼ ତାପ ପାଇଲେ ।
ଅନ୍ତଃପୁର ଭିତରେ ସେ ପ୍ରବେଶ ହେଲେ । ୪୭ ।
ଅତି ଦୁଖେ ରହିଲେ ସେ ପୁଣ୍ୟ ଦୁହିତା ।
ଭୀମ ମହାରାଜା ମନେ ବହୁତ ଚିନ୍ତା । ୪୮ ।
ଡଗରମାନଙ୍କୁ ସେ ପଠାଇ ଦେଲେ ।
ନଳ ଦମୟନ୍ତୀ ବାରତା ଆଣ ବୋଇଲେ । ୪୯ ।
ଶୁଣ ସୁଜ୍ଞଜନେ ଏହୁ ନଳଚରିତ ।
ଯାହା ଶୁଣନ୍ତେଣ ନର ହୋୟେ ପବିତ୍ର । ୫୦ ।
ମାରକଣ୍ଡ ଋଷି ରାମ ଅଗ୍ରତେ କହି ।
ସେବକମନେ ଶୁଣ ନରେ ତାପ ଫିଟାଇ । ୫୧ ।
ଶ୍ରୀରାମର ନାମ ନରେ ମନେ ସୁମର ।
ମଧୁସୂଦନଙ୍କୁ ଜଗନ୍ନାଥେ ଉଦ୍ଧର । ୫୨ ।

ତୃତୀୟ ଛାନ୍ଦ

ରାଗ—କେଦାର । (ଚକ୍ରକେଳୀ ବାଣୀ)

ରାମ ମାରକଣ୍ଡଙ୍କ ପାଦ ଧରି ।
ଅତି ଆକୁଳ ହୋଇଣ ପଚାରି । ୧ ।
ନଳ-ଚରିତ କହ ମହାଜ୍ଞାତା ।
ଶୁଣି ଛାଡ଼ିବ ମୋର ମନବ୍ୟଥା ।

Digitized by srujanika@gmail.com

ରାମ ଗ୍ରନ୍ଥରେ ମାର୍କଣ୍ଡ କହେ ।
ନଳ-ଚରିତ ଏହୁ ପୁଣ୍ୟମୟେ ।
ଯେହୁ ଶୁଣନ୍ତି ଏକମନ ହୋଇ ।
ତାର ଦୁଷ୍କୃତ ସବୁ ନାଶ ଯାଇ ।
ଏବେ ଶୁଣ ଏକ ଅପୂର୍ବ ରସ ।
ନଳରଜା ଜୂତେ ହୋଏ ଅବେଶ । ୫ ।
ସର୍ବ ଭଣ୍ଡାର ରଜା ଯେ ହାରିଲା ।
ରଥ ଗଜ ଅଶ୍ୱ ସେ ପୀଢ଼ି କଲା ।
କନ୍ତୁ ଧନ ପରେ ସବୁ ସାରିଲା ।
ରାଜ୍ୟ ମଧ୍ୟ କରି ସେହୁ ହାରିଲା ।
ତେତେବେଳେ ପୁଷ୍କର ବୋଲେ ବାଣୀ ।
କିଛି ଅଛି ତୁ ପୀଢ଼ି କର ଆଣି ।
ନଳ ବୋଇଲେ ଏବେ ଆତ୍ମା ମୋର ।
ତୁ ହୋ ପୁଷ୍କର ବେଗେ କାଠି ପାର ।
ଯେତେ ବୋଲିଣ ସେ ପୀଢ଼େ ଖେଳିଲେ ।
ରାଜା ଛପଣ୍ଡି ଜାଣି ନ ପାରିଲେ ।
କଳି ଦ୍ୱାପର କପଟେ ପଢ଼ିଲେ ।
ନଳ ରାଜା ସେ ପୀଢ଼ରେ ହାରିଲେ ।
ବୋଲେ ପୁଷ୍କର ନଳ ତୁମ୍ଭେ ଶୁଣ ।
କସ ଅଛି ତା ତୁମ୍ଭେ ବେଗେ ଆଣ । ୧୨ ।
ନଳ ବୋଲନ୍ତି ମୋର କିଛୁ ନାହିଁ ।
ଯେହା ଶୁଣିଣ ପୁଷ୍କର କହଇ ।

Digitized by srujanika@gmail.com

ତୋତେ ଧର୍ମଶୀଳ ବୋଲି ବୋଲନ୍ତି ।
ସେହୁ ପଣ୍ଡିତେ କିଛୁ ନ ଜାଣନ୍ତି ।
ତୁହ୍ନୋ ବଡ଼ ମାୟାବୀ ନଳରାୟେ ।
ଏଡେ ମିଛ ତୁ କହୁଛୁ ସଭାୟେ ।
ଦମୟନ୍ତୀକି ଆଣି ପୀଢ଼ କର ।
ସେହୁ ଦ୍ରବ୍ୟ ତ ଅଟଇ ତୋହର ।
ନଳ ମଉନେ ଶୁଣୁଥିଲେ ପୁଣି ।
କହେ ପୁଷ୍କର ଶୁଣ ମୋର ବାଣୀ ।୧୭।
ମୁହିଁ ଅମ୍ବା ଯେବେ ହାରି ନ ଥାନ୍ତି ।
ତେବେ ଦମୟନ୍ତୀ ପୀଢ଼େ ଆଣନ୍ତି ।
ଏବେ ଦମନ୍ତୀ ଉପରେ ମୁଁ କସ ।
ଅମ୍ଭେ ଧାର୍ମିକ ହୋଇଲୁ ତୋ ଦାସ ।
ସେହୁ ବଚନ ଶୁଣି ସେ ପୁଷ୍କର ।
କ୍ରୋଧେ କହଇ ବଡ଼ ପରଖର ।
ତୋର ସବୁ ଧର୍ମ ଯେ ବୁଡ଼ାଇଲୁ ।
ଯେଣୁ ଏଡେ଼ ମାୟା ମିଛ କହିଲୁ ।
ଏବେ ଅସ୍ଥାନୁ ଉଠସି ମୋହର ।
ବେଗେ ହୋଅ ତୁ ରାଜ୍ୟରୁ ବାହାର ।୧୮।
ନୋହୁ ମୁଖ ବୃହଂ ବାକୁ ଗର୍ଜନ ।
ସବ ଅଳଙ୍କାର ହୋ ବେଗେ ଘେନ ।
ଆଜ୍ଞା ପାଇ ବ୍ବରଗଣେ ଉଠିଲେ ।
ବେଗେ ଅଳଙ୍କାର ସେହୁ ଘେନିଲେ ।
ପୁଣ ପୁଷ୍କର ବେଗେ ଆଜ୍ଞା ଦେଇ ।
ନଗ୍ରେ ଘୋଷଣ ଦିଅ ବେଗେ ଯାଇଁ ।

Digitized by srujanika@gmail.com

ଯାହା ଦୁଆରେ ନଳ ଥିବ ବନ୍ଧ ।
ମୋର ଦୋରେହା ତହିଁ ଆନ ନାହିଁ ।
ଏହା ଶୁଣି ସ୍ବରମାନେ ଧାଇଁଲେ ।
ନଗ୍ରେ ଡଣ୍ଡିମ ଘୋଷ ଦଆଇଲେ ।
ଏଥୁ ଶୁଣିବା ଆନ ଉପସ୍ଥିତ ।
ନଳ ସସ୍ଥରୁ ଉଠିଲେ ତୁରିତ ।
ଶିଘ୍ର ନଗରୁ ବାହାର ହୋଇଲେ ।
ଏହୁ ବାରତା ଦମନ୍ତୀ ପାଇଲେ ।
ସବୁ ବାହାର କଲେ ଅଲଙ୍କାର ।
ମୈଳା ବସ୍ତ୍ରକେ ହୋଇଲେ ବାହାର । ୩୦ ।
ପଥ ଅନୁସରି ସେ ବେଗେ ଯାଇ ।
ରାଜା ଚରଣ ଦର୍ଶନ କରଇ ।
ନଳ ଦେଖି ବଡ଼ ଲଜ୍ଜା ପାଇଲେ ।
ଶୋକେ ଭାଷା ସେ କହି ନ ପାରିଲେ ।
କିଛୁ ବେଳ ତୁନି ହୋଇ ରହିଲେ ।
ଦମୟନ୍ତୀଙ୍କି ସେହୁ ଆଜ୍ଞା ଦେଲେ ।
ତୁ ସେ ପିତା ଘରକୁ ବେଗେ ଯାଅ ।
କିଛୁ ଦିବସ ସେହିଠାରେ ଥାଅ ।
ଏହା ଶୁଣି ଦମନ୍ତୀ ଶୋକ କରି ।
ତୁମ୍ଭ ସଙ୍ଗେ ମୋ ପିତା ନହେ ସରି ।
ତାଙ୍କ ପୁରର ମୋହର କିସ କାର୍ଯ୍ୟ ।
ମୁହିଁ ସଙ୍ଗତେ ଯିବି ମହାରାଜ ।
ଏତେ ବୋଲି ବେନି ହୋଏ ବାହାର ।
ଚଳି ଯାଉଛନ୍ତି ଦାଣ୍ଡ ମଧ୍ୟର ।

Digitized by srujanika@gmail.com

ନଗ୍ର ଲୋକମାନେ ଯେ ଦେଖୁଛନ୍ତି ।
ଏକ ଅନେକ ସବୁ ବସ୍ତୁଦନ୍ତି ।
ବଡ଼ ଧାର୍ମିକ ବୀରସେନ ସୁତ ।
କଉଁ ବିଧାତା ଖେଳାଇଲା ଜୁତ ।
ଏବେ ଯାଉଅଛନ୍ତି ଅରଣ୍ୟକୁ ।
ବହୁ କଷ୍ଟ ହୋଇଅଛୁ ଏହାଙ୍କୁ । ୪୦ ।
ଏହୁ କଥା କହନ୍ତେ ପୁରଜନ ।
ତେତେଣେ ଶୁଭିଲା ରାଜାର ଘୋଷଣ ।
ଏହା ଶୁଣିଣ ସେହୁ ପୁରଲୋକେ ।
ଅତି ବ୍ୟାକୁଳ ହୋନ୍ତି ମହାଶୋକେ ।
ନଳ ନଗ୍ରରୁ ବାହାର ହୋଇଲେ ।
ଦମୟନ୍ତୀ ସଙ୍ଗତେଣ ଥଇଲେ ।
ଯାଇ ଅରଣ୍ୟେ ହୋଇଲେ ପ୍ରବେଶ ।
ଭୀମ ରାଜା ଦୂତ କହେ ସନ୍ଦେଶ ।
କୁଣ୍ଡୀ ନଗ୍ରକୁ ପ୍ରଭୁ ବିଜେକର ।
ସେହୁ ରାଜ୍ୟରେ ହୋଇବ ଠାକୁର । ୪୫ ।
ରାଜା ଆମ୍ଭକୁ ପଠାଇଛନ୍ତି ।
ଶୀଘ୍ରେ ବିଜେ କର ଘେନି ଦମନ୍ତୀ ।
ନଳ ରାଜାର ଆୟୁଷ ନୋହଇ ।
କଳିଯୁଗ ଆସୁଛି କହୁଥାଇ ।
ଦୂତମାନଙ୍କ ବଚନ ଶୁଣିଲେ ।
ଆମ୍ଭେ ନ ଯିବୁଁ ବୋଲି ଆଜ୍ଞାଦେଲେ ।
ଦୂତମାନେ ପାଏ ପଡ଼ି ଶୋଇଲେ ।
କଷ୍ଟ କହିବୁ ବୋଲି ଜଣାଇଲେ ।

Digitized by srujanika@gmail.com

ନଳ ଆଜ୍ଞା ଦେଲେ ହୋ ବେଗେ ଯାଅ ।
ଯାହା ଦେଖିଲ ସ୍ତମ୍ଭରେ ଜଣାଅ । ୫୦ ।
ସ୍ୱର ଲେଉଟି କହୁ ବନେ ଗଲେ ।
କୁଣ୍ଡୀ କଟକେ ପ୍ରବେଶ ହୋଇଲେ ।
ଭୀମ ରାଜାଙ୍କ ପାଦେ ପଡ଼ ହୋଇ ।
ଯଥା ଯୁଗତ ସ୍ତମ୍ଭରେ ଜଣାଇ ।
ଶୁଣି ରାଜା ଭ୍ରମ ହୋଇ ପଡ଼ିଲେ ।
ମୁଖେ ସୁବାସିତ ନୀର ସିଞ୍ଚିଲେ ।
କହୁ ବେଳରେ ରାଜା ଜ୍ଞାନ ପାଇ ।
'ନଳ' ବୋଲି ଶୋକଭରେ କହଇ ।
ରାଜା କେବେହେଁ ଶୋକ ନ ଛାଡ଼ିଲେ ।
ପୁଣି କ୍ରୋଧ କରି ଷେତ ପଡ଼ିଲେ । ୫୫ ।
ପାତ୍ର ସାମନ୍ତମାନେ ଆଗସରି ।
ସେ ଯାହାରେ ଜଣାନ୍ତି ଅନୁସରି ।
ଶୋକ ଛାଡ଼ ମାଜଣା ବେଗେ ହୋଅ ।
ସ୍ୱର ଦଗକୁ ଦୂତ ବରଗାଅ ।
ଯହିଁ ନଳ ଦମୟନ୍ତୀ ଥିବେ ରହି ।
ଖୋଜି ଆଣନ୍ତୁ ସ୍ୱରମାନେ ଯାଇ ।
ରାଜା ଶୁଣିଣ ପ୍ରବୋଧ ହୋଇଲେ ।
ଦଶ ସହସ୍ର ବସ୍ତ୍ର ଅଶ୍ୱ ବୋଲେ ।
ପୁଣି ଆଜ୍ଞା ଦେଲେ ରାଜା ପାତ୍ରକୁ ।
ତୁମ୍ଭେ ଚଳ ହୋ ଭଣ୍ଡାର ଘରକୁ । ୬୦ ।
ଅଯୁତେକ ସୁବର୍ଣ୍ଣ କ୍ଷଣକରେ ।
ବେଗେ ମେଲାଣି ଦିଅ ଦ୍ୱିଜବରେ ।

Digitized by srujanika@gmail.com

ଆଜ୍ଞା ପାଇ ପାଣ୍ଡ ହୋଇଲେ ବାହାର ।
ଧନ ଲେଖିଣ ସେ ଦେଲେ ସ୍ଥମୂର ।
ସବୁ ବିପ୍ରଙ୍କୁ ନମସ୍କାର କରି ।
ପାଣ୍ଡ ବଟନାଇ କହେ ଆଗସରି ।
ତୁମ୍ଭେ ସ୍ୱର ଦଗକୁ ବେଗେ ଯାଅ ।
ଶୁଭେ ନଳ ରାଜାକୁ ଭେଟ ଯାଅ ।
ଏତେ କହି ମେଲାଣି କରିଦେଲା ।
ତାଙ୍କ ଅଗ୍ରତେ ସବୁ ଜଣାଇଲା । ୬୫ ।
ଶୁଣ ନଳ ଚରିତ ଦିବ୍ୟ ରସ ।
ଯାହା ଶୁଣନ୍ତେ ପାପ ହୋଏ ନାଶ ।
ଶ୍ୱେତପଦ୍ମ-ଜ୍ଞୋକାକୁ ଲୟେ କର ।
କଳା ଶ୍ରୀମୁଖ ଶ୍ରୀରଙ୍ଗା ଅଧର ।
ଯେହ୍ନୁ ହେଳା କରି ଏହା ଶ୍ରବ ।
ଶିଶୁପାଳ ଗତି ସେ ପାଇବ ।
ପୁରୁଷୋତ୍ତମ କ୍ଷେତ୍ରବର ଯିବ ।
ଯାଇ କୈବଲ୍ୟ ଦାତାକୁ ଭେଟିବ ।
ତାଙ୍କ ପଦ୍ମଚରଣ ତଳେ ଥାଇ ।
ମଧୁସୂଦନ ଏ ଗୀତ ଗାଇଲଇ । ୭୦ ।

Digitized by srujanika@gmail.com

ଚତୁର୍ଥ ଛାନ୍ଦ

ରାଗ— ଚୋଖି

(ସପନ ରେଖୟା ବାଣୀ)

ରାମ ପଚ୍ଛରନ୍ତ ପୁଣ ମାରକଣ୍ଡ ଋଷି ଶୁଣ
କଇକୟା ଥାଇ ମୋତେ ଏ ଦୁଃଖ ଦେଲା ।
ଅରଣ୍ୟେ ଥଇଲ ମୁହିଁ ପିତା ମୋର ହତ ହୋଇ
ସୀତୟା ସୁମୁଖୀ ମୋର ରାବଣ ନେଲା ।
ଜହ୍ନ ଯାହା ଲହିଛୁ କର୍ମେ
ଅଭିଷେକ ଛୁଡ଼ି ମୁହିଁ ଥଇଲ ବନେ ॥
ପିତା ଦଶରଥ ମୋର ବସିଥିବେ ସ୍ୱର୍ଗପୁର
ରାଜାମାନେ ଉପହାସ କରିବେ ଦେଖି ।
ବୋଲିବେ ସେ ଭଲ ପୁତ୍ର ଜାତ କଲେ ଦଶରଥ
ଆପଣା ଭାରିଯାକୁ ନ ପାରିଲେ ରଖି ।
କହ. ମୁନି ନଳର କଥା
ହୃଦରୁ ଛାଡ଼ିବ ମୋର ସୀତୟା ବ୍ୟଥା ॥
ଏଥୁ ଅନନ୍ତରେ ତହିଁ ମାରକଣ୍ଡ ଋଷି କହି
ଶୁଣିମା ଶ୍ରୀରାମ ତୁମ୍ଭେ ନଳଚରିତ ।
ନଳ ଦମୟନ୍ତୀ ଯାଇ ଅରଣ୍ୟ ଭିତରେ ହୋଇ
କ୍ଷୁଧା ପିପାସ'ରେ ହୋଇ ବଡ଼ ଦୁଃଖିତ ।
ବିଧାତାର ଯୋଗ ଏସନ
ନଳ ବଡ଼ ଦୁଃଖୀ ହୋଇ କହନ୍ତେ ବଚନ ॥

Digitized by srujanika@gmail.com

ଦମୟନ୍ତୀ ଶୁଣ ବାଣୀ ଅତି କ୍ଷୁଧା କଲା ଆଣି
ଅହାର ନୋହିଲେ ଅଉ ନ ପାରେ ଯାଇ ।
ଏସନ ସମୟେ ତହିଁ ଦ୍ୱାପର କପଟ ହୋଇ
କପୋତା ପକ୍ଷୀ ଗୁଡ଼ାଏ ଚରୁ ଅଛଇ ।
ଅମ୍ବରରେ ଜଡ଼ ସୁବର୍ଣ୍ଣ
ଦେଖିଲା ତ ନାହିଁ ପୂର୍ବେ ପକ୍ଷୀ ଏସନ ॥
ରାଜା ଦେଖି ଲୋଭ କର କେମନ୍ତେ ଏହାଙ୍କୁ ଧର
ଯେତେ ବୋଲି ଆପଣାର ବସ୍ତ୍ର ପେଇଲା ।
ଅତି ତରତର ହୋଇ ବସ୍ତ୍ର ଘୋଡ଼ାଇ ପକାଇ
ବଧାତାର ବର୍ଣ୍ଣ ବସ୍ତ୍ର ଘେନ ଉଡ଼ିଲା ।
ଉଲଗ୍ନେ ସେ ରାଜା ରହିଲା
ଦମନ୍ତୀ ଶାଢ଼ୀରୁ ଆଣି ପଣନ୍ତ ଦେଲା ॥
ଏକବସ୍ତ୍ର ଦୁଇଜଣ ପେଛ ଗମନ କରଣ
କଛୁ ଦୂରେ ମଣ୍ଡୋପେକ ଦେଖିଲେ ଯାଇଁ ।
ଚତୁର୍ଦିଗେ ଦାଣ୍ଡ ସ୍ୱର ଦ୍ୱାପର କପଟ କର
ମଧ୍ୟରେ ମଣ୍ଡୋପ ସେହୁ ଅଛଇ ହୋଇ ।
ରାଜା ଦେଖି ମନେ ହରଷ
ଅତି ସୁଖେ ମଣ୍ଡୋପେଣ ହୋଏ ପ୍ରବେଶ ॥
କଛୁ ବେଳ ସୁଖେ ରହ ନଳ ଦମନ୍ତୀଙ୍କ କହ
ଯଉଁ ଦାଣ୍ଡେ ଗଲେ ଯଉଁ ରାଜ୍ୟରେ ହୋଇ ।
ଦକ୍ଷିଣ ଦାଣ୍ଡ ଦେଖାଇ ରାଜା ସେ ପୁଣ ବୋଲଇ
ତୁମ୍ଭ ପିତା କଟକକୁ ଯେ ଦାଣ୍ଡେ ଯାଇ ।
ଶୁଣି ଶୋକ କରେ ଦମନ୍ତୀ
ମତେ ଛାଡ଼ି ପଳାଇବା ମନ କରନ୍ତି ॥

Digitized by srujanika@gmail.com

ଏହା ଶୁଣି ନଳରାଏ   ଅତି ଶୋକଭରରେ କହେ
ମୋହୋର ଅଦୃଷ୍ଟ ଥାଉ ନୋହଇ କେହୁ ।
ବିଧାତା ଯାହା କରିବ   କେ ତାହା ଜାଣି ପାରିବ
ମହୋର କଥାକୁ ତୁମ୍ଭେ ନ ଭାଳ ଆଉ ।
କିସ ଭ୍ରମ ବିଧାତା କଲା
କେଉଁ ପାତକକୁ ଏତେ କଷ୍ଟ ଦିହଲା ॥
ଏମନ୍ତେ ସେହୁ ଦିବସ   ଚଟନ ହୋଇଲା ଶେଷ
ଶର୍ବରୀ ଆସିଣ ପୁଣ ପ୍ରବେଶ ହୋଇ ।
ଜାଗ୍ରତ ଗୁଢ଼ ରାଜନ   ନେତ୍ର ଯେ କଲେ ଶୟନ
କଲି ଉଦବେଗେ ରାଜା ନିଦ ଭାଙ୍ଗଇ ।
ବିଶ୍ୱରଇ ନଳ ରାଜନ
କିସ ଯେନ ଏହୁ ବସ୍ତ୍ର କରିବ ଭିନ୍ନ ॥
ଏହା ବିଚାରନ୍ତେ ରାଏ   ପାରୁଶେ କଲେ ଚାଲଏ
କିଛି ଦୂରେ ଅସିପତ୍ର ପଡ଼ିଣ ଥିଲା ।
ଦ୍ୱାପର କପଟ ହୋଇ   ଖଣ୍ଡା ହୋଇଥିଲା ତହିଁ
ନଳ ମନେ ହୃଷ୍ଟ ହୋଇ କରେ ଧଇଲା ।
ପାଟଶାଢ଼ୀ ବିଭାଗ କଲା
ଦମୟନ୍ତୀର ଅଞ୍ଚଳେ ସଙ୍କେତ ଲିହିଲା ॥
ସତ୍ବରେ କଲେ ଗମନ   କିଛି ଦୂରେ ନିଜ ଜ୍ଞାନ
ଦମୟନ୍ତୀଙ୍କ ଅରଣ୍ୟରେ ଏକା ଛାଡ଼ଇ ।
ପୁଣି ଲେଉଟିଲେ ରାଏ   ମଣ୍ଡୋପ ସନ୍ନିଧେ ହୋଏ
ଅଜ୍ଞାନ ମୋହରେ ପୁଣ ଲେଉଟି ଯାଇ ।
ଏହି ଭାବେ ଶର୍ବରୀ ଶେଷ
କଳିର ଆଦେଶେ ରାଜା କଲେ ନିବାସ ॥

Digitized by srujanika@gmail.com

ଦମୟନ୍ତୀ ନିଦ୍ରା ତ୍ୟଜିଲା ଶଯ୍ୟାରୁ ଉଠି ବସିଲା
ସନ୍ନିଧେ ଦେଖିଲା ନଳ ରାଜନ ନାହିଁ ।
ଧଡ଼ସ ହୋଇ ଉଠିଲା ମୂର୍ଚ୍ଛା ସେ ଯାଇ ପଡ଼ିଲା
ଅତି ଶୋକଭର ହୋଇ ବାଳୀ ଖୋଜଇ ।
ପୁଣି ସେହୁ ଉଠିଲା ରାମା
କେତେ ପରିହାସ କର ବୋଲଇ ବାମା ॥
ମଣ୍ଡୋପ ତଳକୁ ଯାଇ ବୃକ୍ଷ ଉହାଡ଼େ ଖୋଜଇ
ମିଛେହେଁ ବୋଲଇ ତୋତେ ମୁହିଁ ଦେଖିଲି ।
ପୁଣି ଶୋକଭରେ ରହି ବେଗେ ଦେଖା ଦିଅ କୁହି
ନୋହିଲେ ମରିବି ମୁହିଁ ନିଶ୍ଚେ କହିଲି ।
ସେହି ରୂପେ ପଡ଼ିଡ଼େ ହୋଇ
ସ୍ୱୟମ୍ବରେ ବାମା ବସ୍ତ୍ର ଦେଖି ପଢ଼ଇ ॥
ଲେଖିଛି ପୁରୁଷମଣି, ଶୁଣ ରେ ପ୍ରାଣମିତଣି !
ମୋହୋ ଯୋଗ ଅତି କଷ୍ଟ ପାଇଲୁ ତୁହି ।
ମୋହୋର ଆୟୁତ ନାହିଁ ତୋତେ ତ ଅଛଇ କହି
ବିଧାତା ବଶରେ ସଖି ! ସ୍ୱୟମ୍ଭ ହୋଇ ।
ତୁ ଏବେ ଏମନ୍ତ କରିବୁ
ପଥ ଅନୁସରି ପିତା ରାଜ୍ୟକୁ ଯିବୁ ॥
ବିଧାତା ଯେବେ କରିବ ସୁଦଶା ଯେବେ ହୋଇବ
ପୁଣି ଅବା କାହିଁ ବିଧି ଭେଟ କରିବ ।
କେତେ ଦିନ ଯାଏ ସହି ! ନିଜ ପିତା ପୁରେ ରହି
ପୁଣି କର୍ମାକର୍ମ ଫଳମାନ ଭୁଞ୍ଜିବ ।
ରାଜାଘରେ ଜନମ ହେଲୁ
ରାଜା ହାତ ଧରି ସ୍ୱେତେ କଷ୍ଟ ପାଇଲୁ ॥

Digitized by srujanika@gmail.com

ଚିନ୍ତା ମନେ ନ କରିବୁ　　ବାହୁଡ଼ି ବୃଦ୍ଧ ନୋହିବୁ
ଅମ୍ବିକାକୁ ଚିନ୍ତା ସେବା କରୁଣ ଥିବୁ ।
ସ୍ତ୍ରୀଙ୍କ ଅସ୍ଥିର ସେହୁ　　ନ ପାରନ୍ତି ସହି ସନ୍ତୁ
ସ୍ୱେ ବଚ୍ଛେହୁଁ ଜାଣିଥିବୁ ପାର ହୋଇବୁ ।
ତୋହୋ ସଙ୍ଗ ଛାଡ଼ିଲି ମୁହିଁ
ସୁମନା ମନରେ ସେବା ଥିବୁ ଶଚୋଇ ॥
ସଙ୍କେତ ଚହୁଁ ପାଇଲା　　ମୂର୍ଚ୍ଛା ସେ ଯାଇଁ ପଡ଼ିଲା
ଶୋକଭରେ ଉଚ୍ଚସ୍ୱରେ ରୋଦଉଠିଲା ।
ଅରଣ୍ୟ ଭିତରେ ଯାଇ　　ସିଂହ ଆଗରେ ଗଡ଼ଇ
ମତ୍ତହସ୍ତୀ ଆଗରେ ସେ ଯାଇ ପଡ଼ିଲା ।
ଶୋକ ତାର କେ ଅବା କହୁ ।
ଅତି ଗମ୍ଭୀର ଜଳରେ ପଡ଼ଇ ଯେହ୍ନୁ ॥
ଦିନ ଦୁଇ ଝୁରି ଗଲା　　ଅଜଗରକୁ ଭେଟିଲା
ତାହାର ସମ୍ମୁଖେ ବାମା ପଡ଼ିଲା ଯାଇଁ
ଅଜ୍ଞାନେ ନ ଜାଣେ କିଛି　　ଦମୟନ୍ତୀକି ଗିଳୁଅଛି
ଉଚ୍ଚସ୍ୱରେ ନଳ ମୋତେ ରଖ ବୋଲଇ ।
କିରାତ ଯେ ଶୁଣି ଅଇଲା
ଅଜଗର ଗିଳୁଅଛି ଆସି ଦେଖିଲା ॥
ଫାରସା ଯେବେ ଛେଦିଲା　　ମନୁଷ୍ୟ ବାହାର କଲା
ଦେଖିଲାକ ଅତିଅନ୍ତ ସୁନ୍ଦର ବାମା ।
ଲୋଭ କରଣ କିରାତ　　ବେଗେ ଧରିଲା ତା ହାତ
ଧର୍ମକୁ ସୁମରି ହୋଧେ ଗୃହିଁଲା ରାମା ।
ଭସ୍ମ ହୋଇ କିରାତ ଗଲା
ପୁଣି ନଳ ସୁମରଣ ରୋଦ୍ଧ ଉଠିଲା ॥

Digitized by srujanika@gmail.com

ତହୁଁ କଛୁଦୁର ଯାଇ ଅରଣ୍ୟ ଭିତରେ ହୋଇ
ଦେଖିଲେ ପୁଷ୍କରଣୀରେ ପଦ୍ମ ଫୁଟିଛି ।
ଉତ୍ତମ ସୁବାସ ନୀର ତୃଷାରେ କଲେ ଆହାର
ସେଠାରକୁ ମନୁଷ୍ୟଙ୍କ ଗୋଳ ଶୁଭୁଛି ।
ଚଳିଲେ ସେ ରାଜକୁମାରୀ
ମନରେ ଅନବରତେ ନଳ ସୁମରି ॥
ତହୁଁ ଚଳି ଯାଉଥିଲେ ଖଣ୍ଡେକ ଦୂରେ ଦେଖିଲେ
ବହୁତ ସେ ବଣିଜାରେ ଅଛନ୍ତି ରହି ।
ପାରୁଶେ ହୋଇଲେ ଯାଇ ବାରତା ତାଙ୍କୁ ପୁଚ୍ଛଇ
କେବଣ ଦେଶକୁ ତୁମ୍ଭେ ଯିବ ହୋ ଭାଇ ।
ଦେଖି ଉପହାସ ସେ କଲେ
ଅରଣ୍ୟର ଦେବୀ ଏହୁ ବୋଲି ବୋଇଲେ ॥
ସେହୁ ଭଲ ଲୋକେ ଥିଲେ ଦୁଷ୍ଟଙ୍କୁ ନିବର୍ତ୍ତାଇଲେ
କହିଲେ ସୁବାହୁ ନାମେ ଏକ ରାଜନ ।
ଭଣ୍ଡାର ଆମ୍ଭଙ୍କୁ ଦେଇ ବଣିଜକୁ ପଠିଆଇ
ଭାଗ ଲେଖିକରି ସେହୁ ଦଅନ୍ତି ଧନ ।
ଆମ୍ଭେ ତାଙ୍କ ରାଜ୍ୟକୁ ଯିବୁ ।
ଆଜକ ଏହି ଠାବରେ ସୁସ୍ଥେ ରହିବୁ ॥
ଶୁଣି ଦମୟନ୍ତୀ ବୋଲଇ ତୁମ୍ଭର ବୋଇଲେ ମୁହିଁ
ସେହି କଟକକୁ ତୁମ୍ଭ ସଙ୍ଗତେ ଯିବି ।
ଭଲ ଲୋକ ଦେଖି କରି ମୋହର ସୁକୃତ ସାରି
ଯେଉଁ ଅଦ୍ଭୁତ ପାରିବି ସେବା କରିବି ।
ହେଉ ବୋଲି ସେହୁ ବୋଇଲେ
ରାଜକ ସେ ତାହାଙ୍କର ସଙ୍ଗେ ରହିଲେ ॥

Digitized by srujanika@gmail.com

ବିଧାତା ଅପୂର୍ବ ପୁଣ ମହାନଶି ଭଗରେଣ
ମତ୍ତ ହସ୍ତି ଯୂଥ ପୁଷ୍କରିଣୀ ଅଇଲେ ।
ବହୁତ ଥାଟ ଦେଖିଲେ ଅନେକ ଲୋକ ମାଇଲେ
ଯେ ଯାହାରେ ପ୍ରାଣ ଘେନ ପଳାଇ ଗଲେ ।
ଦମନ୍ତୀ ସେ ମନେ ଭାଳଇ
ମୋହ ରହିଲାକୁ ଏଥି ବିପତ୍ତି ହୋଇ ।

ରାତ୍ର ଯେ ଶେଷ ହୋଇଲା ପୂର୍ବେ ସୂର୍ଯ୍ୟ ପ୍ରକାଶିଲା
ସମସ୍ତେହେଁ ଆସି ଏକଠୁଳ ହୋଇଲେ ।
ଯେତେକ ଦ୍ରବ୍ୟମାନ ଥିଲା ଯେ ଯାହାର ସେ ଘେନିଲା
ପଥ ଅନୁସରି ସେହୁ ରାଜ୍ୟକୁ ଗଲେ ।
ସେହୁ ସଙ୍ଗେ ଦମନ୍ତୀ ଯାଇ
କିଛୁଦିନ କଟକରେ ପ୍ରବେଶ ହୋଇ ॥

ରାଜାକୁ ଭେଟି ସେମାନେ ଗଲେ ଯେ ଯାହା ଭୁବନେ
କଟକ ଦାଣ୍ଡରେ ଦମୟନ୍ତୀ ରହିଲେ ।
କେବଣ ଠାବକୁ ଯିବି କାହାର ଘରେ ରହିବି
ଯେମନ୍ତେ ବୋଲିଣ ମନେ ବିସ୍ମର କଲେ ।
ଯେସନେକ ହୁରିଆ ଠୁଳ
ବାଇ ଯାଉଅଛୁ ବୋଲି କଲେ ସେ ଗୋଳ ॥

ପଛେ ହୁରିଆ ଗୋଡ଼ାଇ କେ କେତେ ମାଡ଼ ମାରଇ
ବିଧାତା ନିଷ୍ଠୁର ପଣ କହିବ କେତେ ।
ଗୋଳ କରି ଦାଣ୍ଡେ ଯାନ୍ତି ଜଗତୀ ଉପରେ ବସନ୍ତି
ରାଜମାତା ଦେଖିଲେ ତା ଦଇବକୃତେ ।

Digitized by srujanika@gmail.com

ଆଜ୍ଞା ଦେଲେ ଏକ ଦାସୀକି
ଏହାକୁ ନେ ହାଙ୍କି ଆଣ ମୋର କଟକ ॥
ବେଗ ହୋଇ ଦାସୀ ଯାଇ ନଗରୁ ବାହାର ହୋଇ
ଦମୟନ୍ତୀ ସନ୍ନିଧରେ ସେ ଯାଇ ହୋଇଲା ।
ଦୁରୁଅ ଯଉଡ଼ ଦେଇ ଦମୟନ୍ତୀ ଆଗରେ ହୋଇ
ରାଜମାତା ଡାକୁଛନ୍ତି ବୋଲି ବୋଇଲା ।
ଶୁଣି ତାର ସଙ୍ଗତେ ଗଲେ
ରାଜମାତାଙ୍କ ସମ୍ମୁଖରେ ଦର୍ଶନ କଲେ ॥
ଆଜ୍ଞା ଦେଲେ ଠାକୁରାଣୀ କାହୁଁ ତୁ ଅଇଲୁ ପୁଣି
କିସ କାର୍ଯ୍ୟେ ଏଠାକୁ ଆସିଛୁ ବୋଇଲେ ।
ଦମୟନ୍ତୀ ବୋଇଲେ ଶୁଣ ଦୁଃଖୀ ମୁଁ ଅଟଇ ଜାଣ
ସେବା କରି ରହିବଇ ବୋଲି ବୋଇଲେ ।
କିସ ସେବା କରିବୁ ଜାଣି
ସଇରନ୍ଧ୍ରୀର ସେବା ମୁହିଁ କରିବି ପୁଣି ॥
ଏହା ଶୁଣି ଠାକୁରାଣୀ ସୁପ୍ରହାର ହସ୍ତ ଆଣି
ବୋଇଲେ ତୋହର ସଖୀ ଦୁହିତା ମୋର ।
ଦୁହେଁ ଏକ ଠାବେ ଥିବ ଏକ ଶଯ୍ୟାରେ ଶୋଇବ
ଆଉ ତୁମ୍ଭେ ଦୁହେଁ ମୋତେ ସମାନ ପର ।
ସେହିଦିନୁ ତହିଁ ରହିଲେ ।
ମନରେ ଦୁଃଖ ବାହାରେ ଦମ୍ଭ ଧରିଲେ ॥
ଏମନ୍ତେ ବହୁତ ଦିନ ଦମୟନ୍ତୀ ଥିଲେକ ପୁଣ
ଏକଦିନେ ଏସନେକ କଥା ହୋଇଲା ।
ଭୀମରାଜା ଦୂତମାନେ ବୁଲୁଥାନ୍ତି ସର୍ବସ୍ଥାନେ
କେହୁଣି ଠାବରେ ଆଉ ଭେଟ ନୋହିଲା ।

Digitized by srujanika@gmail.com

ସୁଦେବ ସେ ବୋଲି ବ୍ରାହ୍ମଣ
ସୁବାହୁ କଟକେ ଅପି ପ୍ରବେଶ ପୁଣ ॥
ନଗ୍ରଯାକ ସେ ଖୋଜିଲା   କାହିଁ ଭେଟ ନ ପାଇଲା
ରଜା ନବର ଭିତର ଦେଖିବା ପାଇଁ ।
ରାଜମାତାଙ୍କୁ ଭେଟିଲା   ଦାନ ଘେନିବାରେ ଗଲା
ନଗର ଭିତରେ ଯାଇ ପ୍ରବେଶ ହୋଇ ।
ଠାକୁରାଣୀ ସନ୍ତୋଷ ହୋଇ
ଧାନ ଦଧିମାନ ସେ ଯତନେ ଦିଅଇ ॥
ସ୍ନାହାନ ଶଉଚ ହୋଇ   ବିପ୍ରବରଙ୍କୁ ଡକାଇ
ବୋଲନ୍ତି ହେ ବିପ୍ରବର ଘେନ ମୋ ଦାନ ।
ବହୁତ ହୋଇବ ପୁଣ୍ୟ   କୁଶଳେ ଥିବେ ରାଜନ
ଧନ୍ୟ ହୋଇଥିବେ ଆମ୍ଭ ପରଜାମାନ ।
ଶୁଣି ଦ୍ୱିଜ ଦାନ ଘେନିଲେ
ଦାନଠାରେ ସେହୁ ଦମୟନ୍ତୀଙ୍କି ଦେଖିଲେ । ୩୧ ।
ସୁଦେବ ଦୋଚାହ୍ନା କରି   ପୁଣ ପୁଣ ଅନୁସରି
ପଚାରିଲେ ମାଏଙ୍କୁ କସ ନାମ ତୁମ୍ଭର ।
ଦମୟନ୍ତୀ ତାଙ୍କୁ ଚହ୍ନିଲେ   ଶୋକଭରେଣ କାନ୍ଦିଲେ
ସୁଦେବ ଉଠିଣ ବେଗେ ଧରେ ହୋଡର ।
ଆଜ ବଡ଼ ଭାଗ୍ୟ ମୋହର
ବହୁତ ଖୋଜାଉଛନ୍ତି ମାଏଙ୍କୁ ତୁମ୍ଭର ।
ଏହା ଶୁଣି ଠାକୁରାଣୀ   ବିପ୍ରଙ୍କୁ ପୁଚ୍ଛଇ ବାଣୀ
ଏହାଙ୍କୁ ଜାଣ କି ବିପ୍ରବର ଗୋସାଇଁ ।

Digitized by srujanika@gmail.com

ସୁଦେବ ବୋଲଇ ପୁଣ ଭୀମରାଜା ବୋଲି ଜାଣ
ତାହାଙ୍କ ଦୁହିତା ଦମୟନ୍ତୀ ଅଟଇ ।
ନଳରାଜା ପାଟମହିଷୀ
ଏହାଙ୍କୁ ଖଟନ୍ତି ନିତ କୋଟିଏ ଦାସୀ ।
ଠାକୁରାଣୀ ଆଜ୍ଞା କଲେ ବ୍ରାହ୍ମଣଙ୍କୁ ପଚାରିଲେ
ସେ ଯେବେ ଦମନ୍ତୀ ଏହା ସ୍ୱରୂପ କାହିଁ ।

ଦମନ୍ତୀକି ପାଶେ ଆଣି ଦେଖିଲେ ଯେ ଠାକୁରାଣୀ
କପାଳେ ତିଳକ ଧାଡ଼ି ଯାତ ଅଛଇ ।
କୋଳେ ଆଣି ବେଗେ ଧଇଲେ
ମୋହର ଭ୍ରାତା ଦୁହିତା ବୋଲି ବୋଇଲେ ॥

ସୁବାହୁ ରାଜାଙ୍କୁ ଯାଇ ବେଗେ ଦାସୀଗଣେ କହି
ମାତୁଳ ଦୁହିତା ତୁମ୍ଭ ଭଗ୍ନୀ ଦମନ୍ତୀ ।
ଥିଲେ ନଗର ଭିତରେ କହିଦେଲେ ବିପ୍ରବରେ
ଠାକୁରାଣୀ ଚହ୍ନିଲେ ସେ କଷ୍ଟେ ଅଛନ୍ତି ।
ଶୁଣି ରାଜ୍ୟ ବେଗେ ଉଠିଲେ
ମାତାଙ୍କ ନିକଟରେ ସେ ପ୍ରବେଶ ହୋଇଲେ ॥

ମାତାଙ୍କର ଶ୍ରୀପଦରେ ପ୍ରଣମିତ ବେଗେ କଲେ
ପଚାରିଲେ ଏହୁ କଥା କହ ବେଗେଣ ।
ସବୁ ଦେଖି ପରମାଣି ବୁଝାଇଲେ ଠାକୁରାଣୀ
ଶୁଣି ରାଜ୍ୟ ଦମନ୍ତୀର ଧରେ ଚରଣ ।
ଉଠି ବିପ୍ରମୁଖକୁ ଚାହିଁ ।
ନମସ୍କାର କରି ବଡ଼ ବିନୟ ହୋଇ ॥

Digitized by srujanika@gmail.com

ସୁବାହୁ କହନ୍ତେ ବଚନ   ମୋହର ଭାଗ୍ୟ ଯେସନ
ଦମନ୍ତୀ ଆସିଣ ମୋର ପୁରରେ ଥିଲେ ।
ଆଜହୁଁ ମୋର ନବର   ପବିତ୍ର ହୋଇଲା ପୁର
ଅଧିକ ମୁଁ କସ କହିବଇଁ ବୋଇଲେ ।
ଶୁଣି ବିପ୍ର ବେଗେ ଜଣାଇ ।
ଦମନ୍ତୀକି ପଠିଆଅ ବୋଲିଣ କହି ॥

ସୁବାହୁ କରି ବିଜେସୁ   ଅସ୍ଥାନ ଉପରେ ହୋଇସୁ
ଶ୍ରୀପଲଙ୍କ ସେହୁ ବେଗେ ସଜ କରାଇ ।
ଚନ୍ଦ୍ର ସୂର୍ଯ୍ୟର ଓହାଡ଼ି   ବହୁତ ଗୁମର ପଡ଼ି
ହୋଡ଼ଙ୍ଗିଆମାନେ ତହିଁ ଜଗିଆ ଦେଇ ।
ରାଜବଧୂ ଯେତେ ବେହାର ।
ଚଲିଣ ପରୀକ୍ଷା ବଳ ସେନ ସଙ୍ଗର ।

ଭିତର ପୁରୁ ଦମନ୍ତୀ   ବିଜୟେ କରି ଆସନ୍ତି
ଶ୍ରୀପଲଙ୍କପରେ ଆସି ବିଜୟ କଲେ ।
ସୁବାହୁ ପାଶ୍ଚେଟି ଯାଇ   ବହୁତ ଅକ୍ଷତ ଦେଇ
ନମସ୍କାର କରି ସେ ବାହୁଡ଼ି ଅଇଲେ ।
ପଥ ଅନୁସରି ସେ ଗଲେ ।
କିଛୁଦିନେ କଟକରେ ପ୍ରବେଶ ହେଲେ ।
କୁଣ୍ଡୀ ନଗ୍ର ଯେତେ ଲୋକ   ପାଇଥିଲେ ବଡ଼ ଶୋକ
ଦମନ୍ତୀ ବିଜୟ ସନ୍ତୁଁ କର୍ଣ୍ଣେ ଶୁଣିଲେ ।
ବହୁତ ହରଷ ହୋଇ   ସେ ଯାହାର ବେଗେ ଧାଇଁ
ଚକ୍ଷୁ ପୁରାଇଣ ସମସ୍ତେହିଁ ଦେଖିଲେ ।

Digitized by srujanika@gmail.com

ବେଗେ ଉଗସ୍ୱଏ ଧାଇଁଲେ ।
ଅସ୍ଥାନ ତଳରେ ପାସ୍ୱେ ପଡ଼ି ଶୋଇଲେ ।
ଶୁଣିଲୁ କର୍ଣ୍ଣାଟେଶ୍ୱର   କୁଣ୍ଡୀ ନଗ୍ରର ଭିତର
ଦମନ୍ତୀ ବଜନ୍ସ୍ୱେ କର ଅସୁଅଛନ୍ତ ।
ସୁଦେବ ବୋଲି ବ୍ରାହ୍ମଣେ   ଯାଇଥିଲେ ଦୂତପଣେ
ସୁବାହୁ କନ୍ୟାଙ୍କୁ ସେହୁ ଘେନ ଅସନ୍ତ ।
ଶୁଣି ରାସ୍ୱେ ହରଷ ହୋଇନ୍ତ ।
ଶ୍ରୀଅଙ୍ଗ ବଡ଼ ତଡ଼ାଉ ଯାଉ ଢଅନ୍ତ ।
ଭୀମରାଜା ଉଠେ ବେଗେ   ପାତ୍ର ଅମନାତ୍ୟ ସଙ୍ଗେ
ପାଶ୍ରେଷ୍ଟି ଯାଇନ୍ତେଣ ସିଂହଦ୍ୱାରେ ଦେଖିଲେ ।
ଶ୍ରୀପଲଙ୍କୁ ଓହ୍ଲାଇଲେ   ଚରଣତଳେ ପଡ଼ିଲେ
ଦୁହିତାଙ୍କୁ ବେଗେ ରାଜା ତୋଳି ଧଇଲେ ।
ରାଜା ବଡ଼ ଉଲ୍ଲାସ ହୋଇ ।
ପ୍ରେମ ପୁଲକିତ ଚକ୍ଷୁ ଲୋତକ ବନ୍ଧ ॥
ଜନ୍ମ ଅନ୍ଧ ଯେସନ୍ତେ ଥାଇ   ସେହିକ୍ଷଣି ଚକ୍ଷୁ ପାଇ
ଯେସନେ ଦରିଦ୍ରେ ଧନ ପ୍ରାପତ ହୋଇ ।
ଅପୁତ୍ରକର ଯେସନ   ପୁତ୍ର ଜାତ ହେଲେ ମନ
ରାଜ୍ୟଭ୍ରଷ୍ଟ ରାଜା ତାର ରାଜ୍ୟକୁ ପାଇ ।
ଭୀମ ରାଜା ତେଡ଼େ ହରଷ ।
ସଙ୍ଗତେ ଦୁହିତା ଘେନ ପୁରେ ପ୍ରବେଶ ॥
ସିଂହାସନେ ବସେ କରି   ଦମନ୍ତୀକ କୋଳେ ଧରି
ନଳ ରାଜା ଜୟ କଲେ ବୋଲି ପଶ୍ଚର ।

Digitized by srujanika@gmail.com

ଦମନ୍ତୀ ତନୟ ହୋଇ ଗ୍ରୁମୁଦରେ ସବୁ ଜଣାଇ
ସ୍ବର ନରଗିବାକୁ ସେ ଉସ୍ବର କରି ।
ସେହିକ୍ଷଣି ବିପ୍ରେ ବହୁତ ।
ଅନେକ ସେ ଧନ ଦେଲେ ରାୟେ ତୁରିତ ॥
ଧାଇଁ ମୃଦୁପୁଲ୍ଲି ପୁଣି ସୁତ ଦୁହିତାକୁ ଆଣି
ଏମନ୍ତ ସମୟେ ତାଙ୍କ କୋଡ଼ରେ ଦେଲେ ।
ହରଷେ ଯେସନ ଦମନ୍ତୀ ପୁତ୍ରଙ୍କ ଶିର ଚୁମ୍ବନ୍ତି
ଭିତର ପୁରକୁ ବୋଲି ତନୟ ଜଡ଼ିଲି ।
ମାତାଙ୍କର ଚରଣ ଧରି ।
ବଡ଼ ଶୋକ କଲେ ତହିଁ ନଳ ସୁମରି ॥
ମାୟେ ତୋଳି ଭୁଜେ ଧରି କହନ୍ତି ସେ ବୋଧ କରି
ବିଧାତା ଏସନ ତୋତେ ଭିଆଇ ଥିଲା ।
ଏବେହେଁ କଷ ହୋଇବ ନଳ କି ଶୁଭେ ଆସିବ
ତେବେହେଁ ବୋଲିବା ସିନା ଭଲ ହୋଇଲା ।
ମାୟେ ମୋର ଶୋକ ନ କର ।
ନିରନ୍ତରେ ମହାଦେବ ନାମ ସୁମର ॥
ଏହୁ ନଳର ଆଖ୍ୟାନ ଶୁଣନ୍ତି ଯେବଣ ଜନ
ମହାଘୋର ବିପତ୍ତି ତାଙ୍କର ଫିଟଇ ।
କହେ ମାରକଣ୍ଡ ଋଷି ରାମଙ୍କ ଅଗ୍ରତେ ବସି
ମଧୁସୂଦନ ଯେ ରସ ଗୀତେ ଗାଅଇ ।
ଚକ୍ରଧର ଦୁଃଖ ନାଶିବେ ।
ମନଚିନ୍ତା ସର୍ବ ଜଗନ୍ନାଥ ଫେଡ଼ିବେ ॥

Digitized by srujanika@gmail.com

ପଞ୍ଚମ ଛାନ୍ଦ

ଢିଶ ବଙ୍ଗଡ଼—(ଆଷାଢ଼ଶୁକ୍ଳ ବାଣୀ)

ଏବେ ଶୁଣିମା ଅତ୍ୟନ୍ତ ଚରିତ ।
ରାମ ପୁଣ୍ୟବନ୍ତ ନଳ ଚରିତ ।
ବୋଇଲେ ହେ ଋଷି ନଳ କି କଲା ।
ଦମୟନ୍ତୀକି ଛାଡ଼ି କେଣିକି ଗଲା ।
ତା କହ ଗୋସାଇଁ ।
ଅତି ରସକଥା ମୁହିଁ ଶୁଣଇ ।୧।

ଶୁଣ ଶ୍ରୀରାମ ମାରକଣ୍ଡ କହେ ।
ଦମୟନ୍ତୀ ଶୟନ ଶଯ୍ୟାରେ ରହେ ।
ନଳ ତା ଛାଡ଼ି ଅରଣ୍ୟକୁ ଗଲା ।
ପଞ୍ଚମ ମୂର୍ତ୍ତି ହୋଇ ବଣେ କଲା ।
ସେ କଳିର କୃତ୍ୟ
କେହୁଣି ନଳର ନୋହେ ଅସ୍ୱତ ।୨।

ଏମନ୍ତେ କେତେହେଁକ ବନ ଗଲା ।
ବ୍ୟଗ୍ରମୁଖ ହୋଇ ଧାଉଣ ଥିଲା ।
ଅରଣ୍ୟରେ ଦାବାନଳ ଲାଗିଛି ।
ତଥିମଧ୍ୟରେ ଶବଦ ଶୁଭୁଛି ।
ମୋତେ ରଖ ନଳ ।
ଶୁଣିଲେ ରାଜନ୍ୟ ତାହାର ବଚନ ।୩।

Digitized by srujanika@gmail.com

ଶବଦକୁ ହେଜ ବଜସ୍ୱେ କଲେ ।
ଅଗ୍ନିର ଭିତରେ ଯାଇଁ ପଶିଲେ ।
ଦେଖିଲେ ମହା ସର୍ପେକ ପଡ଼ିଛି ।
ପର୍ବତ ଶୃଙ୍ଗ ପସ୍ୱପ୍ୟେ ଦଶୁଛି ।
ତାଙ୍କୁ ପଚାରିଲେ ।
କିସ କଥା ତୋର କହ ବୋଇଲେ ।୪।

କହଇ ବଡ଼ ସେ ବିନମ୍ର ହୋଇ ।
ସତ୍ୟକଥା ମୁଁ ପଛେ କହିବଇଁ ।
ଅଗ୍ନି ଭୟରୁ ମୋତେ ରକ୍ଷା କର ।
ଏ ଦନ୍ ମୁହିଁ ଅଟଇ ତୁମ୍ଭର ।
ତା ନଳ ଶୁଣିଲେ ।
ମୁଁ ତୋତେ କେମନ୍ତେ ନେବ ବୋଇଲେ ।୫।
ରାଜା ବଚନେ ମହାସର୍ପ କହି ।
ଆଜ୍ଞା ଦେଲେ ତୋର ହସ୍ତେ ସମ୍ଭାଇ ।
ଶୁଣି ନଳ ଯେ କର ପ୍ରସାରିଲେ ।
କ୍ଷୁଦ୍ର ସର୍ପେକ ହୋଇଣ ପଶିଲେ ।
ସେ ହସ୍ତରେ ଲଗିଁ ।
ଅନଳ ଭିତରୁ ବାହାର ହୋଇ ।୬।

ସର୍ପରାଜ୍ୟେ ସେ ପୁଣି ଆଜ୍ଞା ଦେଲେ ।
ଦଶ ପଦଣ୍ଡ ଭୁ ଗଣ ବୋଇଲେ ।
ସେଠାରେ ଭୂମିରେ ଛାଡ଼ିବୁ ମୋତେ ।
ଉପକାର ମୁହିଁ କରିବ ତୋତେ ।

Digitized by srujanika@gmail.com

ତା ଶୁଣି ରାଜନ ।
ପଦ୍ୱଣ୍ଡ ଗଣି ସେ କଲେ ଗମନ । ୭ ।

ନଳ ବୋଇଲେ ଏବେ ହେଲା ଦଶ ।
ଛିଡରେ ଥୁଅନ୍ତେ ବରଷେ ବିଷ ।
ଆପଣା ଅଙ୍ଗକୁ ନଳ ଗୃହିଁଲେ ।
ବିଷ ଜ୍ୱାଳାରେ ବିରୂପ ଦିଶିଲେ ।
ଅତି ଅସୁନ୍ଦର ।
ଚର୍ମ ଦଗ୍ଧୁଅଛି ଯେହ୍ନେ ଅଙ୍ଗାର । ୮ ।

ନାସା ଦେଖିଲେ ବଙ୍କ ହୋଇଗଲା ।
ଚକ୍ଷୁ ଶୋଣିତ ପରାୟେ ଦିଶିଲା ।
ମନରେ ବଡ଼ ବିଷାଦ ପାଇଲେ ।
କିପାଁ ଏମନ୍ତ ତୁ କଲୁ ବୋଇଲେ ।
ସତ୍ୟ କହ ମୋତେ ।
କଉଁ ଅପରାଧ କଲି ମୁଁ ତୋତେ । ୯ ।

ନାମ ଭ୍ରମର ଯେ କସ ଅଟଇ ।
କଉଁ ଅପରାଧ ମୁହିଁ କରଇଁ ।
ଅମୋହ ଦଣ୍ଡ ଦହିଲୁ କପାଇଁ ।
ସବୁ ତା ବୁଝାଇ କହ ଗୋସାଇଁ ।
ମହାନାଗ କହେ ।
କର୍କୋଟକ ମୋର ନାମ ଅଟଇ । ୧୦ ।

Digitized by srujanika@gmail.com

ଅପ୍ସୁକୁଳାଙ୍କର ମଧରେ ମୁର୍ଦ୍ଧ ।
ଦେବତାଙ୍କ ସଙ୍ଗେ ସ୍ୱର୍ଗରେ ଥାଇ ।
ଋଷିଶାପେ ମୁଁ ଯେ ଚ୍ୟୁତ ହୋଇଲି ।
ଅନେକ ଦିନ ହୋଇଲା ରହିଲି ।
ମୋକ୍ଷ ମାଗିଲଇଁ ।
ଋଷି ଆଜ୍ଞା ଦେଲେ ପ୍ରସନ୍ନ ହୋଇ । ୧୧ ।

ବହୁତ ଦିନ ସେହିଠାରେ ଥିବୁ ।
କ୍ଷୁଧା ତୃଷାରେ ତୁ କଷ୍ଟ ପାଇବୁ ।
ପବନ ଆଉ ତୋତେ ନ ଲାଗିବ ।
ତପନ କିରଣ ବଡ଼ ନ୍ହୋଇବ ।
ମୋହର ବଚନ ।
ବିଧାତା ଆଉ ନ କରିବ ଆନ । ୧୨ ।

କଉଣସି କାଳେ ସତ୍ୟ ଯୁଗରେ ।
ବୀରସେନ ଯେ ତପନ ବଂଶରେ ।
ତାର ସୁତ ନଳରାଜା ହୁଇଁଲେ ।
ଶାପରୁ ମୁକତ ହେବୁ ବୋଇଲେ ।
ଶୁଣି ପଗୃରିଲି ।
କେମନ୍ତେ ତାଙ୍କୁ ଭେଟିବି ବୋଇଲି । ୧୩ ।

ଋଷି ଆଜ୍ଞା ଦେଲେ ଶୁଣ ବଚନ ।
ଅରଣ୍ୟେ ଆସିବେ ନଳରାଜନ ।
ବନପୋଡ଼ି ଯେତେବେଳେ ହୋଇବ ।
ଦଣ୍ଡସ୍ଥ ନଳ ପ୍ରବେଶ ହୋଇବ ।

Digitized by srujanika@gmail.com

ତୁ ସ୍ୱାଙ୍କିବୁ ତେଜବ ।
ଶୁଣିଣ ରାଜ୍ୟ ବଜାଏ କରିବେ । ୧୪ ।

ନଳ ଅତ୍ୟନ୍ତ ବଡ଼ ଧର୍ମବନ୍ତ ।
ତାଙ୍କୁ ଛୁଇଁଲେ ହୋଇବୁ ମୁକତ ।
ଦେବଲୋକରେ ଥାପି ତୁ ବସିବୁ ।
ଯଥା ଅଧିକାରପଣ ପାଇବୁ ।
ଏହା କହୁଛନ୍ତି ।
ତୋତେ ଭେଟିଲି ହୋଇଲି ମୁକତ । ୧୫ ।

ହେ ମହାରାଜା ! ମୋର ବୋଲ ଶୁଣ ।
ତୁମ୍ଭଙ୍କୁ ବହନ୍ତି ଚଢ଼ିଛ ଜାଣ ।
ଯେହୁ ଯେ ତୋତେ ଏ ଦୁଃଖ ଦେଉଛୁ ।
ତା'ର ଉପରେ ହିଷ ବରଷୁଛୁ ।
ସେ କହଇ ପିନା ।
ପାଇବ ସେହୁ ସେତେକ ବେଦନା । ୧୬ ।

ସ୍ୱରୂପ ତୁମ୍ଭର ବିରୂପ କଲ ।
ବିପତ୍ତି ତୁମ୍ଭର ମୂର୍ଦ୍ଧ ଦେଖିଲ ।
ଅରୂପ ହୋଇ କନ୍ଦୁହନ ଥାଅ ।
ବିପତ୍ତି ଗଲେ ନିଜରୂପ ହୋଅ ।
ଯେହ୍ନେ ବସ୍ତୁ ଦୁଇ
ନଖ ଭିତରେଣ ସବୁ ଲୁଗ୍ନଇ । ୧୭ ।

Digitized by srujanika@gmail.com

ଯେତେ ବୋଲି ପୀତପଦ୍ମିଣୀ ଦୁଇ ।
ନଖ ଭିତରେଣ ଯାଇ ସମ୍ଭାଇ ।
କର୍କୋଟ ନାଗ ବୁଝାଇ କହିଲେ ।
ରୂପକୁ ତୋହର ଇଚ୍ଛା ହୋଇଲେ ।
ଯେମନ୍ତ କହିବୁ ।
ଏକ ଅଙ୍ଗେ ଏକ ଶାଟର ବାନ୍ଧିବୁ । ୧୮ ।

ନଳ ସେ ମନେ ଚିନ୍ତା କରୁଥିଲେ ।
ନାଗରାଜାର ବଚନ ଶୁଣିଲେ ।
ହରଷ ହୋଇ ପାଦ୍ୟେ ପଡ଼ି ଶୋଇ ।
କର୍କୋଟ ବଡ଼ ପରସନ୍ନ ହୋଇ ।
ଆଜ୍ଞା ଦେଲେ ପୁଣ ।
ତୋ ନାମ ଯେହୁ କରିବ ସ୍ମରଣ । ୧୯ ।

ପ୍ରଚଣ୍ଡ ବିଷ ତାକୁ ନ ଲାଗିବ ।
ସର୍ପାଘାତ ତାକୁ କେବେ ନୋହିବ ।
ତୋହୋର ମୋହୋର ସମ୍ବାଦ ଯେହୁ
ଏକମନ ହୋଇ ଶୁଣିବ ଯେହୁ ।
ଯେମନ୍ତ ହୋଇବ ।
ମୋହୋର ସମାନ କଷ୍ଟ ଫିଟିବ । ୨୦ ।

ଆଉ ଅଧିକ ବରମାନ ଦେଲେ ।
ସ୍ୱର୍ଗପୁରକୁ ସେ ବିଜୟେ କଲେ ।
ନଳ ସେଠାରୁ କିଛିଦୂର ଗଲେ ।
ଅଯୋଧ୍ୟା ନଗରେ ପ୍ରବେଶ ହେଲେ ।

Digitized by srujanika@gmail.com

କଣ୍ଟକ ଭିତରେ ।
ଯାଇଁ ସେ ହୋଇଲେ ସିଂହଦୁଆରେ ।୨୧।

ଋତୁପର୍ଣ୍ଣ ବୋଲି ତହିଁ ରାଜନ ।
ସୂର୍ଯ୍ୟବଂଶେ ସେ ମହା ଉଦ୍ୟମାନ ।
ଧର୍ମେ ପାଳଇ ବିଧିମତ କରି ।
ସତ୍ତ୍ୱଗୁଣ ସେହୁ ଅଛି ଆବୋରି ।
ବଡ଼ ଅବକାଶ ।
ଛତିଶ ନିଯୋଗ ଅଛନ୍ତି ପାଶ । ୨୨ ।

ଏହି ସମୟେ ନଗ୍ରର ଭିତରେ ।
ଯାଇ ହେଲେ ଋତୁପର୍ଣ୍ଣ ଛାମୁରେ ।
ଆସ୍ଥାନ ଲୋକ ଦେଖି ପଚାରିଲେ ।
କେଉଣ ସ୍ଥାନକୁ ଯିବ ବୋଇଲେ ।
ବଚନ କହନ୍ତି ।
ନଳରାଜାର ସାରଥି ବୋଲନ୍ତି । ୨୩ ।

ତାହାଙ୍କର ମୁହିଁ ମିତ୍ର ଅଟଇ ।
ମୋର ତାଙ୍କର ଭିନ୍ନାଭିନ୍ନ ନାହିଁ ।
ନଳକୁ ଯହୁଁ ବିପତ୍ତି ପଡ଼ିଲା ।
ତେଣୁ ବିଧାତା ଏତେପରି କଲା ।
ତା ଶୁଣିଲେ ଯହୁଁ ।
ରାଜା ଛାମୁରେ ଜଣାଇଲେ ତହୁଁ । ୨୪ ।

Digitized by srujanika@gmail.com

ରହୁ ବୋଲିଣ ସେହୁ ଆଜ୍ଞା ଦେଲେ ।
ଜପ ବରତନ ଦେବା ବୋଇଲେ ।
କହିଲେ ବରଜନେ କାର୍ଯ୍ୟ ନାହିଁ ।
ହବିଷ ଭୋଜନ କରିବ ମୁହିଁ ।
ଉଦରକୁ ମାନ ।
ଧନକୁ ଧନ ଦେବ ହେ ରାଜନ । ୧୫ ।

ଶୁଣି କରି ରାଜେନ୍ଦ୍ର ହସି କହିଲେ ।
ଅସବାବ ଘରୁ ନେବ ବୋଇଲେ ।
ଗୃହଗୋଟି ଅଶ୍ୱ ଦୁର୍ବଳ ଜରି ।
ଦାଅଉ ଯତ୍ନରୁ ତହିଁ ଅବୋଧ ।
ତାରୁଣାଳେ ରହି ।
ଅଶ୍ୱ ଗୃହଗୋଟି ପ୍ରତିପାଳଇ । ୧୬ ।

ସେତେବେଳେ ଅଶ୍ୱ ପାଣିକି ନେଇ ।
ନଦୀର ଭିତରେ ସ୍ନାନ ବଡ଼ାଇ ।
ସେହି ଠାବ[illegible] ଭିଜନ କରନ୍ତି ।
ମଣୋହି ପାଷାଣ ତହୁ ଅସନ୍ତି ।
ରାତ୍ରେ ନିଦ୍ରା ନାହିଁ ।
ଦମନ୍ତୀ କି କଲା ବୋଲି ଭ୍ରାଳଇ । ୧୭ ।

ଉଜାଗର ହୋଇ ନିତ୍ୟେ ବୋଲଇ ।
ଏକା ହୋଇ ସେହୁ ଜପ କରଇ ।
ପୁରୁଷ ଅବଶେଷ୍ୟ ଛାଡ଼ି ସେ ଗଲା ।
ନାଶ୍ରି ତାହାର ସେ କେମନ୍ତ କଲା ।

Digitized by srujanika@gmail.com

ଶୁଣି ସଙ୍ଗ ଲୋକେ ।
ବାତୁଳ ବୋଲିଣ ବୋଲନ୍ତି ଥୋକେ । ୨୮ ।

ବାରୁଣୀଲେ ଯେତେ ଲୋକ ଶୁଥନ୍ତି ।
ସବୁଦିନେ ସେ ତାହାକୁ ବୋଲନ୍ତି ।
କେହୁ ସେ କାହାକୁ ଛୁଡ଼ ଅଇଲା ।
ତୋହର ତଦ୍ୱଂକ କସ ହୋଇଲା ।
ନଦ୍ରା ନୁ ନ ଯାଉ ।
ବାଇଙ୍କ ଧବ କର୍ମା ହୋଉଥାଉ । ୨୯ ।

କାହାର ବୋଲ ସେହୁ ନ ଶୁଣନ୍ତି ।
ସମସ୍ତେହେ ତୁନି ହୋଇ ରହନ୍ତି ।
ବୋଲନ୍ତି ହୋ ନଦ୍ରା ଯାଅ ଥମ୍ଭର ।
ଏମନ୍ତ ପ୍ରକୃତି ଅଟେ ତାହାର ।
କିଛୁ ଧନ ଗଲା ।
ନାଳ ରାତ୍ୟେ ବଡ଼ ଦୁଃଖ ପାଇଲା । ୩୦ ।

ଏମନ୍ତେ ଶୁଣିମାହା ଏକ ରସ ।
ଶ୍ରୀମନ୍ତଜା ଗୃହ ଦୋଷ୍ୟେ ପ୍ରବେଶ ।
କଠକପାକ ସବୁ ସେ ଖୋଜିଲା ।
କେହୁଣି ଠାବରେ ଭେଟ ନୋହିଲା ।
ଶ୍ରୀ ନବରେ ଯାଇ ।
ଛତରେ ଧବୁ ମେ ବିପ୍ର ଖୋଜଇ । ୩୧ ।

Digitized by srujanika@gmail.com

ଚନ୍ଦ୍ର ପୁଣ ସୂର୍ଯ୍ୟ ଅସ୍ତ ହୋଇଲା ।
ପୂର୍ଣ୍ଣାନନ୍ଦ ଯେ ଖୋଜି ନ ପାଇଲା ।
ଗହନେ ବାଲୁଶାଳାରେ ଶୋଇଲା ।
ନିଶାରେ ସେହୁ ସଙ୍କେତ ପାଇଲା ।
ବ୍ରାହ୍ମଣ ପଚ୍ଚର ।
କପ ବୋଲଇ ଏ ବୁଝି ନ ପାର । ୩୨ ।

ପାରୁଶ ଲୋକ ବୋଲନ୍ତି ଗୋସାଇଁ ।
ସବୁଦନେ ଏହ୍ନମତ କହୁଥଇ ।
ବାଇ ବୋଲି ଅମ୍ଭେ ବୋଲୁଁ ଏହାଙ୍କୁ ।
ପଚ୍ଚରିଲେ ସେ ନ କହେ ଅମ୍ଭଙ୍କୁ ।
ବ୍ରାହ୍ମଣ ହରଷ ।
ବିଧାତା ଅବା ମୋତେ ଦେଲା ପଣ । ୩୩ ।

ଶୁଣିଲା ବେନ୍ତୁଁ ଉଜାଗର ହୋଇ ।
ହରଷ ହୋଇ ବ୍ରାହ୍ମଣ ବସଇ ।
ସୂର୍ଯ୍ୟ ଉଦୟ ଅସ୍ତ ଚନ୍ଦ୍ର ହେଲା ।
ବିପ୍ର ତାହାଙ୍କ ପାରୁଶେ ବସିଲା ।
ନରେଖି-ସ୍ବହ୍ନଲା ।
ବିରୂପ ଦେଖିଣ ଲୁହେ ବୋଇଲା ।୩୪।

ଅଯୋଧ୍ୟା ନଗର ସବୁ ଖୋଜିଲା ।
ଆହୁର ବହୁତ ରାଜ୍ୟ ବୁଲିଲା ।
କେଉଟି କୁଣ୍ଡୀ ନଗ୍ରକୁ ଚଳିଲେ ।
ସମସ୍ତ ପୁର ପ୍ରବେଶ ହୋଇଲେ ।

Digitized by srujanika@gmail.com

ରଜାଙ୍କ ସ୍ତମ୍ଭରେ ।
ଦର୍ଶନ କରି ଜଣାଇଲେ ସ୍ବରେ । ୩୫ ।

ଶୁଣିମା କର୍ଣ୍ଣାଟେଶ୍ବର ଠାକୁର ।
ପୂର୍ବ ପଶ୍ଚିମ ଦକ୍ଷିଣ ଉତ୍ତର ।
ସର୍ବ ରାଜ୍ୟରେ ଆମ୍ଭେ ସଙ୍ଖୋଳିଲୁ ।
ନଗର ପାଟଣା ସବୁ ବୁଲିଲୁଁ ।
ନିର୍ଝର ବନରୁ ।
ଯାଇ ନ ପାରି ଅଇଲୁ ଦୂରରୁ । ୩୬ ।

ଶଙ୍ଖ ବର୍ଣ୍ଣ ଯେ କାହିଁ ନ ଦେଖିଲୁଁ ।
ବହୁଦ ବୁଲି ନେଉଟି ଅଇଲୁଁ ।
ଚୂର୍ଣ୍ଣାନନ୍ଦ ଅଯୋଧ୍ୟା ଯାଇଥିଲା ।
ସବୁଙ୍କଠାରୁ ଆଗେ ଅଇଲା ।
ସ୍ତମ୍ଭରେ ଜଣାଇ ।
ଏକ ଶଙ୍ଖନ ମୁଦ୍ରିଁ ଦେଖିଲଇଁ । ୩୭ ।

ଅନେକ ଦୂର ଯେ ମୁଦ୍ରିଁ ଖୋଜିଲି ।
ଅଯୋଧ୍ୟା ନଗ୍ରରେ ଯାଇ ହୋଇଲି ।
ସାରଥି ସେ ଋତୁପର୍ଣ୍ଣ ରାଜାର ।
ରନ୍ଧକ ହୋଇଥାଇ ଭଜାଗର ।
ସେଠାରେ ରହିଲି ।
ତାହାର ଚହୁଁ ଏମନ୍ତ ଶୁଣିଲି । ୩୮ ।

Digitized by srujanika@gmail.com

ନିଶାରେ ସେହୁ ନିର୍ଭୟେ ବୁଲୁଥାଇ ।
ପାରୁଣ ଲୋକଙ୍କୁ ପଷ୍ଟରିଲଇଁ ।
ସେହୁ ବୋଇଲେ ସ୍ୱଭାବ ଏହାର ।
ଅଇଲା ଦିନୁ ଏ ନିଶାଧ୍ୱଗର ।
ଏମନ୍ତ ହୁଅଇ ।
ପଷ୍ଟରିଲେ ସେ କଥା ନ କହଇ । ୩୯ ।

ନିତ ଦିନରେ ଏମନ୍ତ ବୋଲଇ ।
ସେହୁ ସ୍ତୁ ଶ୍ଳୋକ ଗୁଡ଼ି ସେ ଆସଇ ।
ଯେ୍ୱକା ହୋଇ ସେ ଅରଣ୍ୟେ କି କଲା ।
ମନ୍ତ୍ରୋପଠାରୁ ସେ କେଣିକି ଗଲା ।
ଏମନ୍ତ ଶୁଣିଲା ।
ପ୍ରଭାତ ହୁଅନ୍ତେ ପାଶେ ହୋଇଲା । ୪୦ ।

ଦେଖିଲା ସେହୁ ବଡ଼ ଅସୁନ୍ଦର ।
ଚର୍ମ ଦିଶୁଅଛି ଯେହ୍ନେ ଅଙ୍ଗାର ।
ନାସା ଯେ ତାହାର ବଙ୍କ ହୋଇଛି ।
ଚକ୍ଷୁ ଶ୍ରୋଣିତ ପ୍ରାୟେକ ଦିଶୁଛି ।
ଦେଖିଲା ଏସନ ।
ଜାଣିଲା ଏ ନୋହେ ନଳ ରାଜନ । ୪୧ ।

ନଳ ସଙ୍କେତ ତହୁଁ ସେ ନ ପାଇ ।
ରାଜା ମନେ ଯେ ମହାତାପ ପାଇ ।
ମହାଦେବ ସେ ସୁମରଣା କଲେ ।
ନଳଙ୍କୁ ମନେ ନିରାଶ ହୋଇଲେ ।

Digitized by srujanika@gmail.com

ଦମନ୍ତୀଙ୍କ ପାଇ ।
ବାରତା କହ ରାଜା ଆଜ୍ଞା ଦେଇ । ୬୨ ।

ସବୁ ବ୍ରାହ୍ମଣ ସେ ଶିଘ୍ର ନବର ।
ଯାଇଁ ହୋଇଲେ ଦମନ୍ତୀ ଗୃହର ।
ବାରତା ସବୁ ସ୍ୱରେ ଜଣାଇଲେ ।
ଶୁଣି ସେ ମେଲାଣି ସବୁଙ୍କୁ ଦେଲେ ।
ବେଗ ହୋଇ ଯାଅ ।
ଅଯୋଧ୍ୟାପୁର ଦୂତ ଏକା ଥାଅ । ୬୩ ।

ବିପ୍ରଙ୍କୁ ପୁଣି କର ନମସ୍କାର ।
ବିନମ୍ରୀ ହୋଇ କହନ୍ତ ଉତ୍ତର ।
ଆଦ୍ୟରେ ସୁବର୍ଣ୍ଣ ଦେବଇଁ ମୁହିଁ ।
ଅଯୋଧ୍ୟା ନଗର ଯିବ ଗୋସାଇଁ ।
ମିଛ ସେ କହିବ ।
ରାମ ରାଜାର ଲେଖା ବୋଲି ଦେବ । ୬୪ ।

ଅଯୋଧ୍ୟାନଗର ଯେତେକ ଦୂର ।
ଯେତେ ଦିନେ ଯାଇ ହୋଇବ ଗୁର ।
ତାହାଙ୍କ ଦିନେ ଅଧିକ ଗଣିଲେ ।
ସ୍ୱୟମ୍ବର କଣ୍ଠେ ସେ ଦିନ କଲେ ।
ଲେଖ ସ୍ୱଷ୍ଟା ଲିହ ।
ଦମନ୍ତୀ ଦ୍ୱିତୀ ସ୍ୱୟମ୍ବର ହୋଇ । ୬୫ ।

Digitized by srujanika@gmail.com

ଦୂତୀକି ଯେବେ ବୋଲିବେ ତୁମ୍ଭଙ୍କୁ ।
ଏହିଚନ୍ଦନେ ଲେଖା ଦେଲ ଆମ୍ଭଙ୍କୁ ।
ଲେଖିରେ କଣ୍ଠ କାଲି ସ୍ୱୟମ୍ବର ।
ଚଳନ୍ତୁ କପାଇଁ କଲୁ ତୁ ସ୍ୱର ।
ଏମନ୍ତ କହିବ ।
ଅପୂର୍ଣ୍ଣ ପଥେ ହୋଇଲି ବୋଲିବ । ୪୬ ।

ପୂର୍ଣ୍ଣାନନ୍ଦକୁ ଦେଲେ ପଠାଇ ।
କପଟ କଥା କେହି ନ ଜାଣଇ ।
ଦମୟନ୍ତୀ ପୀଡା ନବରେ ରହିଲେ ।
ହରଗଉରୀ ଆରାଧନା କଲେ ।
ନଳରାଜା ପାଇଁ ।
ଷଟଚ୍ଛଦ ଭେଟ କରାଅ ଗୋସାଇଁ । ୪୭ ।

ସୁଜ୍ଞଜନେ ଶୁଣ ନଳ ଚରିତ ।
ଯାହା ଶୁଣନ୍ତେ ହୋଇବ ପବିତ୍ର ।
ଶ୍ରୀରାମ ଆଗେ ମାର୍କଣ୍ଡ କହେ ।
ଶୁଣନ୍ତେ ରାମ ବିପତ୍ତି ନ ରହେ ।
ସୁଜ୍ଞିଜନେ ଶୁଣ ।
ଶୋଭା ହୋଇଲେ ବହୁତ କାରଣ । ୪୮ ।

ବିପତ୍ତି ତାର ବଡ଼ ବେଗେ ଯାଇ ।
ଅକାଳ ମୃତ୍ୟୁ କେବେହେଁ ନୋହଇ ।
ବହୁତ କୁଟୁମ୍ବ ବୃଦ୍ଧି ହୋଅଇ ।
ଧର୍ମରେ ବୁଦ୍ଧି ଅହର୍ନିଶି ଥାଇ ।

Digitized by srujanika@gmail.com

ଠାକୁର ସୁମର ।
ବଡ଼ ମାୟାବୀ ପ୍ରଭୁ ଚକ୍ରଧର । ୪୯ ।

ବଇରତ ପଣେ ଯେହ୍ନୁ ଭଜନ୍ତି ।
ନିଶ୍ଚେସ୍ଥୁ ସାୟୁଜ୍ୟ ମୁକ୍ତି ଲଭନ୍ତି ।
ଗଜରାଜ ମୋକ୍ଷ ତନ୍ଦ ଜନ୍ମରେ ।
ଗ୍ରାହା ବସିଲ ଯାଇଁ ସ୍ୱର୍ଗପୁରେ ।
ସେହ୍ନୁ ଚକ୍ରଧର ।
କସ ପୁଣ୍ୟ ଯେ କଲାକ କୁମ୍ଭୀର । ୫୦ ।

ବୈଷ୍ଣବ ଗଣେହି ଯେହ୍ନୁ ଭଜଇ ।
ନିଶ୍ଚୟେ ପରମ ଗତି ସେ ପାଇ ।
ପ୍ରହଲ୍ଲାଦ ଯେ କଲା ସୁମରଣ ।
ସ୍ତମ୍ଭରୁ ବାହାର ଦେଲେ ଆପଣ ।
ଭୃତ୍ୟ ଅପମାନ ।
ଡାକଲେ ଟେକ ସେ ଥାନ୍ତି ଶ୍ରବଣ । ୫୧ ।

ଆରତେ ଗଜଇନ୍ଦ୍ର ଯେ ଡାକିଲା ।
ଦ୍ରୌପଦୀ ସଭାତଳେ ସୁମରିଲା ।
କାହିଁ ଥାଇ ତା ଶୁଣିଲେ ଗୋସାଇଁ ।
ଭକ୍ତ ରକ୍ଷା ଯେଉଁ ପ୍ରକାରେ ହୋଇ ।
ତାହା ବୁଝେସ୍ତ କର ।
ମଧୁସୂଦନ ସେ ପାଦେ କିଙ୍କର । ୫୨ ।

Digitized by srujanika@gmail.com

ଷଷ୍ଠ ଛାନ୍ଦ

ସ୍ୱର—ନଳିନୀ ଗଉଡ଼ା (ମୁନିବର ବାଣୀରେ ଗାଇବ)

ରାମ ପଶ୍ଚରନ୍ତି ପୁଣ । ମାରକଣ୍ଡ କହେ ଶୁଣ ।
ନଳ ସେ କଷ୍ଟକେ ଥିଲା । କେମନ୍ତେ କଲା ଏ । ୧ ।
ଏକଦିନେ ଋତୁପର୍ଣ୍ଣ । ବାରୁଣାଳାକୁ ଗମନ ।
ବଜାଯ୍ୱେ ସେ ରଜା କଲେ । ଅଶ୍ୱ ଦେଖିଲେ ଏ । ୨ ।
ସମସ୍ତ ଅବଧାରିଲା । ନଳଖଦାରେ ପଶିଲା ।
ଦେଖିଲା ସେ ଅଶ୍ୱ ସ୍ୱରୂ । ପ୍ରଶଂସା କରୁ ଏ । ୩ ।
ଶ୍ରୀଅଙ୍ଗ ଲାଗି ପାଗ୍ରେଡ଼ । ଆପଣେ ବଥନ୍ତି ଶାଢ଼ୀ ।
ରଜା ସେ ଆସ ବୋଇଲେ । ହସ୍ତ ଧଇଲେ ଏ । ୪ ।
ଶୀବାରୁ ପାଶରେ ଯାଇ । ରଜା ସମର୍ପଣ ଦେଇ ।
ଆଜ୍ଞାଦେଲେ ସେହି ରଣ । ବେଦ୍ଦେସ ପଣ ଏ । ୫ ।
ସବଁ ବାହୁକଙ୍କୁ କହ । ଏହୁ ସେ ଯାହା ବୋଲଇ ।
ଆମ୍ଭର ବୋଇଲା ସେହୁ । ତୁମ୍ଭଙ୍କୁ ହୋଉ ଏ । ୬ ।
ଯେତେକ ଅଶ୍ୱ ଆମ୍ଭର । ଚରଣ୍ଟ ସବୁ ଏହାର ।
ଆନ ଯେ ତାହା କରିବ । ଦଣ୍ଡ ପାଇବ ଏ । ୭ ।
ଏତେ ଆଜ୍ଞା ଦେଇ ରଯ୍ୱେ । ନବରେ ଗଲେ ବଜାଯ୍ୱେ ।
ସେ ଦିନୁଁ ନଳ ବଢ଼ିଲେ । ଚରଣ୍ଟ କଲେ ଏ । ୮ ।
ଏମନ୍ତ ବହୁତ ଦିନ । ରହିଲେ ନଳରାଜନ ।
କେହୁ ତାହାଙ୍କୁ ନ ଜାଣି । ଥିଲେ ସେ ପୁଣି ଏ । ୯ ।
ଅଯୋଧ୍ୟା ନବରେ ରଯ୍ୱେ । ଆସ୍ଥାନେ କରି ବଜାଯ୍ୱେ ।
ସମସ୍ତେ ଛନ୍ତି ପାରୁଷେ । ଏକ ଦିବସେ ଏ । ୧୦ ।

Digitized by srujanika@gmail.com

ମାୟା ଦୂତେକ ଅଇଲା । ସମ୍ମୁରେ ଦର୍ଶନ କଲା ।
ନମନ୍ତ୍ରଣ ଲେଖ ଦେଲା । ରଜା ଶୁଣିଲା ଏ । ୧୧ ।
ପୁନାନନ୍ଦ ମୁଖ ଚୃହିଁ । ଋତୁପର୍ଣ୍ଣ ଆଜ୍ଞା ଦେଇ ।
କର୍ଣ୍ଣାଟ ଦେଶୁଁ ଅଇଲୁ । ବିଳମ୍ବ କଲୁ ଏ । ୧୨ ।
ଭୀମ ରଜା ପଠିଥାଇ । ଦ୍ୱିତୀ ସ୍ୱୟମ୍ବର ପାଇଁ ।
ଦମନ୍ତୀ ବରିବେ ବର । ଇଚ୍ଛାୟେ ତାର ଏ । ୧୩ ।
କାଲି ହେବ ସ୍ୱୟମ୍ବର । ଲିହ୍ନ ଅଛନ୍ତି ଲେଖର ।
ତୁ ଆସି ଅଜ ହୋଇଲୁ । କାହିଁ ରହିଲୁ ଏ । ୧୪ ।
ଇନ୍ଦ୍ରେଣ ଦୂତ ଜଣାଇ । ବହୁତ ଅସୁସ୍ଥ ହୋଇ ।
ଧର୍ମେଣ ଛାଇଁ ଅଇଲି । ଆସି କହିଲି ଏ । ୧୫ ।
ରଜ୍ୟେ ଶୁଣି ଦୁଃଖ କଲେ । ବହୁତ ଚିନ୍ତା ପାଇଲେ ।
ବୋଇଲେ ଅଗ୍ରୁଁ ଜାଣିଲେ । ଯାଆନ୍ତୁ ଭଲେ ଏ । ୧୬ ।
ସମ୍ମୁରେ ଯେ ଉଭା ହୋଇ । ବାହୁକମାନ ଅଛଇ ।
ନଳ ଯେ ମଧ୍ୟରେ ଥିଲେ । ସର୍ବ ଶୁଣିଲେ । ୧୭ ।
ବହୁତ ମନ ବିରସ । ସ୍ୱରବ ଶୁଣି ସନ୍ଦେଶ । ,
ଯିବାକୁ ମନେ ବିଚାର । ରଜା ପଚାର ଏ । ୧୮ ।
ବାହୁକମାନେ ହୋ ଶୁଣ । କର୍ଣ୍ଣାଟ ଦେଶ ତ ଜାଣ ।
ରଥ କେ ପାରିବ ବାହି । ଦିନହି ନାହିଁ ହେ । ୧୯ ।
ବାହୁକମାନେ ଜଣାଇ । ଅସମ୍ଭବ ଆଜ୍ଞା ଏହୋଇ ।
କୁଣ୍ଡୀକ ଅଯୋଧ୍ୟାପୁର । ବହୁତ ଦୂର ଏ । ୨୦ ।
ସାତମାସ ଯେବେ ଯାଇ । କୁଣ୍ଡୀ ନଗ୍ରରେ ହୋଅଇ ।
ରଥ କେ ଦିନକେ ନେବ । କେହୁ ପାରିବ ଏ । ୨୧ ।
ସାରଥୀଙ୍କର ବଚନ । ଶୁଣିଲେ ସେହୁ ରାଜନ ।
ପ୍ରମାଣ କଥା ବୋଇଲେ । ତୁନି ହୋଇଲେ ଏ । ୨୨ ।

Digitized by srujanika@gmail.com

ଏମନ୍ତେ ନଳ ଜଣାଇ । ଶୁଣ ସାବଧାନ ହୋଇ ।
କର୍ଣ୍ଣାଟ ଦେଶକୁ ବୋଲ । ନେମଇଁ କଲି ଏ । ୨୩ ।
ଏକା ତୁ ବିଜେ କରିବୁ । କୁଣ୍ଡୀ ନଗ୍ରକୁ ତୁ ଯିବୁ ।
ରଥ ମୁଁ ଏକା ବାହିବି । ନେଇ କରିବି ଏ । ୨୪ ।
ପ୍ରସନ୍ନ ଶୁଣି ହୋଇଲେ । ଧନ୍ୟ ତୁ ବୋଲି ବୋଇଲେ ।
କେତେକ ବେଳରେ ଯିବା । ବିଜେ କରିବା ଏ । ୨୫ ।
ଆଜର ଦିବସ ଯାଉ । ଶୁଭେଣ ଯେ ରାତ୍ର ପାହୁ ।
କାଲିର ପ୍ରଭାତେ ରାଜ୍ୟେ । କର ବିଜୟେ ଏ । ୨୬ ।
ଆସ୍ଥାନ ଭାଙ୍ଗି ଉଠିଲେ । ରାଜମନ୍ଦିରେ ରହିଲେ ।
ଶର୍ବରୀ ଶେଷ ହୋଇଲା । ପ୍ରାତ ହୋଇଲା ଏ । ୨୭ ।
ପ୍ରଭାତୁଁ ଉଠି ରାଜନ । ହକରି କଲେ ବହନ ।
ଅଜ୍ଞା ଯେହ୍ନେ ରଜା ଦେଲେ । ଯିବା ବୋଇଲେ ଏ । ୨୮ ।
ଜଣାଇ ପୁଣି ସ୍ତ୍ରୀମୁଖରେ । ବିଜେ କରିବା ରଥରେ ।
ଋତୁପର୍ଣ୍ଣ ବିଜୟ କଲେ । ନଳ ବହିଲେ ସେ । ୨୯ ।
ବାଗଡୋର ସେ ଗୃହିଲେ । କର୍ଣ୍ଣରେ ମନ୍ତ୍ର କହିଲେ ।
ଉଠିଲେ ସେ ଅଶ୍ୱ ଧ୍ୱରି । ପବନ ସରି ଏ । ୩୦ ।
ବେଗେ ଚଳି ଯାଉଥିଲେ । ରାଜା ନେଉଟି ଚାହିଁଲେ ।
କହେ ଉତ୍ତରୀୟ ଥିଲା । ଖସି ପଡ଼ିଲା ଏ । ୩୧ ।
ବାହୁକକୁ ଆଜ୍ଞା ଦେଲେ । ରଥ ରୁହାଅ ବୋଇଲେ ।
ଉତ୍ତରୀୟ ପଡ଼ିଗଲା । ଯେନ ବୋଇଲା ଏ । ୩୨ ।
ସାରଥି କହେ ସ୍ତ୍ରୀମୁଖ । ରହିଲା ବହୁତ ଦୂର ।
ଏଠାରେ କମା ରହିବା । କାହିଁ ପାଇବା ଏ । ୩୩ ।
ଶୁଣି ରାଜ୍ୟେ ଅଜ୍ଞା ଦେଲେ । ରୁହାଅ ରଥ ବୋଇଲେ ।
ଥିଲୁଁ କେତେକ ଦୂର । ଜାଣିମା ତୋର ଏ । ୩୪ ।

Digitized by srujanika@gmail.com

ରଥବର ଚଳାଇଲେ । ସେହୁ ରାଜ୍ୟେ ପ୍ରବେଶିଲେ ।
ଉତ୍ତରୀ ପଡ଼ିଲାଠାରେ । ହୋଇଲେ ଖରେ ସେ । ୩୫ ।

ଉତ୍ତରୀ ଚହୁଁ ଘେନିଲେ । ଯେଉଁଠାରୁ ବାହୁଡ଼ିଲେ ।
ଅଶୀ ଯେ ପୂର୍ଣ୍ଣ ହୋଇଲା । ଲୋକ କହିଲା ଏ । ୩୬ ।

ରାଜା ଚହୁଁ ପଚାରିଲେ । ସାରଥି ଶୁଣ ବୋଇଲେ ।
ସତ ତ କହିବୁ ମୋତେ । ନିୟମ ତୋତେ ଏ । ୩୭ ।

ଅଶ୍ୱହୃଦ ବିଦ୍ୟା ଗୁହ୍ୟ । ଅଛୁ ତୁ ସେ ପୁଣ ପାଇ ।
ନୋହିଲେ ଏତେକ ଖରେ । ହୋଏଥୁ କାହାରେ ଏ ।୩୮।

ସାରଥି ତାଙ୍କୁ କହିଲେ । ଜାଣଇଁ ମୁହିଁ ବୋଇଲେ ।
ଋତୁପର୍ଣ୍ଣ ଶୁଣି ହସିଲେ । ଆଜ୍ଞା ସେ ଦେଲେ ଏ ।୩୯ ।

ଅଶ୍ୱହୃଦ ବିଦ୍ୟା ମୁହିଁ । ବହୁତ ଭଲ ଜାଣଇଁ ।
ପାଇଛ ବିଦ୍ୟା କରିବା । ମିତ୍ର ହୋଇବା ଏ ।୪୦ ।

ବାହୁକ ପୁଣି ପଚାରି । ସେହୁ ବିଦ୍ୟା କିସ କରି ।
ଆଜ୍ଞା ସେ ହୋଉ ରାଜନ । ଜାଣଇ ପୁଣ ଏ । ୪୧ ।

କହନ୍ତି ତାଙ୍କୁ ରାଜନ । ଏହୁ ବିଦ୍ୟା ଯେ ଏସନ ।
କଳିଯୁଗ ବାଧା ନାହିଁ । ଜୂଟେ ଜିଣଇ ଯେ । ୪୨ ।

ପଶାରେ ଯେ ଦଶଦାନ । ଖେଳରେ ସେ ପଡ଼େ ଜାଣ ।
ଡାକିଲେ ଦାନ ପଡ଼ଇ । ଅବଜ୍ଞା ନୋହି ଏ ।୪୩।

ଆରେକ କଥାଏ ଶୁଣ । କଉତୁକ ଏହୁ ଜାଣ ।
ବୃକ୍ଷେ ଯେତେ ପତ୍ର ଥାଇ । ତାହା ଜାଣଇ ଏ ।୪୪।

ଶୁଣି ତା ନଳରାଜନ । ହରଷ ହୋଇଲେ ମନ ।
ପଶାରେ ଯେବେ ଜିଣଇ । ଘେନିବ ମୁହିଁ ଏ ।୪୫।
ଏତେ ବିଚାର କହିଲେ । ବିଦ୍ୟା ସେ ଦିଅ ବୋଇଲେ ।
କେମନ୍ତ ସେହୁ ଅଛଇ । ତାହା ବୁଝଇ ଏ । ୪୬ ।

Digitized by srujanika@gmail.com

ଏବେ ଶୁଣି ଋତୁପର୍ଣ୍ଣ । ଉପଦେଶ ଦେଲେ କର୍ଣ୍ଣ ।
ବିଦ୍ୟା ତୁ ପରୀକ୍ଷା କର । ଏହି ବୃକ୍ଷର ଏ । ୫୭ ।
ନଳ ଯେ ଏହା ଶୁଣିଲେ । ବାହାଡ଼ା ବୃକ୍ଷ ଦେଖିଲେ ।
ଏକ ସେ ଡ଼ାଳକୁ ଗୃହି । ଅଦୃଶ୍ୟ ହୋଇ ଏ ।୫୮।
ରଥରୁ ଓହ୍ଲାଇ ଯାଇ । ବୃକ୍ଷର ତଳରେ ହୋଇ ।
ପତ୍ର ସେ ମୂଳେ ଗଣିଲା । ସତ୍ୟ ହୋଇଲା ଏ ।୫୯।
ସେହି ବୃକ୍ଷ ତଳେ ଥିଲା । ନଳ ପ୍ରତକ୍ଷେ ଦେଖିଲା ।
ଦେହରୁ ବାହାର ହୋଇ । ପୁରୁଷେ ଯାଇ ଏ ।୬୦ ।
ନଳ ତା ଯନ୍ତୁଁ ଦେଖିଲେ । ବେଗେଣ କେଶ ଧଇଲେ ।
କଞ୍ଜ ହରଣ ହୋଇଲା । ପ୍ରାଣ ପାଇଲା ଏ । ୬୧ ।
ବୋଲଇ ଶୁଣ ହେ ନଳ । ବିଷରେ ପେଡ଼ିଁ ଅନଳ ।
କର୍କୋଟ ତୋତେ ଦଂଶିଲା । ମୋତେ ହୋଇଲା ଏ । ୬୨।
ତୋତେ ସେ ଯେ କହିଗଲା । ପଛେ ଜାଣିମୁ ବୋଇଲା ।
କହିଣ ତୁମ୍ଭଙ୍କୁ ଯିବ । କଷ୍ଟ ପାଇବ ଏ । ୬୩ ।
ତୁମ୍ଭେ ତାହାଙ୍କ ବଚନ । ଯେନଣ ଅଛଇ ମନ ।
ସେ ଦିନୁ ତାପ ପାଇଲି । ଏବେ କହିଲି ଏ ।୬୪।
ଅଶ୍ୱହୃଦ ବିଦ୍ୟା ଦହୁଁ । ଯେବଳ ଋତୁପର୍ଣ୍ଣ ତହୁଁ ।
ତେଣୁ ମୁଁ ବେଗେ ବାହାର । ମୋତେ ନ ଧର ଏ ।୬୫।
ନଳରାଜେ ତାହା ଶୁଣି । ତାକୁ ଯେ ବୋଲନ୍ତି ବାଣୀ ।
ଦେଲୁ ତୁ ଦୁଃଖ ଅପାର । ଶତ୍ରୁ ମୋହର ଏ ।୬୬।
କପ ଅଟଇ ତୋ ନାମ । ମୋତେ ଜଣାଅ ବହନ ।
କାଟିବ ଶିର ତୋହର । ପ୍ରମାଣ ମୋର ଏ ।୬୭।
ଭୟ କରି ସେ କହଇ । କଳିଯୁଗ ମୁଁ ଅଟଇ ।
ଏତେକ ଦୁଃଖ ମୁଁ ଦେଲି । ସତ୍ୟ କହିଲି ଏ ।୬୮।

Digitized by srujanika@gmail.com

ନଳ ଦମୟନ୍ତୀ ବିଚ୍ଛେଦ । ହୋଇଲା ଯେତେ ପ୍ରମାଦ ।
ମୁହିଁ ଯେ ଏସନ କଲି । ଦଣ୍ଡ ପାଇଲି ଏ । ୫୯ ।
ବିଧାତା କହିଲା ମୋତେ । ଦୁଃଖ ଦେଲି ଅପ୍ରମିତେ ।
ତୁ ମୋତେ କରିବୁ କପ । ଗଲି ମୁଁ ନାଶ ଯେ । ୬୦ ।
ଯୋଡ଼ି ଯୋଡ଼ି ରଜା ମୋତେ । ବର ମୁଁ ଦେଉଛି ତୋତେ ।
ଯେବେ ମୋ ମନର ବାଞ୍ଛା । କର ତୁ ରକ୍ଷା ଏ । ୬୧ ।
ଶୁଣିଣ ନଳ ରାଜନ । ହୋଇଲେ ତାଙ୍କୁ ପ୍ରସନ୍ନ ।
ଯୁଡ଼ିଲେ କେଶ ତାହାର । ଦେଲେ ଉତ୍ତର ଏ । ୬୨ ।
ତୁମ୍ଭେ ଥାଅ ସ୍ୱର୍ଗପୁର । ମୁହିଁ ରାଜା ପୃଥ୍ୱୀର ।
କିସ ଅପରାଧ ମୁହିଁ । ତୋତେ କଲଇଁ ଏ । ୬୩ ।
କଳି ଯମ୍ଭାଷ କହିଲା । ରାଜନ ଶୁଣ ବୋଇଲା ।
ଅପରାଧ ନାହିଁ ତୋର । ଦୋଷ ମୋହୋର ଏ । ୬୪ ।
ଯମରାଜା ଇଚ୍ଛକର । ଦମୟନ୍ତୀର ସ୍ୱୟମ୍ବର ।
ସ୍ୱର୍ଗରେ ଆମ୍ଭେ ଶୁଣିଲୁଁ । ବେଗେ ଅଇଲୁଁ ଏ । ୬୫ ।
ଆସନ୍ତେ ସ୍ୱର୍ଗ ପଥରେ । ଭେଟିଲଇ ସୁନାସୀରେ ।
ବରୁଣ ଅଗ୍ନି କୁବେର । ଥିଲେ ସଙ୍ଗର ଏ । ୬୬ ।
ସେଠାରେ ମୋତେ କହିଲେ । ଦମୟନ୍ତୀ ନଳ ବରିଲେ ।
ଆମ୍ଭେ ଯେ ଥିଲୁ ସଭରେ । ବରଣଠାରେ ଏ । ୬୭ ।
ତୋହୋର ଧାର୍ମିକ ପଣ । କହିଲେ ସେ ସର୍ବ ପୁଣ ।
ମୁହିଁ ତା ସର୍ବ ଶୁଣିଲି । ଗର୍ବ ବହିଲି ଏ । ୬୮ ।
ବୋଇଲି ତୁମ୍ଭର ଥାଉଁ । ତୁମ୍ଭଙ୍କୁ ନ ବରି ସେହୁ ।
ନଳକୁ କନ୍ୟା ବରିଲା । ଅନ୍ୟାୟ କଲା ଏ । ୬୯ ।
ବିଚ୍ଛେଦ ତାଙ୍କୁ କରିବି । ଦୁଃଖହିଁ ବହୁତ ଦେବି ।
ସଙ୍ଗରେ ଦ୍ୱାପର ଘେନି । ଅଇଲି ବେନି ଏ । ୭୦ ।

Digitized by srujanika@gmail.com

ଇନ୍ଦ୍ର ମୋତେ ନାସ୍ତି କଲେ । ଅସିବା ଯନ୍ତ୍ରୁଁ ଦେଖିଲେ ।
ବୋଇଲେ ଦୁଃଖ ନ ଦେବୁ । କଷ୍ଟ ପାଇବୁ ଏ ।୭୧।
ସେ ବନୁ ମୁହଁ ଅଇଲି । ବହୁତ ବନ ଜଗିଲି ।
ଅନ୍ୟାୟେ ଯନ୍ତ୍ରୁଁ ଦେଖିଲି । ଦେହେ ପଶିଲି ଏ । ୭୨ ।
ସେହି ବନୁ ତୋର ମନ । କଲଇଁ ମୁହିଁ ଉଚ୍ଛନ୍ନ ।
ପୁଷ୍କର ହକଗ କଲୁ । ପଶା ଖେଳିଲୁ ଏ । ୭୩ ।
ଦ୍ୱାପର ସାର ହୋଇଲା । ସିଂହାସନ ତଳେ ଥିଲା ।
କପଟେ ଦାନ ପଡ଼ିଲା । ସେହୁ ଜିଣିଲା ଏ । ୭୪ ।
ଯେତେ ବୋଲଇ ପୁଷ୍କର । ଅସ୍ତ୍ର ନୋହେ ତୋହୋର ।
ପଥରେ କପୋତ ହେଲା । ବସ୍ତ୍ର ଯେ ନେଲା ଏ । ୭୫ ।
ଦାଣ୍ଡରେ ମଣ୍ଡୋପ ହୋଇ । ଖଣ୍ଡା ହୋଇ ସେ ପଡ଼ଇ ।
ଦ୍ୱାପର ସବୁ ହୋଇଲା । କଳି କହିଲା ଏ । ୭୬ ।
ଶୁଣିଣ ଏହା ରାଜନ । ବିଜୟେ କଲେ ବହନ ।
ନଳ ବଚନ ଶୁଣିଲା । ବର ସେ ଦେଲା ଏ । ୭୭ ।
ପ୍ରାତକାଳେ ନାମ ତୋର । ସୁମରିବେ ଯେଉଁ ନର ।
ମୋହୋର ବାଧା ନୋହିବ । ସୁଖୀ ହୋଇବ ଏ । ୭୮ ।
ସମ୍ବାଦ ତୋର ମୋହୋର । ଶୁଣିମ ଯେହୁ କର୍ଣ୍ଣର ।
ପାତକ କ୍ଷୟ ହୋଇବ । ସୁଖ ପାଇବ ଏ । ୭୯ ।
ନଳକୁ ବର ବହୁତ । ଦେଲେ ସେ କଳି ଭୁରିତ ।
ଅନ୍ତର୍ଦ୍ଧାନ ସେ ହୋଇଲେ । ନଳ ଅଇଲେ ଏ । ୮୦ ।
ବାହୁଡ଼ା ବୃକ୍ଷର ଗ୍ରଭ । ସେହିବନୁ ଯେ ମାଡ଼ଇ ।
କଳି ସେ ଯୁଗ ବାଧଇ । ପାତକୀ ହୋଇ ଏ । ୮୧ ।
ବାହୁଡ଼ି ନଳ ଅସଇ । ରଥରେ ଚଢ଼େ ଜରଇ ।
ସୁମନା ରଜା ହୋଇଲା । ଉଚ୍ଛନ୍ନ ଗଲା ଏ । ୮୨ ।

Digitized by srujanika@gmail.com

ଋତୁପର୍ଣ୍ଣ ଆଜ୍ଞା ଦେଲେ । ବେଗେଣ ଯିବା ବୋଇଲେ ।
ରଥ ସେ ପୁଣ ବାହୁଲେ । ବେଗେ ଚାଲିଲେ ଏ । ୮୩ ।
ସମ୍ପୂର୍ଣ୍ଣ ବେଳ ପ୍ରହରେ । ହେଲେ କର୍ଣ୍ଣାଟ ଦେଶରେ ।
ପ୍ରବେଶ କୁଣ୍ଡୀ ନଗ୍ରରେ । ଯାନ୍ତି ଦାଣ୍ଡେରେ ଏ । ୮୪ ।
ନଳର ଏହୁ ଚରିତ । ଯେ ଶୁଣେ ହୋଏ ପବିତ୍ର ।
ମହା ବିପତ୍ତି ଫିଟଇ । ପଣ୍ଡିତେ କହୁ ଏ । ୮୫ ।
ଶ୍ରୀରାମ ଅରଣ୍ୟେ ଥିଲେ । ମାରକଣ୍ଡ ଶୁଣାଇଲେ ।
ରାବଣ ସେହୁ ହରିଲେ । ସୀତା ଆଣିଲେ ଏ । ୮୬ ।
ଶ୍ରୀ ଜଗନ୍ନାଥ ସୁନ୍ଦର । ନାରାୟଣ ଚକ୍ରଧର ।
ମୁକୁନ୍ଦ ବିଷ୍ଣୁ ବାମନ । ମଧୁସୂଦନ ଏ । ୮୭ ।
ଅନନ୍ତ ବିଷ୍ଣୁ କେଶବ । ଶାରଙ୍ଗଧର ମାଧବ ।
ଗୋବିନ୍ଦ ଗୋପାଳ ରାମ । ଶ୍ରୀପତି ଶ୍ୟାମ ଏ । ୮୮ ।
ନରହରି କୃପାସିନ୍ଧୁ । ବାସୁଦେବ ଦୀନବନ୍ଧୁ ।
ଭଗତଜନ ସୁନ୍ଦର । ପାତକୁଁ ତର ଏ । ୮୯ ।
ଯୁଧିଷ୍ଠି ଦେବ ଶୁଣିଲେ । ମୋକ୍ଷଗତି ସେ ପାଇଲେ ।
ଶ୍ରୀକୃଷ୍ଣ ଯେ ଦୟା କଲେ । ସ୍ୱର୍ଗକୁ ଗଲେ ଏ । ୯୦ ।
ବଇଷ୍ଣବ ଯେ ବୋଲନ୍ତି । ନାମ କୀର୍ତ୍ତନ କରନ୍ତି ।
ମଧୁସୂଦନ ତାଙ୍କର । ପାଦତଳର ଏ ୯୧ ।

Digitized by srujanika@gmail.com

ସପ୍ତମ ଛାନ୍ଦ

ରାଗ—ମଙ୍ଗଳ ଗୁଜ୍ଜରୀ

ବୋଲନ୍ତ ଯେ ମାରକଣ୍ଡ ଶୁଣ ରଘୁନାଥ ।
ଏକମନେ ଶୁଣ ନଳ ଦମନ୍ତୀ ଚରିତ ଯେ । ୧ ।
ଋତୁପର୍ଣ୍ଣ ରଥଘୋଷ ଶୁଭେ ଯେତେବେଳେ ।
ଦମନ୍ତୀ ମନରେ ବଡ ଆନନ୍ଦ ହୋଇଲେ । ୨ ।
ମନେ ବିଚାରିଲେ ନିଶ୍ଚେ ନଳ ବିଜେ କଲେ ।
ସେହୁ ରଥଘୋଷ ଶୁଣି ସତ୍ୟ ବିସ୍ମରିଲେ ଯେ । ୩ ।
ଏମନ୍ତେ ଦ୍ୱାରୀମାନେ ଦେଖି ଋତୁପର୍ଣ୍ଣ ।
ଧାଇଁ ଯାଇଁ ଜଣାଇଲେ ଶ୍ରୀମ ଯେ ରାଜନ ଯେ । ୪ ।
ଦେଖିଲୁ ହେ ଦେବ ନଗ୍ର ଦାଣ୍ଡର ମଧ୍ୟର ।
ଋତୁପର୍ଣ୍ଣ ବୋଲି ରାଜା ଅଯୋଧ୍ୟା-ଈଶ୍ୱର ଯେ । ୫ ।
ଏକା ରଥକରେ ବିଜେ କରିଣ ଆସନ୍ତି ।
ଚତୁରଙ୍ଗ ବଳ ତାଙ୍କ ସଙ୍ଗରେ ନାହାନ୍ତି ଯେ । ୬ ।
ଦାଣ୍ଡର ମଧ୍ୟରେ ଆମ୍ଭେ ଦେଖିଣ ଆସିଲୁଁ ।
ତେଣୁ ଶ୍ରୀଚରଣତଳେ ଆସି ଜଣାଇଲୁଁ ଯେ । ୭ ।
ଏମନ୍ତେଣ ଦ୍ୱାରପାଳମାନେ ଜଣାଇଲେ ।
ସିଂହଦ୍ୱାରେ ରାଜା ଋତୁପର୍ଣ୍ଣ ବିଜେ କଲେ ଯେ । ୮ ।
ରାଜା ଆଜ୍ଞା ଦେଲେ ପାଛେ ଯାଅ ବେଗ ହୋଇ ।
ଦର୍ଶନ କରାଅ ତାଙ୍କୁ ପହଣ୍ଡ ମଣାଇ ଯେ । ୯ ।
ଉତ୍ତମ ମାନ୍ୟ କରିଣ ବିଜେ କରାଇବ ।
ଅସ୍ଥାନକୁ ଶୀଘ୍ରେ ତାଙ୍କୁ ଘେନିଣ ଆସିବ ଯେ । ୧୦ ।

Digitized by srujanika@gmail.com

ଏତେ କହିକରି ପାତ୍ରମାନଙ୍କୁ ପଠାନ୍ତି ।
ପୁରୋହିତଙ୍କୁ ଡକାଇ ରଜା ଆଜ୍ଞାଦ୍ୟନ୍ତି ଯେ । ୧୧ ।
ଆମ୍ଭ ଆଜ୍ଞା ପରମାଣେ ଏହିକ୍ଷଣି ଯିବ ।
ରଜବିଧି ସମ୍ମାନରେ ପୂଜା ଭିଆଇବ ଯେ । ୧୨ ।
ପୁରୋହିତ ପୂଜା ବିଧି ସବୁ ଭିଆଇଲେ ।
ରଜା ଋତୁପର୍ଣ୍ଣଙ୍କୁ ଘେନି ପାତ୍ର ଯେ ଥଇଲେ ଯେ । ୧୩ ।
ଋତୁପର୍ଣ୍ଣ ଭେଟିଲେ ଆସି ଭୀମ ମହାରଜା
ନମସ୍କାର କରି ତାଙ୍କୁ କଲେ ପାଦ ପୂଜା ଯେ । ୧୪ ।
ଭୀମ ରଜା ଉଠେ ତାଙ୍କୁ କୋଳ କରି ଧରି ।
ସିଂହାସନ ପରେ ରଜନ ବେନି ବିଜେ କରି ଯେ । ୧୫ ।
ପୁରୋହିତ ପୂଜାବିଧି ଘେନାଇ ମିଳିଲା ।
ଷଧିମନ କରି ତାଙ୍କୁ ବନ୍ଦାପନା କଲା ଯେ । ୧୬ ।
ଋତୁପର୍ଣ୍ଣ ପୂଜା ଘେନି ବସେ ସିଂହାସନ ।
ଭୀମରଜା ବିନୟରେ କହନ୍ତି ବଚନ ଯେ । ୧୭ ।
କୁଣ୍ଡି ନଗ୍ର ଆଜୁ ମୋର ପବିତ୍ର ହୋଇଲା ।
ଅଯୋଧ୍ୟା ଠାକୁର ମୋର ପୁରେ ବିଜେ କଲେ ଯେ ।୧୮।
ବହୁତ ସ୍ତୁତି କରଣ ରଜ୍ୟେ ପଚାରିଲେ ।
କି କାର୍ଯ୍ୟେ ଅଇଲ ଆଜ୍ଞା ହୋଉସେ ବୋଇଲେ ଯେ ।୧୯।
ଋତୁପର୍ଣ୍ଣ ଜଣାଇ ବହୁତ ବିନୟରେ ।
ଅଇଲୁଁ ତୁମ୍ଭଙ୍କୁ ଦରଶନ କରିବାରେ ହେ ।୨୦ ।
ସ୍ୱୟମ୍ବର କଥା ସତ୍ତ ସତ୍ୟ ନ ଦେଖିଲେ ।
ଏମନ୍ତ ପ୍ରକାରେ ତହୁଁ ଋତୁପର୍ଣ୍ଣ କହିଲେ ଯେ । ୨୧ ।
ଭୀମ ରଜା ଶୁଣି ବଡ଼ ହରଷ ହୋଇଲେ ।
ମନୋହର ସଜ୍ଞା କରାଅ ବୋଲି ଆଜ୍ଞା ଦେଲେ ଯେ । ୨୨ ।

Digitized by srujanika@gmail.com

ଋତୁପର୍ଣ୍ଣ ଶୁଣି ରାଜା ସ୍ୱମୁଖରେ କହନ୍ତି ।
ବାହୁକ ସବୁ ଭବନରେ ସଫାଗୀ ହୁଅନ୍ତି ଯେ । ୧୩ ।
ହରଷ ଭୋଜନ ସବୁଭବନେ ଏ କରନ୍ତି ।
ଆପଣେ ରନ୍ଧନ କଲେ ତେବେ ସେ ଭୁଞ୍ଜନ୍ତି ଯେ ।୧୪।
ଯଥା ଅଜ୍ଞା ହେଉ ସେ ରାନ୍ଧିବେ ଯେଉଁ ଠାରେ ।
ଶୁଚିବନ୍ତ ଜଣେ ଥିବ ତାଙ୍କ ଚରଣରେ ଯେ । ୧୫ ।
ଶୁଣି ରାଜା ତତ୍ର ଜଣେ ରାଇ ଅଜ୍ଞା ଦେଲେ ।
ବାହୁକ ଚରଣୁ ଚେଁଚେ ଲାଗଇ ବୋଇଲେ ଯେ । ୧୬ ।
ପଶ୍ଚିମଦ୍ୱାର ନିକଟେ ଅଛି ଏକ ଘର ।
ନ୍ୟାୟବନ୍ତ କରି ରନ୍ଧାଇବ ସେହିଠାରେ ଯେ । ୧୭ ।
ଏତେ କହି ରାଜା ଭିତରକୁ ବିଜେ କଲେ ।
ଋତୁପର୍ଣ୍ଣ ମଣୋହି ବିଧାନ ସଜାଡ଼ିଲେ ଯେ । ୧୮ ।
ଏଥୁ ଅନନ୍ତରେ କଥା ଅପୂର୍ବ ହୋଇଲା ।
ଯେ ଷ ଶୁଣି ଦମୟନ୍ତୀ ହରଷ ହୋଇଲା । ୧୯ ।
ଯେତେବେଳେ ଋତୁପର୍ଣ୍ଣ ଅଇଲା ବୋଲି ଶୁଣି ।
ଦୂତକଥା ଶୁଣିଣ ଆନନ୍ଦ ହୋୟେ ପୁଣି ଯେ ।୨୦।
ଲେଖରେ ତ କଣ ମୁଁ ଅଜକୁ ଦେଇଥିଲି ।
କାର୍ଯ୍ୟ ହୋଉ ନୋହୁ ଭଲ ଶକୁନ ପାଇଲି ଯେ । ୨୧ ।
ଅଯୋଧ୍ୟା ନଗରୁ ରଥ ଏକା ଦିନକରେ ।
ଆଣିକେ ପାରିବ ନଳ ରାଜନ ବାହାରେ ଯେ । ୨୨ ।
ଏହି କଥାକୁ ସନ୍ଦେହ ଯାଉଛି ମନରେ ।
ସଖୀ ଖୋଜିଲେ କେ କେ ଛନ୍ତି ରାଜା ସଙ୍ଗତରେ ଯେ ।୨୩।
ଶୁଣି ମୃଦୁସୁନ୍ଦରୀମାନେ ବେଗ ହୋଇ ଗଲେ ।
ରାଜାଙ୍କ ସଙ୍ଗତେ ଏକା ସାରଥି ଦେଖିଲେ ଯେ । ୨୪ ।

Digitized by srujanika@gmail.com

ମୃଦୁସୂଲ୍ଲମାନେ ଯାଇ ଲେଉଟି ଜଣାଇ ।
ରାଜନ ସାରଥି ବିନୁ ଆନ କେହି ନାହିଁ ଗୋ । ୩୫ ।
ଶୁଣିଣ ଦମୟନ୍ତୀ ବଡ଼ ବିସ୍ମୟ ହୋଇଲେ ।
ମନ ଉଦବେଗେ ପୁଣ ଦାସୀଙ୍କି କହିଲେ ଯେ । ୩୬ ।
ଋତୁପର୍ଣ୍ଣ ରାଜାଙ୍କୁ ମୋର ପିତା ତ ଡାକିଲେ ।
ସାରଥି ହୋଇବ ନଳ ମନରେ ପାଞ୍ଚିଲେ ଯେ । ୩୭ ।
ଶୁଣି ଦାସୀଗଣ ବେଗେ ଛାମୁରେ ଜଣାନ୍ତି ।
ବଡ଼ ଅସୁନ୍ଦର ସେହୁ ସାରଥି ଅଟନ୍ତି ଗୋ । ୩୮ ।
ଦମୟନ୍ତୀ ମନରେ ପୁଣ ବିଚାର କରଇ ।
ସ୍ୱର କହିବାର ଅବା ସାରଥି ନୁହଇ ଯେ । ୩୯ ।
ଯେ ଆସେ ଅଛଇ ତାକୁ ଦେଖିଲେ ଜାଣିବା ।
ନଳରାଜା ଗୋପ୍ୟରୂପ ଧରିଥିବେ ଅବା ଗୋ । ୪୦ ।
ଏତେକ ବିଚାରି ଦାସୀମାନଙ୍କୁ କହିଲେ ।
ସାରଥି କାହିଁ ଅଛଇ ଦେଖେଁ ତ ବୋଇଲେ ଗୋ ।୪୧।
ଶୁଣି ଦମୟନ୍ତୀ ଛାମୁରେ କହେ ଏକ ଦାସୀ ।
ପଶ୍ଚିମ ଦ୍ୱାର ନିକଟ ଅଛୁ ସେହୁ ବସି ଗୋ । ୪୨ ।
ରାଜା ଆଜ୍ଞା ଦେଇଛନ୍ତି ରନ୍ଧନ କରିବେ ।
ବ୍ରାହ୍ମଣ ବରଗିଛନ୍ତି ପଞ୍ଚା ତାକୁ ଦେବେ ଗୋ । ୪୩ ।
ଦମୟନ୍ତୀ ଶୁଣିଣ ବ୍ରାହ୍ମଣଙ୍କୁ ଡକାଇଲେ ।
ବିପ୍ର ତୁ ଆମ୍ଭର ବୋଲ କରିବୁ ବୋଇଲେ ଯେ । ୪୪ ।
ପ୍ରଭାକର ଦମୟନ୍ତୀକି କହଇ ବିନୋଇ ।
ଯାହା ଆଜ୍ଞା ଦେବ ତାହା କରିବଇଁ ମୁହିଁ ଗୋ । ୪୫ ।
ପିତା ଆଜ୍ଞା ଦେଇଛନ୍ତି ପଞ୍ଚା ଦେବାପାଇଁ ।
ଉତ୍ତମ ବିଧିରେ ପଞ୍ଚା ଦେବଟି ଗୋସାଇଁ ହେ । ୪୬ ।

Digitized by srujanika@gmail.com

ଉତ୍ତମ ତଣ୍ଡୁଳ ଦେବ ପନ୍ଧବା ସହିତେ ।
ଘୃତ ଦଧି ଦୁଧ ଆଦ ଦେଇଛନ୍ତି ଯେତେ ଯେ ।୪୭।
ନୂଆ ହାଣ୍ଡି ଆଦ କରି ସବୁ ଦେବ ନେଇ ।
କାଠ ପାଣି ନଥିଁ ଚଟୁ ନ ଦେବ ଗୋସାଇଁ ହେ ।୪୮।
ଜାଳିବାକୁ କଞ୍ଚାଳିଆ କାଠ ନେଇ ଦେବ ।
ପାଣିକ ଭୁଞ୍ଜା ଗରିଆ ନେଇଣ ଥୋଇବ ହେ ।୪୯।
ଆମ୍ଭ ବୋଲି ଏତେକ କରିବ ଦ୍ୱିଜବର ।
କି କରନ୍ତି ଦେଖି ତା କହିବ ମୋ ଆଗର ହେ ।୫୦।
ତହୁଁ ପ୍ରଭାକର ଯେ ବେଦଗଣ ଚଳିଗଲା ।
ସାରଥି ଠାବରେ ଯାଇଁ ପ୍ରବେଶ ହୋଇଲା ଯେ । ୫୧ ।
ଦମୟନ୍ତୀ ବଚନେ ସେହିମତେ ସଞ୍ଜା ଦେଇ ।
ରନ୍ଧନ କର ବାହୁକ ବୋଲିଣ ବୋଲଇ ଯେ । ୫୨ ।
ସାରଥି ଉଠିଣ ସେଠାବକୁ ଚଳିଗଲେ ।
ସକଳ ଦ୍ରବ୍ୟ ବ୍ରାହ୍ମଣ ନେଇ ସମର୍ପିଲେ ଯେ ।୫୩।
ସଞ୍ଜା ଦେଖି ନୟନରେ ଝରୁର ସାରଥି ।
ଚେଷ୍ଟା ନମନ୍ତେ କୃଷ୍ଟ କରନ୍ତି ଦମନ୍ତୀ ହେ ।୫୪।
ଭୁଞ୍ଜା ଗରିଆରେ ନେଇ ହାତ ଲଗାଇଲେ ।
ଜଳ ସେ ପୂର୍ଣ୍ଣ ହୋଇଲା ସ୍ନାହାନ ସାରିଲେ ହେ ।୫୫।
ପୁଣ ଆଉ ଗରିଆରେ ହାତୁଆଣି ଦେଇ ।
କଞ୍ଚାଳିଆ କାଠ ନେଇ ଚୂଲିକି ଫିଙ୍ଗଇ ଯେ ।୫୬।
ଯେତେବେଳେ ଚୂଲିର ଭିତରେ ସେ ପଡ଼ଇ ।
ଅତି ଦୁରୁ ଦୁରୁ ହୋଇ ଜଳିଣ ଉଠଇ ଯେ ।୫୭।
ସକଳ ପରିବା ଏକଠାବେ ସିଝାଇଲେ ।
ନଳ ବୁଦ୍ଧି ରନ୍ଧଣାରେ ସଂପାକ ସେ କଲେ ଯେ ।୫୮।

Digitized by srujanika@gmail.com

ଯନ୍ତ୍ର ହୋଇ ଯେତେବେଳେ ଦିଶିଲା ଘଣ୍ଟରେ ।
ଚଳାଇଣ ଦେଲେ ସେହୁ ଅପଣା ହସ୍ତରେ ଯେ ।୫୯।
ଏହା ଦେଖି ବିପ୍ରବର ଆଶ୍ଚର୍ଯ୍ୟ ହୋଇଲା ।
ଦମୟନ୍ତୀ ଛାମୁରେ ସବୁ ଜଣାଇ କହିଲା ଯେ ।୬୦।
ଶୁଣ ମାଏ ମୋହର ଗୋ ନଳ ପାଟରାଣୀ ।
ଆଶ୍ଚର୍ଯ୍ୟ ହୋଇଲି ମୁଁ ବାହୁକ କଥା ଶୁଣି ଗୋ ।୬୧।
ଭୂମିର ଆଜ୍ଞାରେ ସେହିମତ ସଜ୍ଜା ଦେଲି ।
ଅସମ୍ଭବ କଥା ତାର ନୟନେ ଦେଖିଲି ଗୋ ।୬୨।
ଅଗ୍ନି ନାହିଁ ପାଣି ନାହିଁ କଣ୍ଟାଳଥା ଜାଳ ।
ପତ୍ରିବା ଚଳାଇ ଦେଲା ଅପଣା ହସ୍ତର ଗୋ ।୬୩।
ଶୁଣି ଧାଈମାନଙ୍କୁ ସେ ବେଗେ ଆଜ୍ଞା ଦେଲେ ।
ପୁତ୍ର ଦୁହିତା ସେଠାକୁ ନଥପି ବୋଇଲେ ଯେ ।୬୪।
ଜାଣି କରି ଛାମୁରେଣ ଉଭା ହୋଇଥିବ ।
ବ୍ୟଞ୍ଜନ ହୋଇଲେ ଏ ଦୁହିଙ୍କି କହାଇବ ଗୋ ।୬୫।
ପଚ୍ଛରିବେ ଯେବେ ସେହୁ କାହାନ୍ତି କପାଇଁ ।
ବୋଲିବ ବ୍ୟଞ୍ଜନ ମାଗୁଛନ୍ତି ବାଳପୋଇ ଯେ ।୬୬।
ଏହା ଶୁଣି ବ୍ୟଞ୍ଜନ ସେ ଦେଲେଣ ଯେନବ ।
ମୋହର ଛାମୁକୁ ବେଗେ ଯେନାଇ ଆସିବ ଯେ ।୬୭।
ଏହା ଶୁଣି ଧାଈ ପୁତ୍ର ଦୁହିତାକୁ ନେଲେ ।
ନଳ ରନ୍ଧଣା ଠାବରେ ପ୍ରବେଶ ହୋଇଲେ ଯେ ।୬୮।
ଦେଖି ନଳରାଏ ମନେ ଦୁଃଖିତ ହୋଇଲେ ।
କାହାର ପୁତ୍ର ଦୁହିତା ବୋଲି ପଚ୍ଛରିଲେ ଯେ ।୬୯।
ଧାଈମାନେ ବହୁତ ବିନୟରେ କହନ୍ତି ।
ନଳ ରାଜାଙ୍କର ପୁତ୍ର ଦୁହିତା ଅଟନ୍ତି ଯେ ।୭୦।

Digitized by srujanika@gmail.com

ଦମୟନ୍ତୀ ଏହାଙ୍କର ମାତା ବୋଲି ଜାଣ ।
ପିତା ଅରଣ୍ୟରେ ଗଲେ ତାହାଙ୍କୁ ଛାଡ଼ଣ ଯେ ।୭୧।
ଶୁଣିଣ ବାହୁକ ବହୁ ଶୋକଭର ହୋଇ ।
ନୟନୁ ଲୋତକ ବହେ ବଚନ ନ ଦେଇ ଯେ ।୭୨।
ପରବା ପେଝିଲ ଜାଣି ଓହ୍ଲାଇ ରଖିଲେ ।
ଧାଈମାନେ ସେକ୍ଷଣେ ଚୈଲଙ୍କୁ କହାଇଲେ ଯେ ।୭୩।
ପୁତ୍ର ଦୁହିତାଙ୍କର ସେ ଦେଖିଣ ରୋଦନ ।
କପାଇ କାନ୍ଦନ୍ତି ବୋଲି ପଚାରେ ରାଜନ ଯେ ।୭୪।
ତାହା ଶୁଣି ଧାଈମାନେ ତାହାଙ୍କୁ କହନ୍ତି ।
ତଜ୍ଜଣ ଦେଖିଣ ଏହୁ ରୋଦନ କରନ୍ତି ଯେ ।୭୫।
ଠାବ ଅଣ ବୋଲି ରାଜ୍ୟ ଧାଈଙ୍କି କହିଲେ ।
ପୁବର୍ତ୍ତି ଚାଢ଼ିଥ ମୁଦୁଫୁଲୀ ଆଣି ଦେଲେ ଯେ ।୭୬।
ଜନକ ପାଶରେ ସେହୁ ବ୍ୟଞ୍ଜନ ପୁରାଇ ।
ସଂଘାତ ଲୋକ ଗେ ଟିକ ହସ୍ତରେ ଯୋଗାଇ ଯେ ।୭୭।
ଦମନ୍ତୀ ଛାମୁରେ ସେହୁ ବେଗେ ନେଇ ଦେଲେ ।
ଆଘ୍ରାଣ କରଣ ବାଳୀ ସୁଆଦ ବୁଝିଲେ ଯେ ।୭୮।
ନିଶ୍ଚୟ ନଳ ରାଜନ ବୋଲି ସେ ଜାଣିଲେ ।
କପଟେ ସ୍ୱରୂପ ଧରିଅଛନ୍ତି ବୋଇଲେ ଯେ ।୭୯।
ନଳ ପାକଶାଳ କରିଛନ୍ତି ଯେଉଁଠାରେ ।
ଚେଟୀ ବାଢ଼ ପକାଇଲେ ବହନ ସେଠାରେ ଯେ ।୮୦।
ଚେଟୀ ପାଖେ ଦମନ୍ତୀ ବିଜୟ କଲେ ଯାଇଁ ।
ନିଜ ରୂପ ନ ଦେଖି ସଂଶୟ-ମନ ହୋଇ ଯେ ।୮୧।
ଚେଟୀ ବାଢ଼ ଅନ୍ତେ ଦମୟନ୍ତୀ କହେ ବାଣୀ ।
ନିଷ୍ଠୁର ପୁରୁଷମାନେ ଛାଡ଼ନ୍ତି ତରୁଣୀ ଯେ ।୮୨।

Digitized by srujanika@gmail.com

ଅରଣ୍ୟ ଭିତରେ ଏକା କରି ଛାଡ଼ିଗଲେ ।
ସେ ମହାପୁରୁଷ ଏତେ ନିଷ୍ଠୁର ହୋଇଲେ ଯେ । ୮୩ ।
ଏକ ପତ୍ନୀ ବ୍ରତ ସେହୁ କରିଣ ଯେ ଥିଲେ ।
କେତେ ସତ୍ୟବନ୍ତ ଲୋକ ଅଜ୍ଞାତକ ଗଲେ ଯେ । ୮୪ ।
ଯେଉଁ ରୂପକୁ ସମାନ ଅନଙ୍ଗ ନୋହଇ ।
ଏତେ ଅସୁନ୍ଦର ସେହୁ ହୋଇଲେ କିପାଇଁ ଯେ । ୮୫ ।
ଶୁଣିଣ ନଳ ରାଜନ ବଚନ କହିଲେ ।
ବିପତ୍ତିରେ ଧୈର୍ଯ୍ୟ ଧରି ରହି ନ ପାରିଲେ ଯେ । ୮୬ ।
ସେହୁ ପୁରୁଷର ଯେବେ ଅଯୁକ୍ତ ଥାଆନ୍ତା ।
ଏକା କରି ସେ ସ୍ତ୍ରୀକୁ କିମ୍ପା ଛାଡ଼ିଯାନ୍ତା ଯେ । ୮୭ ।
ଦେବତାନ୍ତ ନ ବରଣ ବରନ୍ତି ତାହାକୁ ।
କଳି ବିଡ଼ମ୍ବଣ ଦୁଃଖ କହିବା କାହାକୁ ଯେ । ୮୮ ।
ଏକପତ୍ନୀବ୍ରତ ସେହୁ ପୁରୁଷ ଯେ କଲା ।
ସ୍ତ୍ରୀ ତାର ଏକ ପତିବ୍ରତ ଆଚରିଲା ଯେ । ୮୯ ।
କଳିଯୁଗ ତାର ଦେହେ ପଶିଲାକ ଯହୁଁ ।
ରାଜ୍ୟଭାର ହାରିଣ ଅରଣ୍ୟେ ଗଲେ ସେହୁ ଯେ । ୯୦ ।
ସେହୁ ପୁରୁଷର ଯେବେ ଅଯୁକ୍ତ ହୋଅନ୍ତା ।
ପୁଷ୍କର ସଙ୍ଗତେ କିମ୍ପା ସମସ୍ତ ହାରନ୍ତା ଯେ । ୯୧ ।
ଦଇବର ବଶେ ଯେବେ ଛାଡ଼ି ପଳାଇଲା ।
ସେହୁ ସ୍ତ୍ରୀ କପ ଅବା ଭଲ ବୁଦ୍ଧି କଲା ଯେ । ୯୨ ।
ପିତା ପୁରେ ଆପେ ଯେବେ ପ୍ରବେଶ ହୋଇଲା ।
ତାହାର ବିପତ୍ତି ସେଥି ଦନୁ ପାରି ଗଲା ଯେ । ୯୩ ।
ଦୁଃଖେ ସୁଖେ ଦିନ ନେଉଥାନ୍ତା ପିତା ପୁରେ ।
ଭଲ ମନ୍ଦ ବାରତା ପାଆନ୍ତା ପୁରୁଷରେ ଯେ । ୯୪ ।

Digitized by srujanika@gmail.com

ନୋହିଲେ ନିଧନ ଯେବେ ଶୁଣନ୍ତା ତାହାର ।
ଅଗ୍ନି ଲଗାଇଣ ତେବେ ପଶନ୍ତା ତହିଁର ଯେ । ୯୫ ।
ଭାଗ୍ୟବଶେ ଯେବେ ସେ ପୁରୁଷକୁ ଦେଖନ୍ତା ।
ତେବେ ସେ ସ୍ତ୍ରୀର ଦୁଃଖ କପାଁଇ ରହନ୍ତା ଯେ । ୯୬ ।
ଅଧର୍ମ ସ୍ତ୍ରୀଙ୍କ ରୀତି ସେହୁ ଆଚରିଲା ।
ଲାଭ ହାନି ଦୁଇ କଥା ବିଚାର ନ କଲା ଯେ । ୯୭ ।
ପତି ତାର ସଙ୍ଗଗୁଣେ ଜୀବନରେ ଅଛି ।
ପତ୍ନୀ ତାର ଦ୍ୱିତୀ ସ୍ୱୟମ୍ବର କର୍ମା ଇଚ୍ଛି ଯେ । ୯୮ ।
ଭଲପଣ ସେ ସ୍ତ୍ରୀର କେମନ୍ତେ ରହିଲା ।
ସତୀପଣ ଛାଡ଼ିଣ ଅନୀତି ଆଚରିଲା ଯେ । ୯୯ ।
ଦଇବ ବଶରେ ଯେବେ ପୁରୁଷ ଭେଟିଲା ।
ନିଜରୂପ ନ ଦେଖିଲେ ତାର କିସ ଗଲା ଯେ । ୧୦୦ ।
ଯହୁଁ ନଳରାଜା ଏହୁ ବଚନ କହିଲା ।
ଝୈରୁ ବାହାର ହୋଇ ଚରଣ ଧଇଲା ଯେ । ୧୦୧ ।
ନଳ ଆଜ୍ଞା ଦେଲେ ମୋତେ କି କାର୍ଯ୍ୟ ତୁମ୍ଭର ।
ରାଜା ରୁଣ୍ଡ କରିଅଛ ଯାହା ଇଚ୍ଛା ବର ଗୋ । ୧୦୨ ।
ଏହା ଶୁଣି ଦମୟନ୍ତୀ କହନ୍ତି ଉତ୍ତର ।
କିସ ସ୍ୱୟମ୍ବର ବିଧି ଦେଖିଲ ମୋହର ହେ । ୧୦୩ ।
ତୁମ୍ଭର ଦର୍ଶନକୁ ମୁଁ ରଚିଲି ଏପନ ।
ଅଷ୍ଟ ଲୋକପାଳ ଧର୍ମ ଜାଣନ୍ତି ମୋ ମନ ଯେ । ୧୦୪ ।
ଆନ ବୁଦ୍ଧି ଥିବ ଯେବେ ନଳର ବାହାରେ ।
ମୁର୍ଦ୍ଧନା ଫାଟି ପଡ଼ିଣ ଯାଉ ଶୀଘ୍ରମୁର୍ଦ୍ଧେ ହେ । ୧୦୫ ।
ଦମନ୍ତୀ କ୍ରୋଧରେ ଯହୁଁ ଏମନ୍ତ ବୋଇଲେ ।
ଦେବସଖା କର୍ମିଲକ ଇନ୍ଦ୍ରହିଁ ଜାଣିଲେ ଯେ । ୧୦୬ ।

Digitized by srujanika@gmail.com

ତେତଣେ କାଟି ଦେବତା ଶୂନ୍ୟମାର୍ଗେ ରହି ।
ଇନ୍ଦ୍ର ଅଜ୍ଞା ପାଇ କହେ ପବନ କହଇ ଯେ । ୧୦୭ ।
ନଳରାଜ୍ୟେ ଶୁଣ ଇନ୍ଦ୍ର ଆଜ୍ଞା ଦେଇଛନ୍ତି ।
କିଛି ପାପ କରିନାହିଁ ମନରେ ଦମୟନ୍ତୀ ଯେ ।୧୦୮ ।
ଏହା ଅନ୍ତର୍ଗତ ଶୁଦ୍ଧ ଜାଣିଅଛୁ ବୁଦ୍ଧ ।
ଦୂତପଣେ ଗଲୁ ଯାହା ଦମୟନ୍ତୀକି କହୁ ଯେ । ୧୦୯ ।
ସେ ଯାହା ବୋଇଲା ତାହା ଜାଣିଛୁ ରାଜନ ।
ତୋ ବିହୁନେ ଦମୟନ୍ତୀର ମନେ ନାହିଁ ଆନ ଯେ । ୧୧୦।
ଏବେ ମନ ତୋର ବିନୁ ନାହିଁ ଆନ ଭାବ ।
କେହୁଣି କଥା ଆମ୍ଭଙ୍କୁ ନାହିଁ ଅଗୋଚର ହେ । ୧୧୧ ।
ଏହାର ହୃଦକୁ ତୋତେ ସାକ୍ଷୀ ଆମ୍ଭେମାନେ ।
କିଛି ମନେ ନ ବିଚାର ନଳ ସେ ରାଜନେ ହେ ।୧୧୨ ।
ଆମ୍ଭେ ଦେବତାମାନେ ସେ ସବୁକଥା ଜାଣୁ ।
ପାପ ପୁଣ୍ୟ ବିଚାର ତା ଯତ୍ନରେ ବଖାଣୁ ହେ । ୧୧୩ ।
ଯେତେବେଳେ ଇନ୍ଦ୍ର ଆଜ୍ଞା କର୍ଣ୍ଣରେ ଶୁଣିଲେ ।
ବୋଧ ହୋଇ ଦମୟନ୍ତୀକି ତୋଳା ଧଇଲେ ଯେ ।୧୧୪।
ଉଠିଣ ଦମୟନ୍ତୀ ପୁଣ ସମ୍ମୁଖରେ ଜଣାଇ ।
ନିଜ ରୂପ ଦେଖାଅ ପ୍ରସନ୍ନ ମୋତେ ହୋଇ ହେ ।୧୧୫।
ଶୁଣି ନଳରାଜ୍ୟେ ହସ୍ତ ନଖକୁ ଅନାଇ ।
ହେମରନ୍ଧ୍ରେ ବେଢ଼ି ବସ୍ତ୍ର ବାହାର ହୁଅଇ ଯେ । ୧୧୬ ।
ପୀତବସ୍ତ୍ର ଦୁଇଗୋଟି ହୋଇଲା ବାହାର ।
ଏକ ପିନ୍ଧି ଏକ ଗୋଟି ବାନ୍ଧିଲେ ଶିରର ଯେ । ୧୧୭ ।
ବସ୍ତ୍ର ପିନ୍ଧିଲେ ଯେତେବେଳେ ସେ ରାଜନ ।
ନଳ ସେ ଦ୍ୱୀଗୁଣକାମ ହୋଇଲେ ତକ୍ଷଣ ସେ ।୧୧୮।

Digitized by srujanika@gmail.com

ନିଜ ପତି ରୂପ ଯହୁଁ ଦମୟନ୍ତୀ ଦେଖିଲେ ।
ପାଦ୍ୱେ ପଡ଼ି ଶୋଇ ପୁଣି ଭୂମିରେ ଲୋଟିଲେ ଯେ ।୧୧୯।
ଦମୟନ୍ତୀଙ୍କି କୋଳେ ବସାଇଣ ସେ ସ୍ୱଜନ ।
ଆଲିଙ୍ଗନ କରି ମୁଖେ ଦିଅନ୍ତି ଚୁମ୍ବନ ଯେ । ୧୨୦ ।
ହରଷ ହୋଇଣ ଦାସୀଗଣେ ଧାଇଁ ଗଲେ ।
ରାଜାର ଛାମୁରେ ଯାଇ ବାରତା କହିଲେ ଯେ । ୧୨୧ ।
ଏହି ଦେବ ହେ ଋତୁପର୍ଣ୍ଣ ରାଜାର ସାରଥି ।
ନିଶ୍ଚୟେ କରି ତାହାଙ୍କୁ ଚିହ୍ନିଲେ ଦମୟନ୍ତୀ ଯେ । ୧୨୨ ।
ନଳରାଜା ଗୋପ୍ୟେ ସେହୁ ରୂପ ଧରିଥିଲେ ।
କାମଙ୍କୁ ଜିଣିଣ ନିଜ ରୂପ ସେ ଧଇଲେ ଯେ । ୧୨୩ ।
ଦମୟନ୍ତୀ କହିଲେ ଯାଇ ପିତାଙ୍କ ଛାମୁରେ ।
ତୋହର ଯଶ ନିଶ୍ଚୟେ ବଧାଇ ଆମ୍ଭରେ ଯେ । ୧୨୪ ।
ଶୁଣି ମହାରାଜା ଅଳଙ୍କାର ସବୁ ଦେଲେ ।
ଋତୁପର୍ଣ୍ଣ ରାଜା ଯେହୁଠାବେ ତା ଦେଖିଲେ ଯେ ।୧୨୫।
ସେହୁ ଯେତେ ଅଳଙ୍କାର ଲଗି ହୋଇଥିଲେ ।
ଉଲ୍ଲସି ହୋଇ ତାହାଙ୍କୁ ଅନୁଗ୍ରହ କଲେ ଯେ । ୧୨୬ ।
ବେନି ରାଜା ଏକସଙ୍ଗ ହୋଇ ବଜେ ଗଲେ ।
ଖଣ୍ଡାଶାଳେ ଯାଇ ନଳରାଜାଙ୍କୁ ଦେଖିଲେ ଯେ । ୧୨୭ ।
ଉଠି ନଳରାଜା ବେଗେ ପାଦ୍ୱେ ପଡ଼ି ଶୋଇ ।
ଭୀମ ମହାରାଜା ଦେଖି କର ପ୍ରସାରଇ ଯେ । ୧୨୮ ।
ବେଗେ ଭୀମ ରାଜା ତାଙ୍କୁ ତେ ଲଣ ଧଇଲେ ।
ଭୁଜେ କୋଳକରି ନଳ ଶିରେ ଚୁମ୍ବ ଦେଲେ ଯେ ।୧୨୯।
ନଳରାଜେ ପୁନ ପୁନ କଲେ ନମସ୍କାର ।
ଆନନ୍ଦରେ ପୁଣି କୋଳ କରେ ନୃପବର ଯେ ।୧୩୦ ।

Digitized by srujanika@gmail.com

ଋତୁପର୍ଣ୍ଣକୁ ନଳସ୍ୱପ୍ନେ ପୁଣ ସେ ସ୍ପର୍ଶିଲେ ।
କୋଳାଗ୍ରତ କରି ତାଙ୍କୁ ବଚନ କହିଲେ ଯେ । ୧୩୧ ।
ମୋହର ଜୀବନ ଜାଣ ତୋର ଆଜଠାରୁ ।
ତୁମ୍ଭ ଅନ୍ନ ଖାଇଣ ବଞ୍ଚିଲୁଁ ବିପତ୍ତିରୁ ଯେ । ୧୩୨ ।
ମହାଘୋର ବିପତ୍ତି ଯେ ମୋତେ ପଡ଼ିଥିଲା ।
ଆଜ ଦିନଠାରୁ ମୋହ ବିପତ୍ତି ଫିଟିଲା ହେ । ୧୩୩ ।
ଋତୁପର୍ଣ୍ଣ ବିନୋୟିଣ ନଳକୁ କହିଲେ ।
ରୂପ ଗୋପ୍ୟ ଧରି ନିଧି ମୋ'ର ପୁରେ ଥିଲେ ହେ ।୧୩୪।
ଯେବେ ମୁହିଁ ଭାଗ୍ୟବନ୍ତ ଲୋକ ହୋଇଥା'ନ୍ତି ।
ଛପଠାରେ ଚିହ୍ନିଲେ ବହୁ ସେବା କରିଥାନ୍ତି ହେ ।୧୩୫।
ଏବେହେଁ ବହୁତ ଭାଗ୍ୟ ହୋଇଲା ମୋ'ହର ।
ଅଜହ୍ନଁ ସୁକୃତ ମୋର ବଢ଼ିବ ଅପାର ହେ । ୧୩୬ ।
ଅଜ୍ଞାନେ ଅମୃତ ଯେଉଁ ଲୋକ ଖାଇ ଥାଇ ।
ଅମୃତର ଗୁଣ କି ତା ଦେହେଁ ନ ଲାଗଇ ହେ । ୧୩୭ ।
ସେହିମତି ଫଳ ମୋର ପ୍ରାପତ ହୋଇଲା ।
ଜଗତେ ଶୁଣିବେ ନଳ ଅଯୋଧ୍ୟାରେ ଥିଲା ହେ । ୧୩୮ ।
ନଳ ଋତୁପର୍ଣ୍ଣଙ୍କର ସମ୍ବାଦ ହୋଇଲା ।
ଏଥୁ ଅନନ୍ତରେ କଥା କେମନ୍ତେ ହୋଇଲା ଯେ ।୧୩୯।
ଭୀମ ବେନି ରାଜାଙ୍କୁ ସଙ୍ଗତେ ଘେନି କରି ।
ବହନ କରି ଡଗରମାନଙ୍କୁ ହକାରି ଯେ । ୧୪୦ ।
ସିଂହାସନେ ବିଜେ କରି ରାଜ୍ୟେ ଆଜ୍ଞା ଦେଲେ ।
କଣ୍ଟକଯାକ ଉତ୍ସବ କରାଅ ବୋଇଲେ ଯେ । ୧୪୧ ।
ଢୁରିଆଙ୍କୁ ମତାଇଣ ଜୁର କରାଇବ ।
ଯାହାର ଯେତେକ ଯିବ ଭଣ୍ଡାରୁ ତା ଦେବ ହେ ।୧୪୨।

Digitized by srujanika@gmail.com

ଆଜ୍ଞା ପାଇ ନଗରେ ଘୋଷଣା ଦଆଇଲେ ।
ନଳରାଜ୍ୟେ ଅଯୋଧ୍ୟାରେ ଗୋପ୍ୟରୂପେ ଥିଲେ ହେ ॥
କଣ୍ଟକ ଜୁର ହୋଇବ ରାଜ୍ୟେ ଆଜ୍ଞା ଦେଲେ ।
ଘୋଷଣା ଶୁଣି ଆନନ୍ଦେ ସର୍ବେ ଜୁର କଲେ ଯେ । ୧୪୪ ।
କଣ୍ଟକର ଉତ୍ତମ ପଦାର୍ଥ କଲେ ଜୁର ।
ଉନ୍ମତ୍ତ ହୋଇଲେ ନ ଚିହ୍ନିଲେ ପରାପର ହେ । ୧୪୫ ।
ରାଜା ବଡ଼ ଅବକାଶ ହୋଇ ବସିଛନ୍ତି ।
ସାଧୁରେ ଜୁର ପଦାର୍ଥ ଗ୍ରାମ୍ଯରେ ଜଣାନ୍ତି ହେ । ୧୪୬ ।
ରାଜା ଆଜ୍ଞାଦେଲେ ପାନ୍ଥ ବେଗ ହୋଇ ଯାଅ ।
ଯାହାର ଯେତେ ପଦାର୍ଥ ଭଣ୍ଡାରୁ ତା ଦଅ ହେ । ୧୪୭ ।
ରାଜା ଆଜ୍ଞା ପାଇ ପାନ୍ଥେ ଭଣ୍ଡାରେ ପଶିଲେ ।
ସକଳ ପଦାର୍ଥମାନ ଲେଖିକରି ଦେଲେ ଯେ ॥
ଏମନ୍ତ ସମୟେ ରବି ଅସ୍ତକୁ ଭଜିଲେ ।
ଅନ୍ନବସ୍ତ୍ର ପାଇ ସର୍ବେ ସନ୍ତୁଷ୍ଟ ହୋଇଲେ ଯେ । ୧୪୯ ।
ରଜନୀ ହୁଅନ୍ତେ ପୁଣ ଯେଝା ଘରେ ଗଲେ ।
ସମସ୍ତେହେଁ ଅତି ସୁଖେ ରଜନୀ ବଞ୍ଚିଲେ ହେ । ୧୫୦ ।
ପ୍ରାତକାଳେ ରାଜାମାନେ ଅପହୁଞ୍ଚ ହୋଇ ।
ଯେ ଯାହାର ନିତ୍ୟକର୍ମ ସତ୍ୱରେ ବଢ଼ାଇ ଯେ । ୧୫୧ ।
ଆସ୍ଥାନ ପରେ ବିଜୟେ ଭୀମ ଯେ ରାଜନ ।
ତକ୍ଷଣେ ମିଳିଲେ ଆସି ନଳ ଋତୁପର୍ଣ୍ଣ ଯେ । ୧୫୨ ।
ଭୀମରାଜା ଚରଣରେ ନମସ୍କାର କରି ।
ଅତି ସ୍ନେହେ ଭୀମରାଜା ତୋଳେ କର ଧରି ଯେ । ୧୫୩ ।
ଆଜ୍ଞାଦେଲେ ଭୀମରାଜା ନଗରକୁ ରାଇ ।
ବେନି ସିଂହାସନ ବେଗେ ଯେନି ଆସ ଯାଇ ଯେ । ୧୫୪ ।

Digitized by srujanika@gmail.com

ଆଜ୍ଞା ପାଇ ଉଗରେ ବୁରତେ ଚଳିଗଲେ ।
ରତ୍ନ ସିଂହାସନ ବେନି ଆସ୍ଥାନେ ଥୋଇଲେ ଯେ ।୧୫୫।
ସିଂହାସନେ ବସି ଋତୁପର୍ଣ୍ଣ ଜଣାଇଲେ ।
ଅଯୋଧ୍ୟା ନଗର ଯିବୁ ଆଜ୍ଞା ସେ ହୋଇଲେ ଯେ ।୧୫୬।
ଏହା ଶୁଣି ବନ୍ଧୁତ ଅକ୍ଷତ ଆଣି ଦେଲେ ।
ଆଜନ୍ତୁ କୁଣ୍ଡିନଗର ଭୂମ୍ବର ବୋଇଲେ ଯେ । ୧୫୭ ।
ନଳଙ୍କୁ ତାହାଙ୍କୁ ବହୁ ସମ୍ଭାବନା କଲେ ।
ଅଶ୍ୱହୃତ ବିଦ୍ୟା ଉପଦେଶଙ୍କୁ ଭଙ୍ଗିଲେ ଯେ । ୨୫୮ ।
ଅକ୍ଷତ ପାଇ ମେଲାଣି ହେଲେ ଋତୁପର୍ଣ୍ଣ ।
ସାରଥି ସମ୍ମୁଖରେ ନେଇ କଲା ନିଜ ଯାନ ହେ । ୧୫୯ ।।
ଆନନ୍ଦେ ବିଜୟେ ରାଜା କଲେ ରଥପରେ ।
କଟକେ ମିଳିଲେ ବେନି ପ୍ରହର ଭିତରେ ଯେ । ୧୬୦ ।
ଛତିଶ ନିଯୋଗ ଲୋକେ ଦରଶନ କଲେ ।
ପାତ୍ର ମନ୍ତ୍ରୀ ଅମାତ୍ୟ ସମସ୍ତେ ଭେଟିଲେ ଯେ । ୧୬୧ ।
ଅବକାଶ ସିଂହାସନେ ରାଜେ ବିଜେ କରି ।
ସର୍ବେ ଏକମୁଖ ହୋଇ ରାଜାଙ୍କୁ ପଚାରି ଯେ । ୧୬୨ ।
ହେ ଦେବ ଭୀମରାଜା ଯେ ସ୍ୱୟମ୍ବର କଲା ।
କେ କେ ଆସିଥିଲେ କନ୍ୟା କାହାକୁ ବରିଲା ଯେ । ୧୬୩ ।
ସାରଥି ହୋଇଣ ଯେହୁ ସଙ୍ଗେ ଯାଇଥିଲା ।
ରଥ କେତେ ବେଳେ ନେଲା ଯେହୁ କେଣେ ଗଲା ଯେ ॥
ଅଜ୍ଞା ହୋଉ ହେ ଦେବ ! ଶୁଣିମା ଆମ୍ଭେମାନେ ।
ଏତେ କଣ୍ଠ ମଞ୍ଜନ ହୋଇଲେ ସର୍ବଜନେ ଯେ । ୧୬୫ ।
ଆଦ୍ୟ ପ୍ରାନ୍ତ କରି ସବୁ ରାଜନ କହିଲେ ।
ଶୁଣିଣ ସମସ୍ତେ ବଡ଼ ଆଶ୍ଚର୍ଯ୍ୟ ହୋଇଲେ ଯେ । ୧୬୬ ।

Digitized by srujanika@gmail.com

ଅଯୋଧ୍ୟା ନଗରେ ଶୁଭେ ଋତୁପର୍ଣ୍ଣ ରହିଲେ ।
ଏଥୁ ଅନନ୍ତରେ ଶୁଣ ନଳ ଯାହା କଲେ ଯେ ।୧୬୭।
କୁଣ୍ଡୀ ନଗ୍ରେ କହୁ ଛନ୍ତି ନଳରାଜା ରହି ।
ନିଜ ରାଜ୍ୟ ଆମ୍ଭେ ଯିବୁଁ ଦମନ୍ତୀକି କହି ଯେ ।୧୬୮।
ଭୀମ ମହାରାଜାଙ୍କୁ ସେ ମେଲାଣି ମାଗିଲେ ।
ଚତୁରଙ୍ଗ ବଳ ଘେନି କଟକାଇ କଲେ ଯେ ।୧୬୯।
ଆପଣା କଟକ କିଛି ଦୂର ଥାଇ ରହି ।
ପୁଷ୍କର କଟକେ ରାମ୍ଭେ ଦୂତ ପଠିଥାଇ ଯେ ।୧୭୦।
ନଳ ଆଜ୍ଞା ଦେଲେ ଯାଇ ଏମନ୍ତ କହିବୁଁ ।
ବେଗେ ଥାଟ ସଜ କରି ସଂଗ୍ରାମରେ ମିଳିବୁ ଯେ ।୧୭୧।
ତୋର ମୋର ଦୁହିଙ୍କର ସଂଗ୍ରାମ କରିବା ।
ତୋହୋର ଇଚ୍ଛା ହୋଇଲେ ପଶାହିଁ ଖେଳିବା ଯେ ।୧୭୨।
ରାଜା ଆଜ୍ଞା ପାଇ ଦୂତ ବେଗେ ଚାଲିଗଲା ।
ପୁଷ୍କର ସନ୍ନିଧେ ଯାଇ ପ୍ରବେଶ ହୋଇଲା ଯେ ।୧୭୩।
ଯେତେ ଅଜ୍ଞା ଦେଇଥିଲେ ନଳ ସେ ରାଜନ ।
ସବୁ ସେ କହିଲା ଭୟ ନ କରିଣ ମନ ଯେ ।୧୭୪।
ପୁଷ୍କର ଶୁଣି ଦୂତକୁ ବଚନ କହିଲା ।
ନଳ ରାଜନର ଦୂତ ବୋଲି ଆଜ୍ଞା ଦେଲା ଯେ ।୧୭୫।
ଦର୍ଶନ କରିବି ମୁହିଁ ତାଙ୍କ ଚରଣରେ ।
ମୁହିଁ ଥିବା ଜପ ସେହୁ ଅଟଇ ରାଜ୍ୟରେ ଯେ ।୧୭୬।
ଶୁଣି ରାମଚନ୍ଦ୍ର ପଚ୍ଛିରନ୍ତି ମାର୍କଣ୍ଡେଙ୍କୁ ।
ପୁଷ୍କର କିମ୍ପା ଏନୋଇ କହିଲା ନଳଙ୍କୁ ଯେ ।୧୭୭।
ମାରକଣ୍ଡ ଆଜ୍ଞା ଦେଲେ ରାମଚନ୍ଦ୍ର ଶୁଣ ।
ପୁଷ୍କର ଜପ କରିବ ନଳ ଗ୍ରାମୁରେଣ ଯେ ।୧୭୮।

Digitized by srujanika@gmail.com

ଦ୍ୱାପର ତାହାର ଦେହେ ପଶିଣ ଯେ ଥିଲା ।
ନଳକୁ ସଭାରେ ଅଣଆୟତ ସେ କଲା ଯେ ।୧୭୯।
ତେଣୁ କରି ନଳରାଜା ଏମନ୍ତ ହୋଇଲା ।
ରାଜା ସ୍ତ୍ରୀର ଆଗେ ପୁଣ କେମନ୍ତ କହିଲା ଯେ ।୧୮୦।
ମାରକଣ୍ଡ ଋଷି କହେ ରାମଚନ୍ଦ୍ର ଶୁଣ ।
ଦୂତ ଆଗେ ପୁଷ୍କର କହଇ ବଚନୋପୁଣ ଯେ ।୧୮୧।
ପୁଣି ବେଗେ ସଜ ହୋଇ ରଥ ଆରୋହିଲା ।
ସୁବର୍ଣ୍ଣ କୁଠାର ସେହୁ ଗଳେ ଲମ୍ବାଇଲା ଯେ ।୧୮୨।
ଏକା ରଥକରେ ସେହୁ ଚଢ଼ିକରି ଗଲା ।
ନଳରାଜା ପାଦତଳେ ପ୍ରଲମ୍ବିତ ହେଲା ଯେ ।୧୮୩।
ପୁଣ ପୁଣ ପ୍ରାଣେ ପଢ଼ି ଶୋଇଲା ପୁଷ୍କର ।
ଗଦ ଗଦ ହୋଇ ଦେଖି କରଇ ଅଧୀର ହେ ।୧୮୪।
ନଳ ଆଜ୍ଞା ଦେଲେ ବାବୁ ଉଠ ବେଗ ହୋଇ ।
ଏକଇ ବଚନ ତୋତେ ମୁହିଁ କହିବଇଁ ଯେ ।୧୮୫।
ଅଧର୍ମ କରଣ ମୁହିଁ ରାଜ୍ୟ ନ ନେଇ ।
ତୁ ଯେବେ ଯୁଦ୍ଧ ନ କଲୁ ପଶା ଖେଳିବଇଁ ଯେ ।୧୮୬।
ନଳରାଜା ପଶା ସାରି ବେଗେ ହକରାଇ ।
ପଶା ଯେ ଖେଳନ୍ତି ବସି ସେହୁ ଦେବନ ଧ୍ୟାଇ ଯେ ।୧୮୭।
ଋତୁପର୍ଣ୍ଣଠାରୁ ଯେହୁ ମନ୍ତ୍ର ନେଇଥିଲେ ।
ତାହା ସୁମରଣା କରି ସମସ୍ତ ଜିଣିଲେ ଯେ ।୧୮୮।
ପୁଷ୍କରକୁ ବୋଇଲେ ତୁ ମୋ ଆଗେ ନ ଥିବୁ ।
କିନ୍ତୁ ରାଜ୍ୟ ଦେବା ତାହା ଖାଇ ଜିଇଁ ଥିବୁ ଯେ ।୧୮୯।
ଏତେ ବୋଲି ପୁଷ୍କରକୁ ସ୍ତ୍ରୀର ଦେଶ ଦେଲେ ।
ପୁଷ୍କର ପାଇଣ ସେହୁ ଦେଶରେ ରହିଲେ ଯେ ।୧୯୦।

Digitized by srujanika@gmail.com

ଦମୟନ୍ତୀକି ଘେନି ରାଜା ବେଗେ ଚଳି ଗଲେ ।
ସେ ନଗର କଟକରେ ପ୍ରବେଶ ହୋଇଲେ ଯେ ।୧୯୧।
ଆନନ୍ଦମନେ ଦର୍ଶନ କଲେ ପୁରଜନ ।
ବୋଲନ୍ତି ଏହି ରାଜ୍ୟକୁ ନଳହିଁ ରାଜନ ଯେ ।୧୯୨।
ପାତ୍ର ମନ୍ତ୍ରୀ ଅମାତ୍ୟ ଦରଶନ କଲେ ।
ଛତିଶ ନିଯୋଗ ଦେଖା ସେବାରେ ରହିଲେ ଯେ ।୧୯୩।
ହରଷ ହୋଇଣ ରାଜା ଶୁଭେ ରାଜ୍ୟ କଲେ ।
ମାରକଣ୍ଡ ଋଷି ରାମ ସମ୍ମୁଖରେ କହିଲେ ଯେ ।୧୯୪।
ତୁମ୍ଭର ବିପତ୍ତି ନାଶ କରିବାର ପାଇଁ ।
ଅରଣ୍ୟ ଭିତରେ ଆସି ତୋତେ ଭେଟିଲିଁ ଯେ ।୧୯୫।
ତୋର ଠାରୁଁ ଦୁଃଖୀ ଏକା ନଳ ସେ ରାଜନ ।
ଆଦ୍ୟ ପ୍ରାନ୍ତ କରି ସବୁ ଶୁଣିଲ ଶ୍ରବଣ ଯେ ।୧୯୬।
ଦଶଗ୍ରୀବ ହତ କରି ସୀତାଙ୍କୁ ପାଇବ ।
ନିଶ୍ଚୟ ଅଯୋଧ୍ୟାପୁରେ ରାଜନ ହୋଇବ ଯେ ।୧୯୭।
ଏକମନେ ଯେହୁ ନଳଚରିତ ଶୁଣଇ ।
ଅତି ମହାଘୋର ବିପତ୍ତିରୁ ନିସ୍ତରଇ ଯେ ।୧୯୮।
ଏତେ କହି ମୁନି ଅନ୍ତର୍ଦ୍ଧାନ ହୋଇଗଲେ ।
ଅରଣ୍ୟ ଭିତରେ ରାମ ଶୁଭେଣ ରହିଲେ ଯେ ।୧୯୯।
କହୁଦିନେ ରାମ ଯୁଦ୍ଧେ ମାରି ରାବଣକୁ ।
ସୀତା ଘେନି ପୁଣି ସେହୁ ଆସେ ଅଯୋଧ୍ୟାକୁ ଯେ ।୨୦୦।
ଶୁଣ ଆହେ ସୁଜ୍ଞଜନେ ନଳର ଚରିତ ।
ଯାହା ଶୁଣି ବିପତ୍ତି ହରିଲେ ରଘୁନାଥ ଯେ ।୨୦୧।
ଏକା ମନକରେ ଏକାଥରେ ଯେ ଶୁଣିବ ।
ଶ୍ରଦ୍ଧା ମନ କରି ଆଦ୍ୟ ପ୍ରାନ୍ତ ଯେ ଭଣିବ ହେ ।୨୦୨।

Digitized by srujanika@gmail.com

ମହାଘୋର କପଟିଙ୍କ ଯେବେ ପାଉଥିବ ।
ସ୍ୱପନ ପର୍ଯ୍ୟନ୍ତେ ସେହୁ ଦୁଃଖକୁ ମଣିବ ଯେ । ୨୦୩ ।
ସୁଜ୍ଞଜନମାନେ ହରିକୀର୍ତ୍ତନ କରିବ ।
କୃଷ୍ଣ ନାମ ଅହର୍ନିଶି ଶ୍ରବଣେ ଶୁଣିବ ଯେ । ୨୦୪ ।
ଶ୍ରୀପୁରୁଷୋତ୍ତମ କ୍ଷେତ୍ରବର ଯେ ରାଜ୍ୟରେ ।
ତହିଁ ହୋଇଛନ୍ତି ଦାରୁବ୍ରହ୍ମ ଅବତାରେ ଯେ । ୨୦୫ ।
କଳାଆଖି ଚକାଡୋଳା ସୁରଙ୍ଗ ଅଧର ।
ଯେହୁ ଅବଲୋକନ କରନ୍ତି ନରନାର ଯେ । ୨୦୬ ।
ତାହାଙ୍କ ପାଦତଳରେ ଥାଉ ମୋର ଶିର ।
ମଧୁସୂଦନକୁ ଚକ୍ରଧର ରକ୍ଷାକର ଯେ । ୨୦୭ ।
ଜଳଚରିତ ଯେ ମୁହିଁ ନ ଜାଣି କହିଲି ।
ବାଳକ ବୁଦ୍ଧିରେ ମୁଁ ଅଳପ ବଖାଣିଲି ହେ । ୨୦୮ ।
ପଣ୍ଡିତଜନେ ହେ ଦୋଷ ନ ଧରିବ ମୋର ।
ପୂରାଇ ଗାଇବ ମୁଁ ଯେ ସେବକ ତୁମ୍ଭର ହେ । ୨୦୯ ।

ସମାପ୍ତ

Digitized by srujanika@gmail.com

ଟୀକା

ପ୍ରଥମ ଛାନ୍ଦ

୧ । ଅପୂର୍ବ ରସ; ଅପୂର୍ବ—ନୂତନ ଅଥଚ ଉତ୍କୃଷ୍ଟ (ବହୁବ୍ରୀ) । ରସ—ଆସ୍ୱାଦର ବିଷୟ, ସୁଖ, ଆନନ୍ଦ । ପାତକ—ପାପ । ଧ୍ୱଂସ—ନାଶ । ୨ । ମାୟାମୃଗ—ମିଛ ହରିଣ, ମାରୀଚ ରାବଣ କଥାରେ ମିଛ ସୁନାହରିଣ ରୂପ ଧରିଥିଲା (ମଧ୍ୟପଦଲୋପୀ କର୍ମଧା) । ମାରିବାରେ—ମାରିବା ପାଇଁ — ୪ର୍ଥୀ ବିଭକ୍ତି ସୂଚକ 'ରେ' । ୩ । ଜାନକୀ—ସୀତା, ଜନକଙ୍କ କନ୍ୟା (ଜନକ+ଅପତ୍ୟାର୍ଥେ ଅ+ସ୍ତ୍ରୀରେ ଈ) ୪ । ପୁରେ—ବାସସ୍ଥାନରେ, ଏଠାରେ ପର୍ଣ୍ଣକୁଡ଼ିଆରେ । କାରୁଣ୍ୟେ—ଦୁଃଖରେ—କରୁଣା+ଭାବାର୍ଥେ ଯ ପ୍ରତ୍ୟୟ । ଅବନୀ—ପୃଥିବୀ । ୫ । ଶୋକଭରେ—ଶୋକଭର (ଷଷ୍ଠୀତତ୍) ଦୁଃଖର ଆଧିକ୍ୟରେ ।୬। କନ୍ଦୁ—ପ୍ରାଚୀନ ପ୍ରୟୋଗ । ଶକୁନ—ଶକୁନ ଶବଦ, ଭଲ ମନ୍ଦ ଜଣାଇବା ଚିହ୍ନ, ରାବଣ ସୀତାଙ୍କୁ ହେରଇ ନେବାର ସଙ୍କେତ ବା ବାର୍ତ୍ତା । ୭ । ଦଶଗ୍ରୀବ—ଦଶଗ୍ରୀବା (ବେକ) ଯାହାର (ବହୁବ୍ରୀ) ରାବଣ । ୮ । ରଘୁରାଣ—ରଘୁବଂଶୀୟ ଯେ ହେଲେ ରାଣ ରାଜା ବା ରଘୁବଂଶୀୟଙ୍କ ମଧ୍ୟରେ ରାଜା (କର୍ମଧା ବା ୭ମୀ ତତ୍) । ଦଶାନନ—(ଦଶ ଆନନ ଯାହାର—ବହୁବ୍ରୀ) ରାବଣ ।୯। ଶ୍ରୀହତ—ଶ୍ରୀର ହତ (ହତ—ହନ୍, ହତମ୍; ଭାବେ ତ ପ୍ରତ୍ୟୟ) ସମ୍ପଦର ନାଶ ବା ହତଶ୍ରୀ । ୧୦ ।

Digitized by srujanika@gmail.com

ଅମରଷ—(ଅମର୍ଷ ଶବ୍ଦଜ) ନାହିଁ ମର୍ଷ—କ୍ଷମା ଯାହାର—ବଳୁଶ୍ରୀ, ଅସହନଶୀ, କ୍ରୋଧଯୁକ୍ତ ।୧୧। ମାରକଣ୍ଡ—ମାର୍କଣ୍ଡେୟ ଶବ୍ଦଜ, ମୃକଣ୍ଡ ଋଷିଙ୍କ ପୁତ୍ର, ତପସ୍ୟା ବଳରେ ସେ କଳ୍ପଜୀବୀ ହୋଇଥିଲେ । ସମୁରେ—ସମ୍ମୁଖ ଶବ୍ଦଜ – ଆଗରେ । ୧୨ । ତାପ—ଦୁଃଖ, ତାପ ତିନପ୍ରକାର—ଅଧ୍ୟାତ୍ମିକ, ଅଧିଦୈବିକ ଓ ଅଧିଭୌତିକ ଯଥାକ୍ରମେ ମାନସ, ଦୈବ ଓ ଶାରୀର ଦୁଃଖ; ଏଠାରେ ମନର ଦୁଃଖ । ୧୩ । କ୍ରୋଧେ—କୋପେ, ଏଠାରେ କ୍ରୋଧ, କୋପର ଅର୍ଥ ଦୁଃଖ । ଅଭିଷେକ—ଅଭି+ସିଚ୍+ଅ; ପବିତ୍ର ଜଳରେ ସ୍ନାନ ପରେ ରାଜା ଗାଦିରେ ବସନ୍ତି । ୧୪ । ଭ୍ରଷ୍ଟ – ନଷ୍ଟ, ମୃତ । ପତ୍ନୀକଷ୍ଟ—ସ୍ତ୍ରୀ ବିରହଜନିତ ଦୁଃଖ ।୧୫। ରଘୁମଣି—ରଘୁ ରଘୁବଂଶୀୟ ହେଲେ ମଣି(ରୂପକ) ରାମଚନ୍ଦ୍ର । ୧୬ । ତାରେ—ତାଙ୍କୁ, ୨ୟା । ୧୯ । କାମଦେବଙ୍କ ସମାନ—ସରି, ସଦୃଶ, ସମାନ ପ୍ରଭୃତି ଯୋଗେ ୨ୟା ଓ ଷଷ୍ଠୀ ହୁଏ । ଶୂରବନ୍ତପଣ—ଶୌର୍ଯ୍ୟବନ୍ତ ଶବ୍ଦଜ, ବୀରପଣରେ । ୨୧ । ଅନନ୍ତ ହୋଇ (ହରଷ ହୋଇ, ପ୍ରବେଶ ହୋଇ ପ୍ରଭୃତି) ଉଭୟ ଶବ୍ଦକୁ କ୍ରିୟାରୂପେ ଗ୍ରହଣ କର । ୨୪ । ବଇଦର୍ଭି, ନଇଷଧ—ବିଦର୍ଭି, ନୈଷଧ । ୨୬ । ଯେ ଯାହାର—ଯେ ଯାହା ଭଗ । ୨୭ । ଡଗର—ଦୂତ, ଡାକୁଆ (ଡ—ଶବ୍ଦ—ଯେ କରେ—ସେ ଡଗର; ଡକରରୁ ଡଗର) । ୨୮ । କୁମରମଣି – କୁମର ହେଲେ ମଣି (ରୂପକ) ପୁତ୍ରଶ୍ରେଷ୍ଠ । ୩୨ । (ଅଷ୍ଟରତ୍ନ—ନବରତ୍ନ—ମୁକ୍ତା, ମାଣିକ୍ୟ, ବୈଦୁର୍ଯ୍ୟ, ହୀରା, ବଦ୍ରୁମ, ପଦ୍ମରାଗ, ମରକତ, ନୀଳା ଓ ଗୋମେଦ) ଗୋମେଦ ଛାଡ଼ିଦେଲେ ଅଷ୍ଟରତ୍ନ ।୩୮। ନାରାଚ ନାରାଚ ଶବ୍ଦଜ, ଶର । ୩୯ । ଅପାର—ନାହିଁ ପାର ଯାର,

Digitized by srujanika@gmail.com

(ବହୁବ୍ରୀ) - ବନ୍ଧୁର । ୪୦ । ତରସ୍ତ — ଚସ୍ତ — ତ୍ରସ୍ତ, ଏଠାରେ ଚକିତ, ହଂସ ମୁଖରୁ କଥା ଶୁଣି ।୪୩। କୁଣ୍ଡୀ— କୁଣ୍ଡିନ, ବିଦର୍ଭ ଦେଶର ରାଜଧାନୀ, କଟକ - ନଗର ।୪୩। ଅନୁପାମ— ଅନୁପମ ଶବ୍ଦଜ (ବହୁବ୍ରୀ) ଅତୁଳ ।୪୫। ରତି— କାମଦେବଙ୍କ ସ୍ତ୍ରୀ ।୪୬। ସନ୍ଦେଶ— ଖବର, ବାର୍ତ୍ତା ।୪୭। ତଥ୍ୟ, ନର୍ସ— ବିବାହ ଓ ନିବାହ ଶବ୍ଦଜ ।୪୮। ସୁକୃତକର (ସୁକୃତ— ପୁଣ୍ୟ) ଧର୍ମ ଦ୍ୱାହି ଦେଇ କହ । ୪୯ । ନିୟମ— ପଣ, ଚୁକ୍ତି । ୫୦ । ବେଣୀ ପୋଖରୀ— (ବେଣୀ-ବିଶିଷ୍ଟ ବା ବୃହତ୍ ଶବ୍ଦଜ) ଶ୍ରେଷ୍ଠ ସରୋବର । ବୃନ୍ଦରୁ ହୁଏ, ବୃହତ୍‌ରୁ ବେଣୀ ? (ପାରିଧି) ମଧ୍ୟ ହୋଇପାରେ ।୫୧। ସକଳ ସଖୀସମୂହ— ସବୁ ସଖୀମାନେ ସକଳ ଓ ସମୂହ ଏକସ୍ଥାନରେ ପ୍ରଯୁକ୍ତ (ଅଧୁନା ଏପରି ପ୍ରୟୋଗ ଦୁଷ୍ୟ) । ୫୨ । ଜଡ଼ିତ — ଖଚିତ । ୫୬ । ବ୍ରହ୍ମଲୋକ— ବ୍ରହ୍ମାଙ୍କ ଭୁବନ । ହେଳେ— ସହଜରେ, ସୁଖରେ ହେଳା— ଏ ତୃତୀୟା ବିଭକ୍ତିରେ ୫୯ । ଚନ୍ଦ୍ରମୁଖୀ— ଚନ୍ଦ୍ର ସଦୃଶ ବା ଚନ୍ଦ୍ରରୂପ ମୁଖ ଯାହାର (ମଧ୍ୟପଦଲୋପୀ ବା ରୂପକ ଗର୍ଭକ ବହୁବ୍ରୀ) ସ୍ତ୍ରୀ ରେ ଈ ପ୍ରତ୍ୟୟ ।୬୦। ରାଜନ ଠାରୁଁ— ରାଜଙ୍କଠାରୁ— ୫ମୀ ବିଭକ୍ତିରେ ଠାରୁଁ, ହୁଁ, ଠାରୁ, ଠୁଁ ଆଦି ପ୍ରଯୁକ୍ତ ହୁଏ । ଭର୍ତ୍ତା— ଭର୍ତ୍ତାଶବ୍ଦଜ- ସ୍ୱାମୀ ।୬୧। ବାଛୁ— ମନ୍ଦରୁ ଭଲକୁ ପୃଥକ୍ କର (ବି+ଚି ଧାତୁ ବା ବି + ଅ+ଛିଦ୍ ଧାତୁରୁ ନିଷ୍ପନ୍ନ ଶବ୍ଦର ଅପଭ୍ରଂଶ) । ୬୦ । ବିମାନ— ରଥ । ବିଗତ ମାନ— ତୁଳା— ଯାହାର— ବହୁବ୍ରୀ) ୬୩ । ବର୍ତ୍ତମାନ— ବିଦ୍ୟମାନ, ଉପସ୍ଥିତ ।୬୫। ସ୍ୱୟମ୍ବରକୁ ଆସିଥିଲେ ଚୋର— ଏଠାରେ 'ଚୋର' କହିବାରେ ଜଣାଯାଏ ଯେ, ସେମାନେ ଜାଣିଥିଲେ ଦମୟନ୍ତୀ ନଳଙ୍କୁ ଆଗରୁ ବରଣ

Digitized by srujanika@gmail.com

କରୁଅଛୁ, ନଳଙ୍କୁ ବିବାଦ କରିବ—ସେମାନଙ୍କ ଆଗମନ କେବଳ ନଳର ମହତ୍ତ୍ୱ ପ୍ରଦର୍ଶନାର୍ଥ ।୭୫। ବଖାଣିବୁ—କହିବୁ, ବ୍ୟାଖ୍ୟାନ କରିବୁ ।୭୬। ସନ୍ଧିକଥା—(ଦୁଇଟି ବିଷୟର ମେଳନ ସ୍ଥାନ—ଦେବତାଙ୍କର ଓ ନଳଙ୍କର ପ୍ରାର୍ଥିତ୍ୱ) ବିଷମ ସମସ୍ୟା ।୭୮ ଅନ୍ତର୍ଗତ—ମନ ।୭୯। ବରଗିବ ପଠାଇବ । ମୋହିଗଲେ—ମୋର ଯିବାରେ— ଗଲ+ଏ, ଭାବବାଚକ ଶବ୍ଦ ଓଡ଼ିଆରେ] ୮୩ । ଦେବତାବର—ଦେବତାଙ୍କ ମଧ୍ୟରେ ବର ଶ୍ରେଷ୍ଠ (ନିର୍ଦ୍ଧାରଣେ ୭ମୀ ତତ୍) । ୮୪ । ସମ୍ବାଦ ଦେବ—ଖବର ଦେବ—କଥା କହିବ ।୯୦। ସଲକ୍ଷେଣ—ଲକ୍ଷ୍ମୀ ସହିତରେ ।୯୧। ପ୍ରତେ—ପ୍ରତ୍ୟୟରୁ, ବିଶ୍ୱାସରେ ।୯୨। ପ୍ରଲମ୍ଭ—ପ୍ରଣାମ ଦେଇ-ନମସ୍କାର ।୯୩। ବାମା—ସୁନ୍ଦରୀ ସ୍ତ୍ରୀ । ୯୪ । ତୋତେ—ତୋ ନିକଟକୁ । କଥାକୁ ଅବଧି—କଥାର ଆରମ୍ଭରୁ ଶେଷ ଯାକେ; ବା ନିଷ୍ପତ୍ତି ।୯୬। ଅମରପୁର—ସ୍ୱର୍ଗ । ୯୭ । ଦେବାଧିଦେବ—ଦେବତାଙ୍କ ମଧ୍ୟରେ ଅଧିଦେବ । [୭ମୀ ତତ୍] ଅଧିକ ଦେବ—ଅଧିଦେବ । (ପ୍ରାଦି) ଦେବତାଙ୍କ ମଧ୍ୟରେ ଶ୍ରେଷ୍ଠ ଦେବତା ।୯୯। ପ୍ରଭୁ—ମାଲିକ ।୧୦୧। ତୁ ମୋତେ ମନରେ ବରିଥିଲେ ସୁଦ୍ଧା ମୁଁ ଦେବତାଙ୍କର ଲୋକ ହୋଇ ତୋତେ ପ୍ରାର୍ଥନା କରୁଛି, ତୁ ମୋତେ ଛାଡ଼ି ସେମାନଙ୍କ ଭିତରୁ ଜଣକୁ ବରଣ କର—ମୋର ଏହି ତ୍ୟାଗ ହେତୁ ଯଶ ହେବ ।୧୦୪। ଠାଇଁ—ସ୍ଥାନରେ, ସ୍ଥାନରୁ ଠା ଓ ଠଣା ଇତ୍ୟାଦି ହୁଏ ।୧୦୭। ଯତ ସତ କରିଛନ୍ତି—ଯମ ଗୁଣ ଓ ସତ୍ୟ ଧର୍ମ ପାଳନ କରିଛନ୍ତି ।୧୧୧। ପ୍ରସନ୍ନ=ପ୍ର—ସଦ+ତ, ସନ୍ତୁଷ୍ଟ ।୧୧୩। ପରଖର—ପ୍ରଖର; ଶୀଘ୍ର ।୧୧୬। ଟେକ—ମଥା ତୋଳି ।୧୧୮। ନିହଜଲ—ପଗ୍ଭରିଲ;

Digitized by srujanika@gmail.com

ମନେ ପକାଇଲ । ୧୧୯ । ଛିଦ୍ର—ଦୋଷ, ଅଭାବ ।୧୨୦। ସ୍ୱେଦ ଝାଳ ।୧୨୧। ଆଭରଣ—ଭୂଷଣ । ୧୨୨ । ଚକ୍ଷୁ ତରଙ୍ଗ—ଆଖିର ଖେଳା ବା ଢ଼ଉଁ, ଦେବତାଙ୍କ ଆଖିପତା ପଡ଼େ ନାହିଁ ।୧୨୪। ଧବଳାନନ ଶବ୍ଦରେ—ଉତ୍ତମ ବୁଦ୍ଧିରେ — ଧୀର ଭାବରେ; (ବହୁବ୍ରୀହି ଓ କର୍ମଧା ବା କର୍ମଧା ଓ ମଧ୍ୟପଦ-ଲୋପୀ କର୍ମଧା) ।୧୨୬। ସୁରେଶ୍ୱର—ଦେବଶ୍ରେଷ୍ଠ, ଇନ୍ଦ୍ରାଦି ଚାରିଦେବତା ।୧୩୦। ଯୌତୁକ—ଯୌତକ ଶବ୍ଦଜ. ବିବାହ ବେଳେ କନ୍ୟାକୁ ଯେ ଧନ ବା ପଦାର୍ଥ ଦିଆହୁଏ । ପାଛୋଟି—(ପ୍ରତ୍ୟୁଦ୍ ଯାତ ବା ପଶ୍ଚାତ୍ ଯାତରୁ) ଆଗ ବଢ଼ିଯାଇ ଆଣିବା, ପଛେଇଯିବା, ଏଠାରେ ସଙ୍ଗରେ ସଙ୍ଗରେ ଯିବା ଅର୍ଥରେ ।୧୩୧। ବାହୁଡ଼ିଲେ (ବ୍ୟାବର୍ତ୍ତିବୃତରୁ) ଫେରି ଆସିଲେ ।୧୩୨। ଅତି ହରଷ—ଅତିଶୟ ହର୍ଷ ଯାହାର, ବହୁବ୍ରୀ ।୧୩୪। ସୁମରଣା—ସ୍ମରଣ ।୧୩୬। ମାୟା—ଅନିତ୍ୟ ବିଷୟରେ ମମତା । ଚକ୍ରଧର ସୁଦର୍ଶନ ଚକ୍ରଧାରୀ ବିଷ୍ଣୁ (ଉପପଦ ତତ୍; ସଃ ଷଷ୍ଠୀ ତତ୍) ।

ଦ୍ୱିତୀୟ ଛାନ୍ଦ

୩ । ମଘବା—ଇନ୍ଦ୍ର ।୪। ରୁଣ୍ଡ—ଏକଠି । ଭୂସ୍ୱର୍ଗଲୋକ—ପୃଥିବୀ ଓ ସ୍ୱର୍ଗର ଲୋକମାନେ । ୭ । ବିଡ଼ୋଜା—ବିଡ଼ୌଜା—ଇନ୍ଦ୍ର । ୯ ପାକଶାସନ—ଇନ୍ଦ୍ର । ୧୫ । ସୁନାସୀର—ଇନ୍ଦ୍ର ।୧୬। ହାଦେ—ନିଶ୍ଚୟ ।୧୮। ସଦାଗ୍ରହ—ଭଲ ସ୍ୱଭାବ ।୨୨। ଆର୍ଦ୍ର—ଓଦା । ଘବଡ଼ିଲେ (ଗ୍ରାମ୍ୟ ଶବ୍ଦ) ଶୋଇଲେ । ପ୍ରବେଶେ—ପ୍ରବେଶ କରି ।୨୪। ସାହ୍ର—ସନ୍ତାପୁ । ୨୫ । ଉଚ୍ଛନ୍ନ—ଉତ୍ସନ୍ନ-ଶବ୍ଦଜ—ବ୍ୟତିବ୍ୟସ୍ତ, ଦୁରବସ୍ଥା ।୨୬। ଶର୍ବରୀ—ରାତି ।

Digitized by srujanika@gmail.com

ସମ୍ୟେ—ରାଜା । ୨୭ । ଚଉଥବକାଶେ—ରାଜାଙ୍କର ବିଶ୍ରାମ ସମୟରେ ଭଜେଇବା । ଅମନାତ୍ୟ—ଅମାତ୍ୟ ଶବ୍ଦଜ—ପ୍ରଧାନ ମନ୍ତ୍ରୀ । ୨୯ । ହାଙ୍କି—ଡାକ ।୩୦। ପୀଢ଼—ପଣ, ବାଜି । ୩୧ । ହକରାଇଲେ (ଆକାରୟତରୁ) ଡକାଇଲେ ।୩୩। ସାର—କାଠି । ପାଡ଼ିଲେ—(ପାତୟତରୁ) ପକାଇଲେ । ୩୬ । ଜୂଚ—ଦ୍ୟୂତ, ଜୁଆ । ୩୮ । ପାଟମହାଦେଈ—ପଟ୍ଟ ମହାଦେବୀ—ପ୍ରଧାନ ରାଣୀ ।୩୯। ସଜ—ସଜ୍ଜଶବ୍ଦଜ । ୪୦ । ରଥବର—ରଥଶ୍ରେଷ୍ଠ (ରଥରୁ ବହ) ।୪୨। ଗମ୍ବର—(ପାଦଶବ୍ଦଜ) ପାଦ ।୫୦। ଯୁଞ୍ଜ—ପଣ୍ଡିତ । ୫୧ । ତାପ ଫିଟାଇ—ଦୁଃଖ ଦୂରକରି ।

ତୃତୀୟ ଗ୍ରନ୍ଥ

୨ । ଦୁଷ୍କୃତ—ପାପ । ୩ । ଆବେଶ ହୁଏ—ଖେଳ ହୁଏ, ଆସକ୍ତ ହୁଏ ।୭। ଅମ୍ବା—ଶରୀର । ୯୩ । ମାୟାବୀ—କପଟ—ମାୟା କପଟ ।୨୦। ଅସ୍ଥାନ—ରାଜାଙ୍କ ଦରବାର, ମଣ୍ଡପ ।୨୧। ହର୍ଜନ—ଗଜନ ଶବ୍ଦଜ—ପାଟ । ଦୋହରହା—ଦ୍ରୋହୀ, ଶତ୍ରୁ ୨୫ । ଉଣ୍ଡ୍ରମ—ନାଗରା ।୨୭। ଶେଷ ନବରୁ—ସ୍ୱବଜୟ୍ନରୁ ।୩୧। ଭୁନ—ଭୁଷ୍ଟ, ଚ୍ୟୁତ । ୫୦ । ଯଥା ଯୁଗତ—ଯଥା ଯୁକ୍ତି, ଉଚିତ ପ୍ରକାରରେ (ଅବ୍ୟୟୀଭାବ ସମାସ) ।୫୩। ସାମନ୍ତ—ସାଆନ୍ତ, ରାଜାଙ୍କ ଭାଇଆ ।୫୫। ମାଜଣା—ମାର୍ଜନା—ସ୍ନାନାଦି କାର୍ଯ୍ୟ ।୫୯। ସୁବର୍ଣ୍ଣ—ସୁନା ମୋହର । ୬୧ । ବନୋସ୍ତୀ—ବନସ୍ତୀ ହୋଇ ।୬୩। ମେଲଣି (ପୁନର୍ମିଳନଂ ପ୍ରାର୍ଥୟତରୁ) ବିଦାୟ । ୭୫ । ଶ୍ୱେତପଦ୍ମ ଢୋଲାକୁ—ଶ୍ୱେତପଦ୍ମ ସଦୃଶ ବା ରୂପ ଢୋଲା ଯାହାଙ୍କର, ଜଗନ୍ନାଥ (ମଧ୍ୟପଦଲୋପୀ ବା ରୂପକଗର୍ଭିତ

Digitized by srujanika@gmail.com

ବହୁବ୍ରୀହି) । ରଙ୍ଗାଅଧର—ରଙ୍ଗାଧର—ରଙ୍ଗ କ ଲାଲ ଅଟେ ଓଠ ଯାହାଙ୍କର—ବହୁବ୍ରୀ । ୭୭ । କୈବଲ୍ୟ—ମୋକ୍ଷ ।୭୮। ପଦ୍ମଚରଣ—ପଦ୍ମସଦୃଶ ବା ରୂପ ଚରଣ ଯାହାଙ୍କର (ମଧ୍ୟ-ପଦଲୋପୀ ବା ରୂପକଗର୍ଭକ ବହୁବ୍ରୀ) ଜଗନ୍ନାଥ ।

ଚତୁର୍ଥ ଗ୍ରନ୍ଥ

୧ । ଆର୍ଯ୍ୟା—(ଆର୍ଯ୍ୟ ଶବ୍ଦରୁ) ମାତା । ଲିଖନ୍ତୁ—ଲେଖିନ୍ତୁ । ୬ । ଫେଡିଲା—ଫେଡ଼ିଲା, ଖୋଲିଲା । ଉଲଗ୍ନ—ନଗ୍ନ, ଲଙ୍ଗଳା । ୯ । ତପନ—ସୂର୍ଯ୍ୟ । ଉଦବେଗେ—ଉଦବେଗ—ପଶ୍ଚବରେ ବା ଉତ୍ତେଜନାରେ । ୧୦ । ଉଲସ୍ୱେ—(ଉତ୍+ଲସ୍ୱ ଶବ୍ଦଜ)-ଏକ ଦୃଷ୍ଟିରେ କର । ଅହିପତ୍ର—ଖଣ୍ଡାର ଦାଢ଼ ଅର୍ଥରେ ସଂସ୍କୃତରେ ପ୍ରଯୁକ୍ତ--ଏଠାରେ ଅସି ହେଲା ପତ୍ର (ରୂପକ)—ଖଣ୍ଡା ବା ଛୁରୀ—(ଅସିପତ୍ର) (ଛୁରୀ ଅର୍ଥରେ ବ୍ୟବହୃତ) । ୧୧ । ହବାସ କଲେ—ରହିଲେ ।୧୨। ଧଡ଼ଣ—ଶୀଘ୍ର । ୧୭ । ବାତୁଳ ବୁଦ୍ଧି—ଚଞ୍ଚଳମତ । ଅମ୍ବିକା—ଦୁର୍ଗା । ଆରତ—ଆର୍ତ୍ତ (ଆର୍ତ୍ତ ଅର୍ଥରେ) ଦୁଃଖ । ସୁମନା—ସୁ—ଭଲ—ମନ ଯାହାର —ଦମୟନ୍ତୀ । ଚତୋଇ—ଚତୁରେ ରଖିବୁ ।୧୮। ଅଜଗର—ବଡ଼ ସାପ ବିଶେଷ । ୧୯ । ଫାରସା—ପଶୁ ଶବ୍ଦଜ—ହାଙ୍ଗେଥିଲା ଅସ୍ତ୍ର ବିଶେଷ । କିରାତ—ଶବର, ବ୍ୟାଧ ଅର୍ଥରେ ବ୍ୟବହୃତ । ସ୍ୱେଦ ଉଠିଲା—କାନ୍ଦିଲା । ୨୦ । ନୀର ଅହାର—ପାଣି ପିଇବା (ସଂସ୍କୃତ ସମାସ୍ତରେ ମଧ୍ୟ ନୀରଂ ଅଶ୍ନାତି ପ୍ରୟୋଗ—ପାଣି ଖାଇବା ମଧ୍ୟ ଚଳେ) । ଗୋଳ—ଶବ୍ଦ । ଅନବରତେ—ସଦା ସର୍ବଦା । ୨୧ । ବଣିଜାର—ବଣିକ,

Digitized by srujanika@gmail.com

ବ୍ୟବସାୟୀ । ୨୨ । ନିବର୍ତ୍ତିଲେ—ନିବାରଣ କଲେ । ୨୩ । ଭୁମ୍ବର ବୋଇଲେ—ଭୁମ୍ବ କଥାରେ । ସ୍ୱକୃତ—ନିଜକାର୍ଯ୍ୟ, ନିତ୍ୟକର୍ମ । ଆଡ଼ିତ—ପାଇଛି, ଘରକାମ । ୨୪ । ମତ୍ତହସ୍ତୀ ଯୂଥ—ପାଗଳ ହାତୀ ଦଳ । ଥାଟ—ସୈନ୍ୟ, ଏଠାରେ ଲୋକ । ମୋହେ ରହିଲାକୁ—ମୋର ରହିବା ପାଇଁ—ମୋ ରହିବାରୁ । ୨୫ । ଠୂଳ—ସ୍ଥୂଳ—ଏକଜ । ହୁରିଆ—ରାଜାଙ୍କ ଘରେ ଖଟିଥିବା ପାଇକ । ୨୬ । ଜଗତୀ—ରାଜପ୍ରସାଦ, ରାଜାଙ୍କ ବଡ଼ କୋଠା । ଦଇବ କୃତେ—ଦୈବବଶରୁ, ଅକସ୍ମାତ୍ । ହାଙ୍କି ଆଣ—ଡାକିଆଣ । ୨୮ । ସନ୍ନିଧରେ—ସନ୍ନିଧି ଶବ୍ଦଜ—ସମୀପରେ । ୨୯ । ସଇନ୍ଧ୍ରୀ—ସୈରିନ୍ଧ୍ରୀ ଶବ୍ଦଜ—ଅନ୍ତଃପୁରରେ ବେଶରଚନାକାରିଣୀ । ୩୦ । ଦୁହେଁ ମୋତେ ସମାନ ପର—ଦୁହେଁ ପୃଥକ୍ ହେଲେହେଁ ମୋତେ ସମାନ, ମୁଁ ଏକଦୃଷ୍ଟିରେ ଉଭୟଙ୍କୁ ଦେଖେ ।୩୧। କେହୁଣି—କୌଣସି ।୩୩। ଦୋଶନ୍ଧା—ଶନ୍ଧି ନ ଶନ୍ଧିବା ।୩୫। ଗୋସାଇଁ—ଗୋସ୍ୱାମୀ ଶବ୍ଦଜ, ଗୋ—ଇନ୍ଦ୍ରିୟ, ସେମାନଙ୍କର ସ୍ୱାମୀ—ଜିତେନ୍ଦ୍ରିୟ, ଏଠାରେ—ବ୍ରାହ୍ମଣ ସମ୍ବୋଧନ । ୩୬ । କପାଳେ ତିଳକ ଧାଡ଼ି ସାତ—କପାଳରେ ସାତରେଖ । ସୌଭାଗ୍ୟସୂଚକ ।୩୮। ପରିମାଣି--କଳନା କରି, ଠିକ୍‌କରି । ପ୍ରଳମ୍ବିତ—ପ୍ରଣମିତ ଶବ୍ଦଜ ।୪୦। ଅସ୍ତାନ—ଅସ୍ଥାନ ଶବ୍ଦଜ । ଓହାଡ଼ି—ଅନ୍ତରାଳ କରି, ଆଡ଼କରି । ଖେଉଡ଼ଙ୍କ ଆ—ରାଜ ନିଯୋଗରେ ଯେଉଁମାନେ ଖେଉଡ଼ଙ୍କ ବା ବଡ଼ଭୁଈଁ ବା ରଣଶିଙ୍ଘ ବଜାନ୍ତି । ଜଗିଥା—ଜଗୁଥାଇ, ରକ୍ଷକପଣ । ଚଲାଣ ପରୀକ୍ଷ; ଚଲାଣ—ଚଲାଇବା, ତୋଷା—ପରୀକ୍ଷକ; ପରୀକ୍ଷ—ଯେ ରାଜକର୍ମଚାରୀ ଯେ କାର୍ଯ୍ୟ ଚଳାନ୍ତି ଓ ହିସାବ ରଖନ୍ତି; ଏଠାରେ

Digitized by srujanika@gmail.com

ଯେ ସୈନ୍ୟ ସୂଚନା କରନ୍ତି । ୪୧ । ଅକ୍ଷତ—ଉଆସ୍ତ୍ରଉଳ ।୪୩।
ତଡ୍ଡାଉ—ବସ୍ତ୍ର ଓ ଅଳଙ୍କାରାଦି ।୪୪। ଚୋଳ—ଚୋଳ । ଉଲ୍ଲାସ
ହୋଇ—ଖୁସି ହୋଇ । ପୁଲକିତ—ରୋମାଞ୍ଚିତ, ରୋମ ଠାକୁର
ଉଠିବା । ୪୫ । ଅପୁତ୍ରିକ,—ଅପୁତ୍ରିକ. ନାହିଁ ପୁତ୍ର ଯାହାର
(ବହୁବ୍ରୀ) ସ୍ୱାର୍ଥେକ, (ଅପୁତ୍ରିକ—ଓଡ଼ିଆରେ ପ୍ରୟୋଗସିଦ୍ଧ) । ୪୬।
ଧାଈ—ଉପମାତା; ଯେ ଶିଶୁକାଳରୁ ପିଲାଙ୍କୁ ସେବାକରି ବଢ଼ାଏ ।
ମୃଦୁସୁନ୍ଲା—(ମୃଦୁହାସିନୀ ଶବ୍ଦଜ)—ଦାସୀ । ଶିର ଚୁମ୍ବନ୍ତି (ଓ
ମସ୍ତକ ଆଘ୍ରାଣ କରନ୍ତି)--ଇତ୍ୟାଦି ପ୍ରାଚୀନ ଭକ୍ତି—ପୁଅ ଓ ଝିଅ
ବା କନିଷ୍ଠ ପ୍ରଭୃତିଙ୍କୁ ସ୍ନେହରେ ଆଲିଙ୍ଗନ କଲାବେଳେ ସେମାନଙ୍କ
ଅବନତ ମସ୍ତକ ପିତା ମାତା ଓ ମାନ୍ୟଜନଙ୍କ ମୁହ ତଳେ ହୁଏ.
ତହିଁ ଏପରି ଭକ୍ତି ।

ପଞ୍ଚମ ଛାନ୍ଦ

୧ । ଶୟନ ଶଯ୍ୟା—ଶୋଇବା ଶେଯ (ମଧ୍ୟପଦଲୋପୀ କର୍ମଧା)
ପଶ୍ଚିମମୂର୍ତ୍ତି –ପଶ୍ଚିମକୁ ମୁଖ କରି ଯିବା ।୨। ଦାବାନଳ ଦାବ—
ବନ) ବନାଗ୍ନି ।୪ । ହେଜ—ଠଉରଇ । ୬ । ସମ୍ଭାଇ—ପ୍ରବିଷ୍ଟ
ହେବ । ଲଙ୍ଘି—ନେଇ. ଗ୍ରହଣ କରି ।୭। ପହଣ୍ଡ—ପାଦ (ପଦଣ୍ଡ
ଶବ୍ଦଜ) ।୮। ବରୁପ-କୁରୁପ । ଶ୍ରେଣିତ—(ଶୋଣିତ ଶବ୍ଦଜ) ରକ୍ତ
।୧୦। ଅମୋହ—(ଅମୋଘ ଶବ୍ଦଜ); ଅମେଣ୍ଟଣ, ଅବ୍ୟର୍ଥ । ବନ୍ଧିଲୁ
—ବନ୍ଧନ କଲୁ, ଦେଲୁ ।୧୧। ଅଷ୍ଟକୁଳା—ଅଷ୍ଟନାଗ, ପୃଥିବୀକୁ
ଆଠ ଦିଗରେ ଧରିଥିବା ଆଠଟି ନାଗ—ଅନନ୍ତ, ବାସୁକି,
ପଦ୍ମ, ମହାପଦ୍ମ, ତକ୍ଷକ, କୁଳିକ, କର୍କୋଟକ ଓ ଶଙ୍ଖ । ମୋକ୍ଷ
—ଶାପରୁ ମୁକ୍ତି ।୧୮। ପୀତ ପତଙ୍ଗ —ହଳଦିଆ ପାଟଲୁଗା ।୨୦।

Digitized by srujanika@gmail.com

ସମ୍ବାଦ—(ସମ୍ବାଦ ଶବ୍ଦଜ) ବିଷୟ । ୨୨ । ମହା ବିଦ୍ୟମାନ—ମହାନ୍‌ରୂପରେ ବିରାଜମାନ । ଚତୁର୍ଗୁଣ—ଶୁଦ୍ଧ ସ୍ୱଭାବ । ଛତିଶ ନିଯୋଗ—ଛତିଶ ପ୍ରକାର ଅଧିକାର ବା ସେବା । ୨୩ । ସାରଥି —ରଥଚାଳକ । ୨୪ । ଭିନ୍ନାଭିନ୍ନ—ଛଡ଼ାଛଡ଼ି; ପୃଥକ୍ ଭାବ । (ଭିନ୍ନ ଭିନ୍ନର ସନ୍ଧିଯୋଗରେ ଆକାର ଆଗମ ହୁଏ । ଏକସ୍ୱରୂପ । ୨୫ । ବରଜନ—ବୃତ୍ତି, ବେତନ । ହବିଷ—ହବିଷ୍ ଶବ୍ଦଜ —ଘୃତାନ୍ନ । ଉଦରକୁ ମାନ—ପେଟକୁ ସମ୍ମାନ—ଅର୍ଥାତ୍ ମୋର ଜାତି ଓ ଧର୍ମ ଅନୁସାରେ ଉପଯୁକ୍ତ ଖାଦ୍ୟ ପାଇଲେ, ଉଦରର ମାନ ହେତୁ ମୋର ସମ୍ମାନ ରକ୍ଷା ହେବ । ୨୬ । ଅସବାବ—(ଆରବ୍ୟ) ଗୃହୋପକରଣ, ଜିନିଷପତ୍ର । ଦୁର୍ବଳ-ଅଶକ୍ତ, (ବା ଦୁର୍ଦ୍ଧାନ୍ତ ?), ଦଅଡ଼—(ଦର୍ଣ୍ଡ ଶବ୍ଦଜ) ପ୍ରଧାନ ଦ୍ୱାର ରକ୍ଷକ; ପରସ୍ତ୍ର—ପରୀକ୍ଷକ ଶବ୍ଦଜ; ଦଅଡ଼ ପରସ୍ତ୍ର—ପ୍ରଧାନ ଅଶ୍ୱପାଳ ବାରୁଶାଳ (ବାରୁ ସଂ ବାହ—ଅଶ୍ୱ; ଶାଳା—ଗୃହ) ଘୋଡ଼ା ଶାଳରେ । ୨୭ । ମଣୋହି—ଭୋଜନ । ସାଲଇ—ବିସ୍ତରଇ । ୨୮ । ଉଜାଗର (ଉଦ୍+ଜାଗର) ନିଦରୁ ଉଠି । ବାତୁଳ—(ବାତ+ଉଳ) ଉନ୍ମତ୍ତ—ଉତଲା । ଥୋକେ—(ସ୍ତୋକ୍ ଶବ୍ଦଜ) କେତେକ । ୨୯ । ବାଇ—ବାତୁଳ, ଉନ୍ମତ୍ତ । ୩୩ । ଦେଲି ପଣ—ମୁଁ ଖୋଜି ପାଇଲେ ମୋର ନାମ ହେବ । ୩୪ । ନିରେଖି—ନିରୀକ୍ଷ (ଧାତୁଜ) ଚାହିଁ । ୩୬ । ଠାକୁର— (ପ୍ରଃ ଠାକୁର ଶବ୍ଦଜ) ଦେବତା; ରାଜା ଦେବତା ରୂପରେ କଥିତ । ଶଙ୍ଖୋଳିଲା—ଖୋଜିଲା । ନିଥିର—ଘୋର ।୪୪। ଐତ୍ରେତ —ଅଦ୍ଭୁତ । ୪୫ । କଣ୍ଟି—ଅବଧି, ଠିକଣା ସମସ୍ତ । ୪୬ । ହର-ଗଉରୀ—ମହାଦେବ ଓ ପାର୍ବତୀ । ଆରାଧନା—ପୂଜା । ଶ୍ରୋତା

Digitized by srujanika@gmail.com

ହୋଇଲେ ଶୁଣିଲେ । ୫୦ । ବଇରୀପଣେ—ଶତ୍ରୁପଣରେ, ଶତ୍ରୁ ଭାବରେ । ସାଯୁଜ୍ୟ ମୁକ୍ତି—ଭଗବାନଙ୍କ ଶରୀରରେ ଯୁକ୍ତ ହେବା ରୂପ ମୁକ୍ତି । ୫୦ । ପରମଗତି—ବୈକୁଣ୍ଠ ବା ବିଷ୍ଣୁଙ୍କ ପାଦ । ପ୍ରହ୍ଲାଦ—ହିରଣ୍ୟ କଶିପୁ ଶିବଭକ୍ତ ଓ ବିଷ୍ଣୁଦ୍ରୋହୀ, ତାର ପୁତ୍ର ପ୍ରହ୍ଲାଦ ବିଷ୍ଣୁଭକ୍ତ, ପିତା ପ୍ରହ୍ଲାଦକୁ ପ୍ରାଣରେ ମାରିବାକୁ ଯାଇ କହିଲା ତୋ ବିଷ୍ଣୁଙ୍କୁ ଦେଖା, ସେ କହିଲା ସେ ସର୍ବତ୍ର ବିରାଜମାନ, ଏହି ସ୍ତମ୍ଭରେ ମଧ୍ୟ ଅଛନ୍ତି—ଏହା କହନ୍ତେ ବିଷ୍ଣୁ ନରସିଂହ ମୂର୍ତ୍ତି ଧରି ହିରଣ୍ୟକୁ ବିଦାରଣ କଲେ ।

ଷଷ୍ଠ ଛାନ୍ଦ

୩ । ଅବଧାରିଲା—ନିର୍ଣ୍ଣୟ କଲା । ଖନ୍ଦା—ଶାଳ । ୪ । ଚଙ୍ଗେଡ଼ା—ସୁନ୍ଦର । ୫ । ଶ୍ରୀବାରୁ—ପା ଘୋଡ଼ା । ବେହେବସ ପଣ—ପ୍ରଧାନ କାର୍ଯ୍ୟ । ୭ । ବାହୁକ—ରଥ ବାହକ, ସାରଥି । ୨ । ତର୍କ—ଚର୍ଚ୍ଚା, ବୁଝାଶୁଝା । ୨୨ । ପ୍ରମାଣ—ଉପଯୁକ୍ତ । ୨୭ । ରାଜଗତରେ—ରାଜ କାର୍ଯ୍ୟରେ । ୩୦ । ତେରଖନ୍ଦା—(ତୁରଙ୍ଗଖନ୍ଦାରୁ କି ?)—ଅଶ୍ୱଶାଳା । ୩୫ । ବାଗ ମେଲିଲେ—ଲଗାମ ହସ୍ତଗୃଣା କଲେ । ୩୬ । ଚାଟକା—ଆଶ୍ଚର୍ଯ୍ୟ । ୪୨ । ଉଦ୍ଭାସ୍ୟ—ସୁନ୍ଦର । ୪୪ । ରୁହାଥ—ରଖାଥ (ରହ ଧାତୁର ଣିଜନ୍ତରେ ରୁ, ରୁହାଇବା, କୁହାଇବା, ସୁହାଇବା ଇତ୍ୟାଦି) । ୪୭ । ପୁଣ—ଯୋଜନ, ଗ୍ୱର କୋଶ । ୫୮ । ଅଶ୍ୱହୃତ—ଅଶ୍ୱଙ୍କୁ ଚଳାଇବା । ୫୦ । ମୁଁ ଅଶ୍ୱହୃତ ବିଦ୍ୟା କଥା ବହୁତ ଦିନୁ ଜାଣିଛୁ ଅର୍ଥାତ୍ ଶୁଣିଛୁ । ପାଲଟ—ବଦଳ । (ପର୍ଯ୍ୟସ୍ତ ଶବ୍ଦଜ) ୫୫ । ଦଶଦାନ—ଦଶ ସଂଖ୍ୟାର ପଟ । ଅବଜ୍ଞା—ଅବହେଳା,

Digitized by srujanika@gmail.com

ଅନ୍ୟଥା । ୬୦ । କଉତୁକ—କୁତୂହଳ, ଆଶ୍ଚର୍ଯ୍ୟର ବିଷୟ । ୬୮ । ବାହାଡ଼ା (ସଂ ବିଭୀତକ, ପ୍ରାଃ ବହେଡ଼) ଓ ହରଡା, ବାହାଡ଼ା ଓ ଅଁଳା ଏଗୁଡ଼ି ଫଳାରୁ ଏକ ପଳର ବୃକ୍ଷ । ୭୧ । ପ୍ରାସ—(ପ୍ରୟାସ ଶବ୍ଦଜ) କ୍ଲେଶ, ଯାତନା । ୭୯ । ପ୍ରମାଦ—ଦୁଃଖ, କଷ୍ଟ । ୭୦ । ବିଧାତା ନହଲା ମୋତେ—ମୁଁ ବିଧି ନିର୍ଦ୍ଦେଶରେ ଅପ୍ରମିତେ—ବହୁତ, ଅକଳନ୍ତ । ୯୨ । ଉଚ୍ଛନ୍ନ—ଉଦ୍‌ବେଗ, ଉଚଳପଣ, ବିଶେଷ୍ୟରୂପେ ପ୍ରଯୁକ୍ତ । ୯୮ । ଶାରଙ୍ଗ—ଧନୁ (ଶୃଙ୍ଗନିର୍ମିତ) । ଶ୍ରୀପତି—ଲକ୍ଷ୍ମୀଙ୍କ ସ୍ୱାମୀ ।

ସପ୍ତମ ଛାନ୍ଦ

୧ । ଚତୁରଙ୍ଗ ଦଳ—ରଥ, ହସ୍ତୀ, ଅଶ୍ୱ, ପଦାତି—ଗୁରି ରକମ ବଳ । ୨ । ପହଣ୍ଡ ମଣାଇ—ହାତ ଧରି ଚଳାଇବା ବା ସଙ୍ଗରେ ଆଣିବା । ୧୨ । ହୋଉଛି - ହେଉ (ଏହିପରି କରଛି, ବଦଛି ପ୍ରଭୃତି ବହୁତ ଦୃଷ୍ଟ ହୁଏ) । ୨୨ । ସଞ୍ଚା—(ସଞ୍ଚୟ ଶବ୍ଦଜ, ଛଞ୍ଚା, ଖାଦ୍ୟର ସାମଗ୍ରୀ । ୨୩ । ସପାଗୀ—ସ୍ୱୟଂପାକକାରୀ । ୨୪ । ଶୁଚିବନ୍ତ—ଆଗୃହସମ୍ପନ୍ନ, (ଶୁଚିବନ୍ତ, ଶ୍ରୀବନ୍ତ ଶବ୍ଦରୁ ଜଣାଯାଏ—ପ୍ରାଚୀନ ଓଡ଼ିଆରେ ଅନେକ ଅନେକ ସ୍ଥାନରେ ମନ୍ତସ୍ଥାନରେ ବନ୍ତ ପ୍ରଯୁକ୍ତ ହୁଏ) । ୩୧ । ଚଣ୍ଡୁଳ—ଉଜ୍ଜଳ । ୪୧ । ଖିରୁଆଣି—ଖିରି ରାନ୍ଧିବା ପାଣି । ୪୭ । ହୂରୁ ହୂରୁ—ପ୍ରବଳ ଭାବରେ । ୫୨ । ଚଳାଇଣ ଦେଲେ—ହାତ ଘୂରାଇ ଭୁଲାଇ ଦେଲେ । ୭୫ । ଚଉଣ—(ଚେମନ ଶବ୍ଦଜ) ଚିରକାଣ୍ଡ । ୭୭ । ଠାବ—ସ୍ଥାନ, ପାଙ୍ଗ । ୭୭ । ସଜାତି—ଉତ୍ତମ ବର୍ଣ୍ଣର । ଟେରବାଡ଼—ବସ୍ତ୍ରାବରଣ, କନାଟି ବାଡ଼ । ୮୨ ।

Digitized by srujanika@gmail.com

ଅନ୍ତେ—ମଧ୍ୟରେ । ୮୪ । ଅନୀତ—ଅନ୍ୟାୟ, ଅଧର୍ମ । ୮୮ । ଦେବତାନ୍ତ—ଦେବତାଙ୍କୁ । ବିଡ଼ମ୍ବଣ—ଯନ୍ତ୍ରଣା, ପୀଡ଼ା । ଅଷ୍ଟଲୋକପାଳ—ଅଷ୍ଟଦିଗର ଅଧିପତି ଦେବତା—ଇନ୍ଦ୍ର, ଅଗ୍ନି, ଯମ, ନୈଋତ, ବରୁଣ, ବାୟୁ, କୁବେର, ଈଶ । ୧୦୪ । ମୂର୍ଚ୍ଛନା—ମୁଣ୍ଡ । ଶୂନ୍ୟମାର୍ଗ—ଆକାଶ । ୧୧୮ । ପହ୍ନରିଲେ; ପରିଧାନ କଲେ—ପହ୍ନରିଲେ; ଏଠାରେ ହଓର ର ବର୍ଣ୍ଣ ବିପର୍ଯ୍ୟୟ, ଦିଶିଲେ । ୧୧୯ । ଲୋଟିଲେ (ସଂସ୍କୃତ ଲୁଠ—ପ୍ରାକୃତ ଲୋଟ)—ଗଡ଼ିଲେ । ୧୨୦ । ବଧାଇ (ହୁଳୀ ମଧ୍ୟ)—ପୁରସ୍କାର, ପାରିତୋଷିକ । ୧୨୬ । ଲାଗି ହୋଇଥିଲେ—ଚିହ୍ନିଥିଲେ । ଓଳଗି—ନମସ୍କାର କରି (ଅବଲଗ୍ନ ଶବ୍ଦଜ) । ୧୩୪ । ନିଧି—ରତ୍ନ, ଏଠାରେ ପୁରୁଷରତ୍ନ । ୧୦୨ । ମତାଇଣ—ଉନ୍ମତ୍ତ କରାଇଣ (ମତ୍ତ କରାଇ) । ଜୁର—ବଳାତ୍କାରରେ, ହରଣ କରାଇବା । ୧୪୬ । ସାଧୁତ—ସୌଦାଗର, ବୋଇତୁ-ଆଳ, ବଣିକ । ୧୫୧ । ଅପହୁଡ଼ ହୋଇ—ନିଦ୍ରାରୁ ଉଠି । ୧୬୧ । କଟକାଇ—ସୈନ୍ୟସାଜ ଯାତ୍ରା କରିବା । ୧୭୯ । ଅଣଅୟୁତ—(ଅନାୟତ୍ତ ଶବ୍ଦଜ) ଅଗଣିତ । ୧୮୨ । ସୁବର୍ଣ୍ଣ × × × ଲମ୍ବାଇଲା—ଏହି କୁଠାରରେ ମୋତେ ମାରନ୍ତୁ ଏହା କହି—ନଳର ଅପରାଧମଣି ଶରଣ ପଶିଲା । ୨୦୫ । ଦାରୁବ୍ରହ୍ମ—ଦାରୁ—କାଷ୍ଠ—ସେ ହୋଇଲା ବ୍ରହ୍ମ (ରୂପକ) କାଷ୍ଠମୂର୍ତ୍ତି ଜଗନ୍ନାଥ ୨୦୭ । କଳାଆଖି, ଚକାଡ଼ୋଳା, ସୁରଙ୍ଗ ଅଧର—ବହୁବ୍ରୀହି; ଜଗନ୍ନାଥଙ୍କ ବିଶେଷଣ ।

Printed by D. Das, at the Dasharathi Press, Cuttack—1940

Digitized by srujanika@gmail.com